




ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୦୮ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 JUNE 2022
Vol.No. 35 ■ No. 149 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧





ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ପ୍ରାପ୍ତିସ୍ଥାନ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧




# ପୌରସଦନ ହଲ୍ ଭଡ଼ା କମାଅ : ଆପ୍

ପୁରୀ,୦୭/୦୬ (ନି.ପ୍ର): ଦୀର୍ଘଦିନ ଧରି ପୁରୀରେ ପୌରପାଳିକା ନିର୍ବାଚନ ହେଉନାହିଁ। ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ପୌରପାଳିକାରେ ବିଭିନ୍ନ ପ୍ରକାର ନିଷ୍ପତି ନିଆଯାଉଛି, ପୁରୀ ବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଉ ନାହିଁ । ବର୍ତମାନ ପୁରୀ ପୌରସଦନ ଶୀତତାପନିୟନ୍ତ୍ରିତ ହେବାପରେ ପ୍ରାୟ ୫ ଗୁଣ ଦର ବୃଦ୍ଧି ହୋଇ ୨୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଯାହା ପୁରୀର ବିଭିନ୍ନ ବେସରକାରୀ ସଙ୍ଗଠନ ପାଇଁ ଧାର୍ଯ୍ୟ ହୋଇଥିବା ବର୍ଦ୍ଧିତ ଦର ଦେଇ କୌଣସି ସାଂସ୍କୃତିକ ବା ସାଂଗଠନିକ କାର୍ଯ୍ୟକ୍ରମ କରିବା ଏକ ପ୍ରକାର ଅସମ୍ଭବ ହୋଇପଡିଛି । ଆଗକୁ ପୌର ନିର୍ବାଚନ ହୋଇ ଜନପ୍ରତିନିଧି ନିର୍ବାଚିତ ହୋଇ ପୁରୀ ବାସୀଙ୍କ ମତାମତ ନେବା ପର୍ଯ୍ୟନ୍ତ ବର୍ତମାନ ଦରକୁ ହ୍ରାସ କରିବା ଦାବିରେ ଆମ୍ ଆଦ୍ମୀ ପାର୍ଟି (ଆପ) ୟୁଥ୍ ୱିଙ୍ଗ ତରଫରୁ ପୁରୀ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଆପ କର୍ମୀମାନେ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ନୋ ପ୍ରଫିଟ ନୋ ଲସ ହିସାବରେ ଦର କମ୍ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ବିରୋଧ ପ୍ରଦର୍ଶନରେ ଜିଲ୍ଲା ଯୁବ ସଭାପତି ଅଂଶୁମାନ ଶତପଥୀଙ୍କ ନେତୃତ୍ୱରେ ସୁଧାଂଶୁ ଶେଖର ନାଏକ, ସୁନୀଲ ଜେନା, ରାକେଶ କୁମାର ନନ୍ଦ, ଅନିଲ କୁମାର ସେନାପତି, ଚିନ୍ମୟୀ ରଥ, ପାର୍ବତୀ ପ୍ରଧାନ, ଅଜୟ କୁମାର ନାୟକ, ରଞ୍ଜନ କୁମାର ପ୍ରଧାନ, ଏସ. ନାରାୟଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୟପୁରରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ଜୟପୁର, ୬ ଜୁନ (ହି.ସ.) - ଜୟପୁର ଉପ ଜିଲ୍ଲାପାଳ କାର୍ଯ୍ୟାଳୟରେ ଆଜି ଜିଲ୍ଲାପାଳ ଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ କୋରାପୁଟ ଜିଲ୍ଲାପାଳ ଅବଦୁଲ ମହମ୍ମଦ ଆକ୍ତର, ଏସପି ବରୁଣ ଗୁଣ୍ଡପାଲ୍ଲି, ପିଡି ଡିଆରଡିଏ ହେମକାନ୍ତ ସାୟ, ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବ୍ଲକ ଅଧକ୍ଷା ତିଳତମା ମୁଦୁଲି, ଉପ ଜିଲାପାଳ ବେଦବର ପ୍ରଦାନ ପ୍ରମୁଖ ଉପସ୍ଥିତ ଥିଲେ । ଆନ୍ୟ ମାନଙ୍କ ମଧରେ ରାସ୍ତା ଓ ଗୃହ ବିଭାଗର ନିବାହୀ ଯନ୍ତ୍ରୀ ଭାଷ୍କର ସାମନ୍ତରାୟ,ସିଡିଓମଓ ଅରୁଣ ପାଢୀ, ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ବା, ଜିଲା ଶ୍ରମ ଅଧିକାରୀ ପସନ୍ନ କୁମାର ପାଣିଗ୍ରାହୀ,ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ସୁରଜ କୁମାର ପଟ୍ଟନାୟକ,ଏସଡିପିଆରଓ ଯଶୋଦା ଗାଧବା, ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ, ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି, ସହ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିବା ବେଳେ ଦୀର୍ଘ ୨ ବର୍ଷ ପରେ ଜୟପୁର ଉପ ଜିଲ୍ଲାପାଳ କାର୍ଯ୍ୟାଳୟରେ ଜିଲ୍ଲା ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟାଳୟରେ ଟେଣ୍ଟ, ପାନୀୟ ଜଳର ବ୍ୟବସ୍ଥା ସହ ହୁଇଲ ଚେୟାରର ବ୍ୟବସ୍ଥା କରାଯାଇଥିଲା । ଶିବିରରେ ଗୋଷ୍ଠି ଓ ବ୍ୟକ୍ତିଗତ ୩୧ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା । ଜମି ଜମା ବିବାଦ, ସରକାରୀ କର୍ମଚାରୀଙ୍କ ବଦଳି ପ୍ରସଙ୍ଗ, ସ୍ୱାସ୍ଥ୍ୟଗତ ସମସ୍ୟା, ଜୟପୁର ତହସିଲ କାର୍ଯ୍ୟାଳୟରେ ଓକିଲ ଙ୍କ ପାଇଁ ବାର ପାଇଁ ଗୃହ ,ଜଗନ୍ନାଥ ସାଗରର ବିକାଶ ଶ୍ମଶ୍ମାନ ର ବିକାଶ , ସହ ଦଳେଇ ସମାଜର ଶ୍ମଶାନର ଜମିର ବିକାଶ ସହ ପାଚେରୀ, ରକ୍ଷଣା ବେକ୍ଷଣ ଆଦିର ଶୁଣାଣି କରିଥିଲେ ଜିଲ୍ଲାପାଳ । ଜୟପୁର ସହରର ପାରାବେଢା ପରଜାସାହିରେ ପାନିୟ ଜଳ ସମସ୍ୟା ଲାଗିରହିଛି । ଏନେଇ ଆଜି ମହିଳା ମାନେକ ଏକତ୍ରି ହୋଇ ଜୟପୁର ଉପ ଜିଲାପାଳ ଙ୍କ କାଯ୍ୟାଳୟରେ ଜିଲାପାଳ ଙ୍କ ଦ୍ୱାରସ୍ଥ ହୋଇଥିଲେ । ତୁରନ୍ତ ପାନୀୟ ଜଳ ସମସ୍ୟା ସମାଧାନ ପାଇ ଦାବି କରିଥିଲେ । ଜିଲାପାଳ ଟେଙ୍କର ଯୋଗେ ପାନିୟ ଯୋଗାଇବା ପାଇ ପିଏଚଡି ଓ ପୌର କାଯ୍ୟନିବାହି ଅଧିକାରିଙ୍କୁ ନିଦ୍ଦେଷ ଦଇଛନ୍ତି । ସେହିପରି ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ନିଦ୍ଦେଷ ପ୍ରକାରେ ଆରଏସ ସ୍କିମରେ ଚାକିରେ ଦେବାକୁ ଦାବି କରାଯାଇଛି । କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କରେ କାଯ୍ୟରତ ଥିବା ସମୟରେ ମୃତ୍ୟୁ ବରଣ କରିଥିଲେ ଉତ୍ତରାଧିକାରି ଙ୍କୁ ତୁରନ୍ତ ଥଇଥାନ କରିବାକୁ ନିଦ୍ଦେଷ ରହିଛି । କିନ୍ତୁ ୧୦ ବର୍ଷ ବିତି ଯାଇଥିଲେ ବି ବ୍ୟାଙ୍କ କଣ୍ଡପାତ କରୁ ନାହିଁ । ତେଣୁ ଜିଲାପାଳ ହସ୍ତକ୍ଷେପ କରିବାକୁ ଦାବି କରାଯାଇଥିଲା । ଜୟପୁର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ନୁଆଗୁଡା ବସ୍ତିବାସିନ୍ଦାଙ୍କ ଘର ଡିହ ପଟ୍ଟା ନିମନ୍ତେ ଦାବୀ କରାଯାଇଛି । ପଟ୍ଟା ପାଇଥିବା କେତକ ପରିବାର ଘର କରି ରହୁଛନ୍ତି । ତେଣୁ ତୁରନ୍ତ ଘର ଡିହ ପଟ୍ଟା ଦେବା ପାଇ ଦାବି କରିଛନ୍ତି ।

# ଖଡ଼ିଆଳ ବ୍ଲକ ଅଙ୍ଗନୱାଡି କର୍ମୀଙ୍କ ବୈଠକ

ନୂଆପଡା,୦୭/୦୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ କଲ୍ୟାଣ ମଣ୍ଡପ ଦୁଇ ଠାରେ ୱାର୍ଲଡ଼ ଭିଜନ ଇଣ୍ଡିଆର ଖଡ଼ିଆଳ ଶାଖା ତରଫରୁ ଶିଶୁ ମାତୃ ମୃତ୍ୟୁ ରୋକିବା ଓ ଅପପୁଷ୍ଟି ଦୂର କରିବା ନେଇ ବ୍ଲକର ଅଙ୍ଗନୱାଡି କର୍ମୀ ମାନଙ୍କୁ ନେଇ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଇସିଡିଏସ ସୁପରଭାଇଜର ତୁଳସୀଲତା ରାଉତ, କଳ୍ପନା ରାଉତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁ ଓ ମାଆ ମାନଙ୍କ ପାଇଁ ଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ୱାର୍ଲଡ଼ ଭିଜନର କାର୍ଯ୍ୟକ୍ରମ ଅଧିକାରୀ ମାଆ ଓ ଶିଶୁ ସୁରକ୍ଷା ପାଇଁ ଅନୁଷ୍ଠାନ ତରଫରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିବା ସହ ଆସନ୍ତା ବର୍ଷ ଶେଷ ସୁଦ୍ଧା ଖଡ଼ିଆଳ ଅଂଚଳରୁ ଅପପୁଷ୍ଟିକୁ ସମ୍ପୂର୍ଣ୍ଣ ହ୍ରାସ କରାଯିବ ବୋଲି ସୂଚନା ଦେଇଥିଲେ।

ଏହି ବୈଠକରେ କେୟାର ଗ୍ରୁପ ସୁପରଭାଇଜର ସୁରେଶ ଚନ୍ଦ୍ର ଜାଲ, ଅହଲ୍ୟା ନନ୍ଦ, ଲୋକନାଥ ନିଆଲ, ଶୁଭାଚନ୍ଦ୍ର ମାଝୀଙ୍କ ସମେତ ସିଡିଏଫ ଡାଭିଡ ନିଆଲ,ଏମ. ଭାସ୍କର ରାଓ, ଇମାନୁଏଲ ହନୁମାନ, ଜ୍ୟୋତିପ୍ରଭା ତରାଇ, ଶକ୍ତିରଞ୍ଜନ ନନ୍ଦ, କିଶୋର ନାଏକ ପ୍ରମୁଖ ଖଡ଼ିଆଳ ଅଂଚଳର ପୁଷ୍ଟିହୀନତା ସ୍ଥିତି ଉପସ୍ଥାପନ କରି ଅନୁଷ୍ଠାନ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସହଯୋଗ ବିଷୟରେ କହିଥିଲେ। ଖଡ଼ିଆଳ ବ୍ଲକର ୮୨ ଜଣ ଅଙ୍ଗନ ୱାଡି କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ।

# ସରକାରଙ୍କ ପ୍ଲାଷ୍ଟିକ ଓ ପଲିଥିନ୍ ଉପରେ କଟକଣା : ପ୍ରହସନରେ ପରିଣତ

ସମ୍ବଲପୁର,୦୭/୦୬ (ନି.ପ୍ର): ରାଜ୍ୟ ସରକାର ପ୍ରଥମେ ୫ ଟି ମହାନଗର ନିଗମ ସମେତ ପୁରୀ ସହରରେ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରିଥିଲେ। ପରବର୍ତୀ ସମୟରେ ପ୍ଲାଷ୍ଟିକ, ପଲିଥିନ୍ ବ୍ୟବହାର, ବିକ୍ରି, ଆମଦାନୀ, ରପ୍ତାନୀ ଓ ବଂଟନ ଉପରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଥିଲା। ଏସଏମସି ଅଂଚଳରେ ପ୍ରଶାସନ ପକ୍ଷରୁ ପ୍ରଥମେ ପ୍ରଥମେ ଧରପଗଡ ପରେ ଏବେ ମହାନଗର ନିଗମ କର୍ତୃପକ୍ଷ ତଥା ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଶିଥିଳ ପଡ଼ି ଯାଇଥିବା ପଶ୍ଚିମ ଓଡ଼ିଶା କଲ୍ୟାଣ ସମିତି ସଭାପତି ଶ୍ରମିକ ନେତା ପ୍ରଶାନ୍ତ ପାଢ଼ୀ ଅଭିଯୋଗ କରିଛନ୍ତି। ପଲିଥିନ୍ ଓ ପ୍ଲାଷ୍ଟିକର ବହୁଳ ବ୍ୟବହାର ବର୍ତମାନର ପରିବେଶ ପାଇଁ ମୁଖ୍ୟ ଚିନ୍ତାର କାରଣ ସାଜିଛି ବୋଲି ଶ୍ରୀ ପାଢ଼ୀ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ପ୍ରଶାସନର ଶୀଥିଳ କଟକଣାକୁ କେହି ମାନୁ ନଥିବା ଏକ ଦେହସୁହା ଘଟଣାରେ ପରିଣତ ହୋଇଛି । ସମ୍ବଲପୁର, ବୁର୍ଲା, ହୀରାକୁଦ ସହରରେ ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର କଟକଣା ସଂପ୍ରତି ପ୍ରହସନରେ ପରିଣତ ହୋଇଛି । ପନିପରିବା, ଫଳ, ରାସନ୍ , ଏପରିକି ଔଷଧ ଓ ଖାଦ୍ୟ ପଦାର୍ଥ ଦେଣନେଣ ଦିଗରେ ପଲିଥିନ୍ ବ୍ୟବହାର ଏକ ପ୍ରମୁଖ ମାଧ୍ୟମ ସାଜିଛି । ପଲିଥିନର ବ୍ୟବହାର ପରେ ତାକୁ ଏଣେତେଣେ ଫୋପାଡି ଦେବା ଫଳରେ ଆବର୍ଜନା ସୃଷ୍ଟି କରିବା ସହ ନାଳ ନର୍ଦ୍ଦମାରେ ପଡି ଆବର୍ଜନା ଜଳ ନିଷ୍କାସନ ହେବାରେ ଅନ୍ତରାୟ ସୃଷ୍ଟି କରୁଥିବା ଦେଖିବାକୁ ମିଳୁଛି । ଅପରପକ୍ଷେ ପ୍ଲାଷ୍ଟିକ ଓ ପଲିଥିନ ମାଟିରେ ପଡି ସହଜରେ ଜୈବ ବିଘଟନ ଘଟୁନଥିବା ଯୋଗୁଁ ଏକ ବିଷାକ୍ତ ପରିବେଶ ସୃଷ୍ଟି କରାଇ ଆସୁଛି । ଫଳରେ ମଣିଷ ପରିବେଶ ପ୍ରଦୂଷଣ ଭଳି ଚରମ ପରିସ୍ଥିତିର ସମ୍ମୁଖୀନ ହେଉଥିବା ଶ୍ରୀ ପାଢ଼ୀ କହିଛନ୍ତି। ଦିନକୁ ଦିନ ପ୍ରଦୂଷଣ ବଢୁଥିଲେ ମଧ ଏହା ପ୍ରତି ପ୍ରଶାସନ କି କୌଣସି ଲୋକପ୍ରତିନିଧିଙ୍କ ଦୃଷ୍ଟି ନ ପଡ଼ିବା ଜନଜୀବନ ପ୍ରତି ବିପଦ ସୃଷ୍ଟି କରିବାରେ ଲାଗିଛି । ରାସ୍ତା କଡ ଉଠା ଦୋକାନୀ, ସମସ୍ତ ହୋଟେଲ, ପାନ ଦୋକାନ, ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନରେ ଏହାର ବହୁଳ ବ୍ୟବହାର କରାଯାଉଛି। ସମ୍ବଲପୁର, ବୁର୍ଲା, ହୀରାକୁଦ ସହର ସାରା ଗଦା ଗଦା ପଲିଥିନ୍ ଓ ପ୍ଲାଷ୍ଟିକ ବ୍ୟବହାର ହେଉଥିବା ସତ୍ତ୍ୱେ ବିଭାଗୀୟ ଉଦାସୀନତା ଏହାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ବୁର୍ଲା ସହରରେ ବହୁ ନାଳରେ ପ୍ଲାଷ୍ଟିକ, ପଲିଥିନ୍ ବର୍ଷ ବର୍ଷ ପଡ଼ିରହି ପାଣି ନିଷ୍କାସନରେ ବାଧା ସୃଷ୍ଟି କରୁଛି। କେତେକ ଡ୍ରେନ୍ ପୋତି ହୋଇଗଲାଣି। ପାଣି ନିଷ୍କାସନ ନ ହେବା ଫଳରେ ସାମାନ୍ୟ ବର୍ଷା ହେଲେ ପାଣି ଘର ଭିତରକୁ ପଶୁଛି। ମହାନଗର ନିଗମ କର୍ତୃପକ୍ଷଙ୍କୁ ଅବଗତ କରାଯାଇଛି, ହେଲେ କାମରେ କିଛି ଦେଖାଯାଉନାହିଁ। ବର୍ଷା ଦିନ ପୂର୍ବରୁ ନାଳରୁ ପଲିଥିନ୍, ପ୍ଲାଷ୍ଟିକ ବାହାର କରାଯିବା ସହିତ ପ୍ଲାଷ୍ଟିକ ପଲିଥିନ୍ ବ୍ୟବହାର କଟକଣାକୁ କାର୍ଯ୍ୟକାରୀ କରିବାକୁ ପଶ୍ଚିମ ଓଡ଼ିଶା କଲ୍ୟାଣ ସମିତି ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ଶ୍ରୀ ପାଢ଼ୀ ଦାବି କରିଛନ୍ତି।

# ନିଶା ବେପାରୀ ରଜନୀକାନ୍ତର ୬ କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତି ବାଜ୍ୟାପ୍ତି

ଗଞ୍ଜାମ,୦୭/୦୬ (ନି.ପ୍ର): କୋଟିପତି ନିଶା ବେପାରୀର ୬ କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତି ବାଜ୍ୟାପ୍ତି ହୋଇଛି । ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଗିରଫ ହୋଇ ଜେଲ୍ ରେ ଥିବା ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ଖୋଜାପଲ୍ଲୀ ଗ୍ରାମର ରଜନୀକାନ୍ତ ପଟ୍ଟନାୟକଙ୍କ ୬ କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତିକୁ ବାଜ୍ୟାପ୍ତି କରିଛି ଅର୍ଥ ମନ୍ତ୍ରାଳୟ କୋଲକାତା କାର୍ଯ୍ୟାଳୟର କମ୍ପିଟେଂଟ ଅଥୋରିଟି। ଏସବୁ ମଧରେ ରହିଛି ୪ କୋଟି ୫୨ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ନଗଦ ୭୫ ଲକ୍ଷ ଟଙ୍କା, ବ୍ୟାଙ୍କ ଆକାଉଂଟରେ ଜମାଥିବା ୫ ଲକ୍ଷ ଟଙ୍କା, ୩ ଲକ୍ଷ ଟଙ୍କାର ଏଲଆଇସି ପଲିସି ଏବଂ ୩୨ ଲକ୍ଷ ଟଙ୍କାର ଜମି। ଏହି ସବୁ ସମ୍ପତି ବାଜ୍ୟାପ୍ତି ହୋଇଥିବା ନେଇ ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଚିଠି ହୋଇଥିବା ଖଲ୍ଲିକୋଟ ଥାନା ଅଧିକାରୀ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ୨୦୨୧ ମସିହା ଅକ୍ଟୋବର ୨୨ ତାରିଖରେ ରଜନୀକାନ୍ତ ଏକ ସ୍କୁଟି ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ପୋଲିସ ତାକୁ ଗିରଫ କରିଥିଲା । ପରେ ତାଙ୍କ ଘରେ ଚଢ଼ଉ କରାଯାଇ ଗଞ୍ଜେଇ ୩୫ କେଜି ଗଞ୍ଜେଇ, ୧୦ କେଜି ଅଫିମ ଜବତ କରିଥିଲା । ଚଢ଼ଉ ସମୟରେ ରଜନୀକାନ୍ତଙ୍କ ଘରୁ ୮ କେଜି ୫୦୦ ଗ୍ରାମ ସୁନା ଅଳଙ୍କାର ଓ ନଗଦ ୭୫ ଲକ୍ଷ ଟଙ୍କା ଜବତ ହୋଇଥିଲା। ଏ ସଂକ୍ରାନ୍ତରେ ଖଲ୍ଲିକୋଟ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିଲା । ପରେ ପୁଲିସ ରଜନୀକାନ୍ତଙ୍କ ଅର୍ଥନୈତିକ କାରବାର ବାବଦରେ ତଦନ୍ତ କରିବାକୁ କମ୍ପିଟେଂଟ ଅଥରିଟିଙ୍କୁ ଅନୁରୋଧ କରିଥିଲେ। ଅଥରିଟି ଏକ ମାମଲା ରୁଜୁ କରି ଏନେଇ ତଦନ୍ତ ଆରମ୍ଭ କରିଥିଲେ। ଅଥୋରିଟି ପକ୍ଷରୁ ରଜନୀକାନ୍ତଙ୍କୁ ପଚରାଉଚରା କରାଯାଇଥିବା ବେଳେ ସେ ସମ୍ପତି କେମିତି ରୋଜଗାର କରିଛନ୍ତି ତାହାର ସନ୍ତୋଷଜନକ ଉତର ରଖିପାରି ନ ଥିଲେ । ଯାହା ଫଳରେ ଜୁନ ୪ ତାରିଖରେ ତାଙ୍କ ସମସ୍ତ ସମ୍ପତି ବାଜ୍ୟାପ୍ତି କରାଯାଇଥିବା ନେଇ କମ୍ପିଟେଂଟ ଅଥୋରିଟି ଥାନା ଅଧିକାରୀଙ୍କୁ ଏକ ମେଲ୍ ଯୋଗେ ସୂଚନା ଦେଇଛନ୍ତି।

# ଯୋଡ଼ାପୁଟ ଗ୍ରାମରେ ବର୍ଷ ବର୍ଷ ଧରି ଲାଗି ରହିଛି ପାନୀୟ ଜଳ ସଙ୍କଟ

ମାଲକାନଗିରି,୦୭/୦୬ (ନି.ପ୍ର): ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ଉପାନ୍ତ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପାପଲୁର ପଚାଂୟତ ଯୋଡାପୁଟ ଗ୍ରାମର ୬୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାର ପାନୀୟ ଜଳ ପରି ମୌଳିକ ସୁବିଧା ସୁଯୋଗରୁ ବଂଚିତ ଥିବାର ଦେଖିବାକୁ ମିଳିଛି । ଗ୍ରାମରେ ୩ଟି ନଳକୂପ ଥିଲେ ମଧ ଖରାଦିନେ ସେଥିରେ ପାଣି ବାହାରୁ ନାହିଁ। ସେଥିପାଇଁ ସେଠାରେ ସରକାର ଏକ ସୋଲାର ପଏଂଟ ୪ ବର୍ଷ ତଳେ ବସାଇଥିଲେ, ମାତ୍ର ତାହା ୨ ମାସ ଚାଲିବା ପରେ ଏ ପର୍ଯ୍ୟନ୍ତ ବନ୍ଦ ଅବସ୍ଥାରେ ପଡ଼ି ରହିଛି । ଏଥିପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ହେଲେ ସମସ୍ୟା ଯାହାକୁ ତାହା। ଏନେଇ ଗ୍ରାମବାସୀ ମାନେ ବ୍ୟକ୍ତିଗତ ଓ ଶ୍ରମଜୀବି ଓ ମହିଳା ଶ୍ରମଜୀବି ସଙ୍ଗଠନର ଆମ ପାଇଁ ପାଣି ଅଭିଯାନ ମାଧମରେ ବହୁବାର ପଚାଂୟତ ବ୍ଲକ ସ୍ତରରେ ଜଣାଇଥିଲେ ମଧ ତାହାର ସୁଫଳ ମିଳୁ ନଥିବା ଲୋକମାନେ ଅଭିଯୋଗ କରିଛନ୍ତି। ଗ୍ରାମରେ ପିଇବା ପାଣି ମୁନ୍ଦାଏ ପାଇଁ ବହୁତ ବାଟ ଚାଲି ଚାଲି ଯାଇ ଚୁଆରୁ ପାଣି ଆଣୁଥିବା ଗ୍ରାମର ଭୀମ ହନ୍ତାଳ, ପୂର୍ଣ୍ଣିମା ଖରା, ସମରା ଖିଲ, ବିଶୁ କିଣ୍ଡାଲ, ମଙ୍ଗଳା ହନ୍ତାଳ ପ୍ରମୁଖ ଗ୍ରାମବାସୀ ମାନେ କହିଛନ୍ତି । ଆଗାମୀ ଦିନରେ ଏହାର ତୁରନ୍ତ ସମାଧାନ ପାଇଁ ସେମାନେ ଦାବୀ କରିଛନ୍ତି ।

# ଟିଟିଲାଗଡରେ ୨୨ତମ ଶୀତଳ ଷଷ୍ଠୀ ଯାତ୍ରା

ବଲାଙ୍ଗିର,୦୭/୦୬ (ନି.ପ୍ର): ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଟିଟିଲାଗଡରେ ୨୨ ତମ ଶୀତଳଷଷ୍ଠୀ ଯାତ୍ରା ପାଇଁ ଶନିବାର ପ୍ରଭୁ ଧବଳେଶ୍ୱରଙ୍କ ମନ୍ଦିରରୁ ପ୍ରଭୁ ଶିବ ଏବଂ ମାତା ପାର୍ବତୀଙ୍କୁ ବର ପିତାମାତା ଏବଂ କନ୍ୟା ପିତାମାତା ପୂଜାର୍ଚ୍ଚନା କରି ନିଜର ଘରକୁ ନେଇଥିଲେ। ପୂର୍ବତନ ନଗରପାଳ ଶୁଭ୍ରାଂଶୁ ଦାସଙ୍କ ସଭାପତିତ୍ୱରେ ବର ପିତାମାତାଙ୍କ ସହ ସହରବାସୀ ବରଯାତ୍ରୀ ହୋଇ ପ୍ରଭୁ ଶିବଙ୍କ ପିତାମାତା, ସମ୍ପର୍କୀୟ ମାନେ ଡ଼ିଙ୍ଗେ ଏବଂ ବାଜାର ତାଳେ ତାଳେ ନାଚି ନାଚି କନ୍ୟା ପିତାମାତା ଥିବା ହାଟପଦା ପଡ଼ାର ଟିଟିଲାଗଡରେ ୨୨ ତମ ଶୀତଳଷଷ୍ଠୀ, ହାଟପଦା ପଡ଼ା ପ୍ରହରୀ ମଣ୍ଡପରେ ପହଂଚିଥିଲେ ବରଯାତ୍ରୀ। ପରେ ଶିବ ବିବାହ ଅନୁଷ୍ଠିତ ହୋଇଥିଲା। ବରଯାତ୍ରୀ ମଣ୍ଡପ ଠାରେ ପହଂଚିବା ପରେ କନ୍ୟା ଘର ଲୋକେ ପ୍ରଭୁ ଶିବ ଏବଂ ସାଙ୍ଗରେ ଥିବା ପରିବାର ବର୍ଗଙ୍କୁ ବିବାହ ମଣ୍ଡପ ନିକଟକୁ ପାଛୋଟି ନେଇଥିଲେ। ପଣ୍ଡିତ ନେତ୍ରା ନନ୍ଦ ମିଶ୍ର ଏବଂ ଅଶୋକ ରଥଙ୍କ ମନ୍ତ୍ର ଉଚ୍ଚାରଣରେ ପୂଜା କାର୍ଯ୍ୟ ସମ୍ପନ୍ନ ହେବା ପରେ ଶୀତଳ ଷଷ୍ଠୀ ପାଇଁ ଭକ୍ତଙ୍କ ଉପସ୍ଥିତିରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଚଳିତ ବର୍ଷ କନ୍ୟା ପିତାମାତା ଭାବେ ସର୍ଗିଗୁଡ଼ା ଅଶୋକ ନଗର ନିବାସୀ ଶଙ୍କର ଲାଲ ଶର୍ମା ଏବଂ ତାଙ୍କର ଧର୍ମପତ୍ନୀ ଉମାଦେବି ଶର୍ମା ହୋଇଥିବା ବେଳେ ବର ପିତାମାତା ଭାବେ ହାଟପଦା ପଡ଼ାର କୁନୁ ଦାସ ଏବଂ ସପତ୍ନୀ ମମତା ଆଚାର୍ଯ୍ୟ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।ଏହି ବିବାହ ଉତ୍ସବରେ ପ୍ରମୋଦ ସରାଫ, ପ୍ରକାଶ ସରାଫ, ଲିଙ୍ଗରାଜ ସାହୁ, ପ୍ରଭାକର ସରାଫ, ଶ୍ରୀପତି ସାହୁ, ଦେବେନ ବେହେରା, ଗୋବିନ୍ଦ ସାହୁ, ଧଳା କାହୁଁ ବୁଡେକ, ସୁଧୀର ଘଡ଼େଇ, ଗୌରି ପଟ୍ଟନାୟକ, ସଞ୍ଜୀବ ତ୍ରିପାଠୀ, ସଂଜିତ ସିଂହ୍ନା, ସିବୁନ ବାଗ, ପରମାନନ୍ଦ ବେହେରା, ରିଲୁ ମିଶ୍ର, ରଞ୍ଜନ ସାହୁ, ସୁବୋଧ ସାହୁ, ରାଜା ବଗର୍ତି ଯାଦବ, ପର୍ଶୁରାମ ନାୟକ, ମନୋରଞ୍ଜନ ମହାରଣା, ନରେନ୍ଦ୍ର ସାହୁ, ନାରାୟଣ ସାହୁ, ସତ୍ୟଜିତ ଷଡଙ୍ଗୀ, ବାସନ୍ତୀ ବୁଡେକ, ବିନୋଦିନୀ ବେହେରା, ପୁଷ୍ପା ସାହୁ, କାମିନୀ ସାହୁ, ରଶ୍ମିତା ଷଡଙ୍ଗୀ, ସୁକାନ୍ତି ସାହୁ, ରସ ବେହେରା, କୁନ୍ତଳା ବେହେରା, ଯୁକ୍ତା ସାହୁ, ଶ୍ରାବଣୀ ବାଗ, ମୀନାକ୍ଷୀ ତରିଆ, ମୀନା ପାଢୀ ସମେତ ବହୁ ମାତ୍ରାରେ ଜନସାଧାରଣ ଉପସ୍ଥିତ ଥିଲେ।

# ୟୁବ କଂଗ୍ରେସ ତରଫରୁ ତହସିଲ କାର୍ଯ୍ୟାଳୟ ଘେରାଉ ଓ ଦାବିପତ୍ର ପ୍ରଦାନ

ଭବାନୀପାଟଣା,୦୭/୦୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାରେ ଆଜି ୟୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଶତାଧିକ କଂଗ୍ରେସ କର୍ମୀ ଏବଂ ହଜାର ହଜାର ଚାଷୀ ଫସଲବୀମା,ଭୂମିହୀନଙ୍କୁ ଜମି ପଟ୍ଟା ଓ ମରୁଡି ପ୍ୟାକେଜରୁ ବଞ୍ଚିତ ହୋଇଥିବାରୁ ଆଜି ଗୋଲାମୁଣ୍ଡା ଠାକୁରାଣୀ ମନ୍ଦିର ଠାରୁ ଏକ ଶୋଭାଯାତ୍ରାରେ ବାହାରି ଗୋଲାମୁଣ୍ଡା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଗୋଲାମୁଣ୍ଡା ବ୍ଲକ ଏକ ମରୁଡି ପ୍ରପିଡିତ ବ୍ଲକ ଭାବେ ବେଶ ଜଣାଶୁଣା । ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ୨୮ ଗୋଟି ଗ୍ରାମ ପଞ୍ଚାୟତ ସଂପୁର୍ଣ୍ଣ ମରୁଡ଼ିରେ ପ୍ରଭାବିତ ହୋଇଅଛି । ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ଖରିଫ ଋତୁର ସଫଳ ବିମା କରାଯାଇ ଥିଲା କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀ ମାନଙ୍କ ବ୍ୟାଙ୍କ୍ ଖାତାରେ ଫସଲ ବୀମା ଟଙ୍କା ନପଡିବା ଦୁର୍ଭାଗ୍ୟ ଜନକ ବୋଲି ୟୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜ ପ୍ରକାଶ କରିଥିଲେ। ଆଦିବାସୀ ମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦାନ ହୋଇଥିବା ଜଙ୍ଗଲ ଜମି ପଟ୍ଟା ଭୁଲେକ ରେ ସ୍ଥାନିତ ନହେବାରୁ ସରକାର ଙ୍କୁ ଦୃଢ଼ ନିନ୍ଦା କରିବା ସହ ପ୍ରଶାସକଙ୍କୁ ତାଗିଡ କରି କହିଥିଲେ ଯଥା ଶିଘ୍ର ଜଙ୍ଗଲ ଜମି ପଟ୍ଟାକୁ ଅନୁମତି ପ୍ରଦାନ କରି ଭୂମିହୀନ ମାନଙ୍କୁ ୪ ଡିସିମିଲ ପଟ୍ଟା ପ୍ରଦାନ କରିବା ପାଇଁ ଦାବି କରିଥିଲେ ।

# ଶିବ ଓ ପାର୍ବତୀଙ୍କ ବିବାହ ଓ ପବିତ୍ର ଶୀତଳ ଷଷ୍ଠୀ ପର୍ବ ସମ୍ପାଦିତ

ନୂଆପଡ଼ା,୦୭/୦୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହର ରେ ପ୍ରଭୁ ଶିବ ଓ ପାର୍ବତୀ ଙ୍କ ବିବାହ ଓ ପବିତ୍ର ଶୀତଳ ଷଷ୍ଠୀ ପର୍ବ ଉପଲକ୍ଷେ ଭୋଗ ମହୋତ୍ସବ ସମ୍ପାଦିତ ହୋଇ ତାହାର ପ୍ରୀତି ଭୋଜନ (ଅନ୍ନ ଭୋଗ) ର ବ୍ୟବସ୍ଥା ଖଡ଼ିଆଳ ସହରର ତ୍ରିନାଥ ସ୍ୱାମୀ ବିକାଶ ଅନୁଷ୍ଠାନ ତରଫରୁ କରାହୋଇ ଅଞ୍ଚଳ ର ଶ୍ରଦ୍ଧାଳୁ ଭକ୍ତ ତ୍ରିନାଥ ପ୍ରେମୀ ଙ୍କ ମଧ ରେ ଶାନ୍ତି ଓ ସଦଭବାନା ପ୍ରତିଷ୍ଠା ପାଇଁ କରାହୋଇ ଥିବା କାର୍ଯ୍ୟକ୍ରମ ରେ ଭକ୍ତଙ୍କ (ଉଭୟ ନାରୀ ଓ ପୁରୁଷ) ଙ୍କ ସମାଗମ ଭୋଗ ଅର୍ଣ୍ଣ ଗ୍ରହଣ ର ଦୃଶ୍ୟ ଅତି ମୋନୋରମ ହୋଇଥିଲା । ଉକ୍ତ ଅର୍ଣ୍ଣପ୍ରସନ୍ନ ଭଣ୍ଡାରା ରେ ହଜାର ହଜାର ଭକ୍ତ ଙ୍କ ଅଂଶ ଗ୍ରହଣ କରିଥିଲ।

ପ୍ରକାଶ ଥାଉ କିଯେ, ଉକ୍ତ ତ୍ରିନାଥ ସ୍ୱାମୀ ମନ୍ଦିର ର ପ୍ରତିଷ୍ଠା(୧୯୯୦) ନିର୍ମାଣ ଓ ପୂଜା ପର୍ବ ପର୍ବାଣୀ ସବୁ ହୋଇ ଆସୁଥିବା ସ୍ଥଳେ, ଏବେ ବର୍ଷେ ଖଣ୍ଡେ ହେଲା ତ୍ରିନାଥ ସ୍ୱାମୀ ମନ୍ଦିର ର କିଛି ଉନ୍ନତି ହୋଇ ପାରି ନାହିଁ ବୋଲି ମନ୍ଦିର ରକ୍ଷଣା ବେକ୍ଷଣ ଦାୟିତ୍ୱ ରେ ଥିବା ଭକ୍ତ ବୃନ୍ଦ ଙ୍କ ଅଭିଯୋଗ ରହିଆସୁ ଥିଲା । ବର୍ତମାନ ତ୍ରିନାଥ ମନ୍ଦିର ର ନବ କଳେବର ଓ ସମାଜର ଅବ୍ୟବସ୍ଥିତ ଢାଞ୍ଚାକୁ ବଦଳେଇ ଭକ୍ତି,ପ୍ରେମ, ସଦଭାବନା ର ସହ ସାଧାରଣ ଜନତା କିଭଳି ଭାବରେ ସତ୍ ପଥେ ରହି, ଈଶ୍ୱର ବିଶ୍ୱାସୀ ହୋଇ ସମାଜ କୁ ଶୁପଥ ରେ ଚଲେଇ ନେବେ ଓ ଆଗାମୀ ଦିନରେ ଦେଶ, ମାଟି ମାତୃକା ର ପ୍ରତି ଥିବା ଆମ ମଣିଷ ସମାଜର କର୍ତ୍ତବ୍ୟ/ଦାୟିତ୍ୱ କୁ ପ୍ରତିପାଦନ କରିବେ ସମସ୍ତେ କିଭଳି ମଙ୍ଗଳ ରେ ରହିବେ , ତାହା, ତ୍ରିନାଥ ସ୍ୱାମୀ ଙ୍କ ଉଦେଶ୍ୟ ରେ ସେଇ ଆଶା ଓ ବିଶ୍ୱାସ ସହିତ ତ୍ରିନାଥ ସ୍ୱାମୀ ବିକାଶ ଅନୁଷ୍ଠାନ ଖଡ଼ିଆଳ ର ସଭାପତି ଶ୍ରୀଯୁକ୍ତ ଭୈରବ କୁମାର ସାହୁ ସମସ୍ତ ଭାଗବତ ପ୍ରେମୀ ଙ୍କୁ ଆନ୍ତରିକ ଶୁଭ କାମନା ଓ ଅଭିନନ୍ଦନ ଜଣାଇଛନ୍ତି , ତତ୍ ସଙ୍ଗେ ସଙ୍ଗେ ଆଗାମୀ ଦିନରେ ଅଞ୍ଚଳ ର ଜନ ମଙ୍ଗଳ କାର୍ଯ୍ୟ ରେ ଓ ପୁଜାନୁଷ୍ଠାନ ପାଇଁ ସମସ୍ତଙ୍କ ଜନ ସାଧାରଣ ଙ୍କ ନିଶ୍ୱାର୍ଥ ସହଯୋଗ କାମନା କରିଛନ୍ତି ।

# ବଲାଙ୍ଗିର ନାଗରିକ କମିଟିର ସାଧାରଣ ପରିଷଦ ବୈଠକ

ବଲାଙ୍ଗିର,୦୭/୦୬ (ନି.ପ୍ର): ସ୍ଥାନୀୟ ଆଇନ ମହାବିଦ୍ୟାଳୟ ଠାରେ ବଲାଙ୍ଗିର ନାଗରିକ କମିଟିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟିର ଉପସଭାପତି ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପ୍ରଥମେ ସାଧାରଣ ସଂପାଦକ ମନୋରଂଜନ ସାହୁ ବିଗତ ବୈଠକର ବିବରଣୀ ପାଠ କରି ନୂତନ ପ୍ରସ୍ତାବ ଗୁଡିକ ଆଗତ କରିଥିଲେ । ବୈଠକରେ ସହରର ବିଭିନ୍ନ ସମସ୍ୟା ଯଥା ବର୍ଷ ପୂର୍ବରୁ ଡ୍ରେନ୍ ସଫେଇ କାର୍ଯ୍ୟର ଅଗ୍ରଗତି, ଟାଟା ବିଦ୍ୟୁତ କଂପାନୀର ବିଳମ୍ବରେ ବିଲ ପ୍ରଦାନ ଯୋଗୁଁ ଖାଉଟିର ଅଧିକ ଖର୍ଚ୍ଚାନ୍ତ, ସରକାରଙ୍କ ହାଇସିକ୍ୟୁରିଟି ନମ୍ବର ପ୍ଲେଟର ବିଫଳତା ଆଦି ସମସ୍ୟା ଉପରେ ଆଲୋଚନା ହୋଇଥିଲା ଓ ଏହାର ପ୍ରତିକାର ପାଇଁ ଉଚ୍ଚ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଗଲା । ଅନ୍ୟମାନଙ୍କ ମଧରେ ଗୋପଭୂଷଣ ନାଥ, ଅଶୋକ ମିଶ୍ର, ଦିବାକର ହୋତା, ସତ୍ୟବନ୍ତ ବେଦବାକ, ଦ୍ୱାରିକାନାଥ ପଟେଲ, ଆର୍ତତ୍ରାଣ ମିଶ୍ର, ପିତବାସ ପଣ୍ଡା, ଶାନ୍ତନୁ ମିଶ୍ର, କପିଳେଶ୍ୱର ଖମାରୀ, ବାସୁଦେବ ନାଥ, ଗୋପବନ୍ଧୁ ପୁରୋହିତ, ବୃନ୍ଦାବନ ବରାଳ, ବ୍ରଜରାଜ ପୁରୋହିତ, ଗୋବର୍ଦ୍ଧନ ପାଣ୍ଡିଆ, ସଲିମ ଖାନ, ଶୁଭେନ୍ଦ୍ର କୁମାର ତ୍ରିପାଠି, ନରେଶ କୁମା ଦାଶ, ବିଶ୍ୱନାଥ ତ୍ରିପାଠି, ଦୁର୍ଗା ପ୍ରଶନ୍ନ ଛୁରିଆ ଓ ସଂଗ୍ରାମ ବହିଦାର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଅଶ୍ୱିନୀ ଅବନୀଙ୍କ କାର୍ଟୁନ୍ ସର୍ବ ଭାରତୀୟ ପ୍ରତିଯୋଗିତାରେ ପୁରସ୍କୃତ

ବଲାଙ୍ଗୀର ,୦୭/୦୬ (ନି.ପ୍ର): ଛତିଶଗଡ ଏନ୍‌ଭାୟରମେଂଟ କନ୍‌ଜର୍ଭେସନ୍ ବୋର୍ଡ ସହଯୋଗରେ ରାୟପୁର (ଛତିଶଗଡ)ରୁ ପ୍ରକାଶିତ ପ୍ରତିଷ୍ଠିତ ମାସିକ କାର୍ଟୁନ୍ ପତ୍ରିକା ‘କାର୍ଟୁନ୍ ୱାଚ୍’ର ଆବାହକତ୍ୱରେ ସଂପ୍ରତି ଅନୁଷ୍ଠିତ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ଓଡିଶାର ବହୁ ପରିଚିତ କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ସ୍ୱତନ୍ତ୍ର ପୁରସ୍କାର ଲାଭ କରିଛି। ‘ବିଶ୍ୱ ପରିବେଶ ଦିବସ-୨୦୨୨’ ପାଳନ ଅବସରରେ ଆୟୋଜିତ ଏ ପ୍ରତିଯୋଗିତାଟି ୟୁ.ଏନ୍.ଇ. ପି.ର ଚଳିତ ବର୍ଷର ବିଷୟବସ୍ତୁ ‘ଅନ୍‌ଲି ୱାନ୍ ଆର୍ଥ’ ଉପରେ ଆଧାରିତ ଥିଲା। ସଂପ୍ରତି ପୁରସ୍କୃତ ହୋଇଥିବା ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍ ଟିରେ ମାନବକୃତ କର୍ମ ଦ୍ୱାରା ଜର୍ଜରିତ ବିଶ୍ୱ ପରିବେଶର ସୁରକ୍ଷା ସଂପର୍କରେ ଏକ ବଳିଷ୍ଠ ଆହ୍ୱାନ ପ୍ରଦାନ କରାଯାଇଛି। ଏକ ଭବ୍ୟ ଉତ୍ସବ ଆନୁକୁଲ୍ୟରେ ରାୟପୁର ଠାରେ ପ୍ରତିଯୋଗିତା ସଂପର୍କିତ ଏକ ବ୍ୟଙ୍ଗଚିତ୍ର ପ୍ରଦର୍ଶନୀର ମଧ ଆୟୋଜନ କରାଯାଇଛି।

ପ୍ରକାଶଯୋଗ୍ୟଯେ ନିକଟ ଅତୀତରେ ‘ବିଶ୍ୱ କାର୍ଟୁନିଷ୍ଟ ଦିବସ’ ପାଳନ ଅବସରରେ ଆୟୋଜିତ ଅନ୍ୟ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ମଧ ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ପୁରସ୍କୃତ ତଥା ପ୍ରଦର୍ଶିତ ହେବାର ସୌଭାଗ୍ୟ ଲାଭ କରିଥିଲା । ଆହୁରି ମଧ ସୂଚନା ଦିଆଯାଇପାରେ ଯେ ଡୋଗ୍ରୀ ସଂସ୍ଥା ଆନୁକୁଲ୍ୟରେ ଜାମୁ ଠାରେ ପ୍ରଖ୍ୟାତ ସନ୍ତୁର ବାଦକ ପ୍ର. ଶିବ କୁମାର ଶର୍ମାଙ୍କ ସ୍ମୃତିରେ ଏବଂ କୋଚି ଠାରେ କାର୍ଟୁନ୍ କ୍ଲବ୍, କେରଳ ଦ୍ୱାରା ଆୟୋଜିତ କାର୍ଟୁନ୍ ମେନ୍ ବାଦୁସା ମେମୋରିଏଲ୍ ଇଂଟରନେସେନାଲ୍ କେରିକେଚର ଏକ୍‌ଜିବିସନ୍ ରେ ଏମାନଙ୍କ କୃତି ସ୍ଥାନ ପାଇଥିଲା।

ସୂଚନା ଯୋଗ୍ୟ ଯେ ଦୀର୍ଘ ତିନି ଦଶନ୍ଧିରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କାର୍ଟୁନ କରି ଆସୁଥିବା ଓଡିଶାର ଏହି ଭ୍ରାତୃଦ୍ୱୟ ବ୍ୟଙ୍ଗଚିତ୍ର ଜଗତରେ ବେଶ୍ ପ୍ରତିଷ୍ଠିତ । ପୂର୍ବରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇସାରିଥିବା ଅଶ୍ୱିନୀ-ଅବନୀ ଅନେକବାର ଆନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି । ନେଟ୍‌ଅଏଲ୍ କାର୍ଟୁନ୍ ପ୍ରତିଯୋଗିତା-ଫ୍ରାନ୍ସ, ଗୁରା ହ୍ୟୁମରୁଲୁଇ-ରୋମାନିଆ, ଡିକାକୋ-ସାଉଥ କୋରିଆ, ସାଲୋନ୍ ଅଫ୍ ଗ୍ରାଫିକ୍ ହ୍ୟୁମର- ପେରୁ ,ଏଫ୍.ସି.ଡବ୍ଲୁ.-ଚୀନ୍ ଭଳି ଆନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଇଣ୍ଡିଆନ୍ ଏକ୍ସପ୍ରେସ୍, ଭିଲାଇ ଷ୍ଟିଲ ପ୍ଲାଂଟ, ହିନ୍ଦୁସ୍ଥାନ୍ ଟାଇମ୍ସ, କାର୍ଟୁନ୍ ୱାଚ୍ ଦ୍ୱାରା ଆୟୋଜିତ ଜାତୀୟ ପ୍ରତିଯୋଗିତା ଏ ମଧରେ ଅନ୍ତର୍ଭୁକ୍ତ ।

# ରେଳ ଓଭରବ୍ରିଜ ନିର୍ମାଣ ପାଇଁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ

ପୁରୀ,୦୭/୦୬ (ନି.ପ୍ର): ସିଦ୍ଧମହାବୀର ରେଳ ଓଭର ବ୍ରିଜ ନିର୍ମାଣ ନେଇ ଆଜିଠାରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ନେତୃତ୍ୱରେ ଏହି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ସମୟରେ ସେଠାରେ ଜାତୀୟ ରାଜପଥ ବିଭାଗର ଅଧିକାରୀ, ସେତୁ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଉଚ୍ଛେଦ କାର୍ଯ୍ୟରେ ଏକାଧିକ ଜେସିବି ମେସିନ୍ ବ୍ୟବହାର କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ଦୁଇ ଜଣ ମାଜିଷ୍ଟ୍ରେଟ ଓ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଓଭରବ୍ରିଜ ନିର୍ମାଣ ପାଇଁ ସିଦ୍ଧମହାବୀର, କୁମୁଟିପାଟଣା, ମାଟିଆପଡା ଓ ବାଲୁଖଣ୍ଡର ଚାରୋଟି ମୌଜାର ୧୬୧ ଜଣ ବିସ୍ଥାପିତ ହୋଇଛନ୍ତି। ସେମାନଙ୍କୁ ପ୍ରଶାସନ ନୂଆ ପ୍ୟାକେଜ୍ ଦେଇ ମନାଇବାରେ ସଫଳ ହେବା ପରେ ଦୋକାନ ଘର ଖାଲି କରିବା ସହ ଜମି ହସ୍ତାନ୍ତର କରିଥିଲେ। ଶହେ ବର୍ଗଫୁଟରୁ ଅଧିକ ଇଲାକାରେ ଦୋକାନ ଘର ଥିବା ଦୋକାନୀଙ୍କୁ ୨ଲକ୍ଷ ୨୫ ହଜାର ଓ କମ୍ ଇଲାକାରେ ଥିବା ଦୋକାନୀଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କା ଦିଆଯିବ ବୋଲି ନିଷ୍ପତି ହୋଇଥିଲା। ସେପଟେ ଚୂଡ଼ାନ୍ତ ନକ୍ସା ଅନୁଯାୟୀ ନିର୍ମାଣ ହେବ ସିଦ୍ଧମହାବୀର ରେଲୱେ ଓଭରବ୍ରିଜ। ଏହି ରେଳ ଓଭରବ୍ରିଜର ଲମ୍ବ ୬୩ ଦଶମିକ ୮୪ ମିଟର ଥିବା ବେଳେ ଚଉଡ଼ା ରହିଛି ୨୪ ମିଟର। ଏଥିରେ ଦୁଇଟିକିଆ ଆପ୍ରୋଚ ରୋଡ, ଡ୍ରେନେଜ, ସର୍ଭିସ ରୋଡ଼ ଆଦି ରହିଛି। ଓଭରବ୍ରିଜ୍ ନିର୍ମାଣ ପାଇଁ ୨.୬୬ ଏକର ଜମିର ଆବଶ୍ୟକତା ରହିଥିବା ବେଳେ ରାସ୍ତାର ଲମ୍ବ ୯୦୦ ମିଟର ଓ ଦୁଇ ପାର୍ଶ୍ୱରେ ଆପ୍ରୋଚ ରୋଡ଼ ନିର୍ମାଣ ନିମନ୍ତେ ୮୦ ଫୁଟ ଚଉଡ଼ାର ଜମି ଅଧିଗ୍ରହଣ କରାଯାଇଥିବା ଜଣାପଡିଛି। ତେବେ ଏହି ଓଭରବ୍ରିଜ ନିର୍ମାଣ ହେଲେ ପୁରୀ ସିଦ୍ଧମହାବୀର ଅଂଚଳବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହେବ। ଓଭରବ୍ରିଜ ନିର୍ମାଣ ନେଇ ବିଧାନସଭାରୁ ପାର୍ଲାମେଂଟ ଯାଏ ଉଦ୍ୟମ କରାଯାଇଥିଲା। ହେଲେ ବିସ୍ଥାପିତଙ୍କୁ ମନାଇବାରେ ବିଫଳ ହେବା ଯୋଗୁଁ ବିଳମ୍ବ ହୋଇଥିଲା ନିର୍ମାଣ କାର୍ଯ୍ୟ। ବିସ୍ଥାପିତ ମାନେ ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ କ୍ଷତିପୂରଣ ଉପରେ ରାଜି ହେବା ପରେ ଓଭରବ୍ରିଜ ନିର୍ମାଣ ପାଇଁ ସବୁଜ ସଂକେତ ମିଳିଥିଲା। ଯାହାକୁ ନେଇ ସିଦ୍ଧମହାବୀର ଓଭରବ୍ରିଜ ନିର୍ମାଣ ପାଇଁ ଆଜିଠାରୁ ଆରମ୍ଭ ହୋଇଛି ଉଚ୍ଛେଦ ପ୍ରକ୍ରିୟା।



ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com





ବାଲେଶ୍ୱର ■ ବୁଧବାର, ୦୮ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 08 JUNE 2022

Vol.No. 35 ■ No. 149 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ଧମକପୂର୍ଣ୍ଣ ଚିଠି ପ୍ରସଙ୍ଗରେ ମୁହଁ ଖୋଲିଲେ ସଲମାନ ଖାନ୍



ନୂଆଦିଲ୍ଲୀ, ୦୭/୦୬ : ବଲିଉଡ୍ ଅଭିନେତା ସଲମାନ ଖାନଙ୍କୁ ଧମକପୂର୍ଣ୍ଣ ଚିଠି ପ୍ରସଙ୍ଗରେ ମୁହଁ ଖୋଲିଛନ୍ତି ନିଜେ ସଲମାନ ଖାନ । ପୋଲିସକୁ ନିଜର ଷ୍ଟେଟମେଣ୍ଟ ଦେଇ ସଲମାନ୍ କହିଛନ୍ତି, ତାଙ୍କୁ କୌଣସି ପ୍ରକାର ଧମକପୂର୍ଣ୍ଣ କଲ୍ ଆସିନି । ଏଥିସହିତ ଅତୀତରେ ମଧ କାହା ସହ ତାଙ୍କର କିଛି ବି ତିକ୍ତତା ନାହିଁ ବୋଲି ସଲମାନ୍ ପୋଲିସକୁ ପ୍ରତିକ୍ରିୟା ଦେଇ କହିଛନ୍ତି । ଯାହାକୁ ନେଇ ଏବେ ଚର୍ଚ୍ଚା ବଢ଼ିଛି ।

## ମୁଁ ବଂଚିବାକୁ ଚାହେଁ, ପୁଣି ଭିଡିଓ ପୋଷ୍ଟ କରି କହିଲେ ଅନୁଭବ



ଭୁବନେଶ୍ୱର, ୦୭/୦୬ (ନି.ପ୍ର): ଓଡ଼ିଆ ସିନେ ଅଭିନେତା ତଥା କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି ମଙ୍ଗଳବାର ଦିନ ପୁଣି ଏକ ଭିଡିଓ ପୋଷ୍ଟ କରିଛନ୍ତି । ଆଜି ପୋଷ୍ଟ କରିଥିବା ଭିଡିଓରେ ସେ କହିଛନ୍ତି, 'ମୁଁ ବହୁତ ବୋଝ ନେଲିଣି। ମୋତେ ମାରି ସାରିଲଣି। ମରିବାକୁ ଆଉ ଡରାଅନି। ତୁମେ ମୋତେ ମାରି ସାରିଲଣି। ମୁଁ ଗୋଟିଏ ମଲା ମଣିଷ । ମୁଁ ଏବେ ଗୋଟିଏ ମଲା ମଣିଷର ଜୀବନ ବଂଚିଛି। ହେଲେ ସମସ୍ତଙ୍କ ପରି ମୋର ବି ଶେଷ ଇଚ୍ଛା ଅଛି। ମୁଁ ବି ବଂଚିବାକୁ ଚାହେଁ । ସେ ଆହୁରି କହିଛନ୍ତି, ମୁଁ ସବୁବେଳେ ବଂଚିବାକୁ ଚାହୁଁଥିଲି। ମୁଁ ଆଶା କରୁଛି ମୋର ଏହି ଶେଷ ଇଚ୍ଛା ପୁରଣ ହେବ। ଏହାପରେ ମୁଁ ଆଉ କିଛି କହି ପାରିବିନି। ଯାହା ବି ସମସ୍ୟା ଆସିବ ସେସବୁର ମୁଁ ସାମ୍ନା କରିବା ପାଇଁ ପ୍ରସ୍ତୁତ ଅଛି। ଦିନେ ନା ଦିନେ ସୂର୍ଯ୍ୟୋଦୟ ହେବ। କିନ୍ତୁ ଏକଥା ସେ କାହା ଉଦ୍ଦେଶ୍ୟରେ କହିଛନ୍ତି, ତାହା ଏହି ଭିଡିଓରେ ସ୍ପଷ୍ଟ କରିନାହାନ୍ତି।

## ଭୋଜି ଖାଇବାକୁ ଯିବାବେଳେ ଦୁର୍ଘଟଣା
# ଗୋଟିଏ ପରିବାରର ୮ଜଣଙ୍କ ମୃତ୍ୟୁ



ନୂଆଦିଲ୍ଲୀ, ୦୭/୦୬ : ରାଜସ୍ଥାନରେ ଭୟଙ୍କର ଦୁର୍ଘଟଣା ଘଟିଛି । ବିବାହରେ ଯୋଗ ଦେବାକୁ ଯାଉଥିବାବେଳେ କାର-ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ୮ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ବାରମୋର ଜିଲ୍ଲାର ଗୁଡାମଲାନି ରାସ୍ତାରେ ଏହି ଦୁର୍ଘଟଣା ଘଟିଛି । ସବୁଠାରୁ ଦୁଃଖଦ କଥା ହେଉଛି ସମସ୍ତ ମୃତକ ଗୋଟିଏ ପରିବାରର ବୋଲି ଜଣାପଡିଛି । ସୂଚନା ମୁତାବକ, ଜାଲୋର ଜିଲ୍ଲାର ସାନଚୋରରେରୁ ସୋମବାର ରାତିରେ ଗୋଟିଏ ପରିବାରର ୧୦ଜଣ ଜଣ ସଦସ୍ୟ ଏକ ଏସୟୁଭି କାରରେ ଗୁଡାମଲାନିରେ ଥିବା ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇଥିଲେ । କିନ୍ତୁ ବିବହରେ ପହଞ୍ଚିବା ପୂର୍ବରୁ ସେମାନଙ୍କ କାର୍ ଏକ ଟ୍ରକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ୬ଜଣଙ୍କର ମୃତ୍ୟୁ ହୋଇଥିବାବେଳେ, ଅନ୍ୟ ୪ଜଣ ଗୁରୁତର ଆହତ ହୋଇଥିଲେ । ପରେ ହସ୍ପିଟାଲରେ ଅନ୍ୟ ୨ଜଣଙ୍କର ମୃତ୍ୟୁ ହୋଇଛି । ଏନେଇ ଖବର ପାଇ ପୋଲି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ଓ ସହଯୋଗୀଙ୍କ ଠାରୁ ମିଳିଲା କୋଟି କୋଟି ଟଙ୍କା, ୧.୮ କେଜି ସୁନା



ନୂଆଦିଲ୍ଲୀ, ୦୭/୦୬ : ବେଆଇନ ଆର୍ଥିକ କାରବାର ମାମଲାରେ ଗିରଫ ହୋଇଥିବା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଅଡୁଆ ବଢ଼ିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଶ୍ରୀ ଜୈନ, ତାଙ୍କ ପତ୍ନୀ ପୁନମ, କିଛି ସହଯୋଗ ଓ ମନି ଲଣ୍ଡରିଂ ମାମଲାରେ ଅଭିଯୁକ୍ତମାନଙ୍କ ଠିକଣାରେ ରେଡ୍ କରି କୋଟି କୋଟି ଟଙ୍କା ଏବଂ ବିପୁଳ ପରିମାଣର ସୁନା ଜବତ କରିଛି। ସତ୍ୟେନ୍ଦ୍ର ଜୈନଙ୍କୁ ମେ' ୩୦ ତାରିଖରେ ଇଡି ମନି ଲଣ୍ଡରିଂ ମାମଲାରେ ଗିରଫ କରିଥିଲା। ବର୍ତ୍ତମାନ ସେ ଇଡି ହେପାଜତରେ ଅଛନ୍ତି। ଇଡି ଏହି ମନି ଲଣ୍ଡରିଂ ମାମଲାରେ କରିଥିବା ରେଡ୍ ବେଳେ ବର୍ତ୍ତମାନ ସୁଦ୍ଧା ୨.୮୨ କୋଟିର ନଗଦ ଟଙ୍କା ଓ ୧.୮ କେଜିର ସୁନା କଏନ, ବିସ୍କୁଟ ଏବଂ ଅଲଙ୍କାର ଜବତ କରିଛି। ଏଥିସହ ମନି ଲଣ୍ଡରିଂ ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌କୁ ମଧ ଇଡି ଠାବ କରିଛି। ସୋମବାର ଇଡି ପକ୍ଷରୁ ଦିଲ୍ଲୀର ୭ଟି ସ୍ଥାନରେ ରେଡ୍ କରାଯାଇଥିଲା। ରେଡ୍ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ରାମ ପ୍ରକାଶ ଜୁଏଲର୍ସ ଲିଃ ରହିଥିଲା। ଜୁଏଲର୍ସ ପରିସରରୁ ଅଘୋଷିତ ୨.୨୩ କୋଟି ଟଙ୍କା ଜବତ ହୋଇଛି।

## ଏବର୍ଷ ସ୍ନାନଯାତ୍ରାରେ ଭକ୍ତ ପାଇବେ ଶ୍ରୀଜଗନ୍ନାଥ ଦର୍ଶନ



ପୁରୀ, ୦୭/୦୬ (ନି.ପ୍ର): ଦୁଇ ବର୍ଷ ପରେ ଭକ୍ତଙ୍କ ଗହଣରେ ହେବ ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା। ତିନି ଘଣ୍ଟା ପାଇଁ ସ୍ନାନ ମଣ୍ଡପରେ ଭକ୍ତଙ୍କୁ ମିଳିବ ଦର୍ଶନ ସୁଯୋଗ। ତେବେ ଏହି ସମୟରେ କୌଣସି ଭକ୍ତ ଶ୍ରୀବିଗ୍ରହମାନଙ୍କୁ ସ୍ପର୍ଶ କରିପାରିବେ ନାହିଁ। ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ବସିଥିବା ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ସୂଚନା ମୁତାବକ, ଜୁନ୍ ୧୪ରେ ହେବାକୁ ଥିବା ଦେବସ୍ନାନ ପୂର୍ଣ୍ଣିମା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନର ନୀତି ନିର୍ଘଣ୍ଟ ଓ ବ୍ୟବସ୍ଥାବଳୀରେ ମୋହର ମାରିଛି ପରିଚାଳନା କମିଟି। ଦେବସ୍ନାନ ପୂର୍ଣ୍ଣିମା ଦିନ ଭୋର ୪ଟାରେ ପହଣ୍ଡି ଆରମ୍ଭ ହୋଇ ୬ଟାରେ ଶେଷ ହେବ। ସକାଳ ୯.୩୦ରୁ ୧୧.୩୦ ମଧ୍ୟରେ ଜଳ ବିଜେ ଓ ପୂଜା ହୋଇ ୧୨.୧୫ ରେ ଛେରା ପହଁରା ଓ ୧୨.୩୦ରୁ ୨.୩୦ ମଧ୍ୟରେ ହାତୀବେଶ ଶେଷ କରାଯିବ। ସକାଳେ ପରିମାଣିକ ଟିକେଟ ଦର୍ଶନ କରାଯିବ। ଏହିଦିନ ଭକ୍ତ ମାନେ ବଡ଼ଦାଣ୍ଡରୁ ଜଳଲାଗି ଓ ହାତୀବେଶ ଦର୍ଶନ କରିପାରିବେ। ହାତୀବେଶ ସୁରକ୍ଷିତ ଓଲାଗି କରିବା ପାଇଁ ସମ୍ପୃକ୍ତ ସେବାୟତମାନଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ଜଳଲାଗି ଓ ହାତୀବେଶ ସମୟରେ ଶ୍ରୀବିଗ୍ରହମାନଙ୍କ


▶▶ପୃଷ୍ଠା ୭


## ୧୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର, ୦୭/୦୬ (ନି.ପ୍ର): ପଶ୍ଚିମ ଓଡିଶା ଜିଲ୍ଲା ଗୁଡିକରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଉପକୂଳରେ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଆଗାମୀ ୩ରୁ ୪ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରୀ ରହିବ ବୋଲି ସୂଚନା ଦେଇଛି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟ ରେ ୧୬ ଜିଲ୍ଲାରେ ଘଡଘଡି, ବଜ୍ରପାତ ସହ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକ ହେଲା ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୁରଭଂଜ, ସୁନ୍ଦରଗଡ, ଦେବଗଡ, ବାଲେଶ୍ୱର, ଯାଜପୁର. ଭଦ୍ରକ, କୋରାପୁଟ, ମାଲକାନଗିରି, ରାୟଗଡା, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି ଓ ଗଜପତି। ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ୮ରୁ ୯ ତାରିଖ ମଧ୍ୟରେ ବରଗଡ, ସମ୍ବଲପୁର, ସୋନପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଗ୍ରୀଷ୍ମ ଲହରୀ ନେଇ ଏହିସବୁ ଜିଲ୍ଲାଗୁଡିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ଶୀତଳଷଷ୍ଠୀ ଯାତ୍ରାରେ ବୁଲିଲା ଖଣ୍ଡା, ପୂର୍ବତନ ସରପଞ୍ଚ ଓ ସହଯୋଗୀ ଗୁରୁତର

ବ୍ରହ୍ମପୁର, ୦୭/୦୬ (ନି.ପ୍ର): ଶୀତଳଷଷ୍ଠୀ ଯାତ୍ରାରେ ବୋହିଲା ରକ୍ତର ନଈ। ଗାଁରେ ଶୀତଳଯାତ୍ରା ଚାଲିଥିବା ବେଳେ ପୂର୍ବତନ ସରପଞ୍ଚ ଓ ତାଙ୍କର୨ ଜଣ ସହଯୋଗୀଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ସଦର ଥାନା ଅନ୍ତର୍ଗତ ମସିହାଖାଲି ଗାଁରେ। ଆହତ ପୂର୍ବତନ ସରପଞ୍ଚ ମନୋଜ ସେଠୀଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଅନ୍ୟ ଦୁଇ ଜଣ ଶଙ୍କର ଜେନା ଓ ଦୁର୍ଗା ପ୍ରସାଦ ପ୍ରଧାନଙ୍କୁ ବ୍ରହ୍ମପୁର ଏମ୍


▶▶ପୃଷ୍ଠା ୭


## ବଢୁଛି କରୋନା : ବେଙ୍ଗାଲୁରୁରେ ମାସ୍କ ବାଧ୍ୟତାମୂଳକ



ନୂଆଦିଲ୍ଲୀ, ୦୭/୦୬ : ମହାରାଷ୍ଟ୍ରରେ କରୋନା ସଂକ୍ରମଣ ପୁଣିଥରେ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । ବିଶେଷକରି ମୁମ୍ବାଇ ଓ ଏହାର ଆଖପାଖ ଅଞ୍ଚଳରେ ସ୍ଥିତି ଖରାପ ହେବାରେ ଲାଗିଛି । ସହରରେ କୋଭିଡ୍ ସ୍ଥିତି ସଙ୍ଗୀନ ହେଉଥିବାରୁ ରାଜ୍ୟ କ୍ୟାବିନେଟ୍ ଏହାକୁ ଗୁରୁତର ସହ ନେଇଛି । ରାଜ୍ୟର ୬ ଜିଲ୍ଲାରେ ପଜିଟିଭ୍ ହାର ବୃଦ୍ଧି ପାଉଥିବାରୁ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ସତର୍କତା ଜାରି କରିଛି । ବଡ଼ କଥା ହେଉଛି, ମହାରାଷ୍ଟ୍ର ତୁଳନାରେ ମୁମ୍ବାଇରେ ସଂକ୍ରମଣ ହାର ଦୁଇଗୁଣା ରହିଛି । ପୂରା ରାଜ୍ୟରେ ପଜିଟିଭ୍ ହାର୍ ୪ ଦଶମିକ ୫ ପ୍ରତିଶତ ରହିଥିବା ବେଳେ କେବଳ ମୁମ୍ବାଇରେ ପଜିଟିଭ୍ ହାର ୮ ଦଶମିକ ୮ ପ୍ରତିଶତ ରହିଛି । ସେହିପରି ପାଲଘରରେ ପଜିଟିଭ୍ ହାର ୪ଦଶମିକ ୯ ପ୍ରତିଶତ ରେକର୍ଡ କରାଯାଇଛି । ଯେଉଁସବୁ ଜିଲ୍ଲାରେ ସଂକ୍ରମଣ ବୃଦ୍ଧି ପାଉଛି, ସେଠାରେ ଟେଷ୍ଟିଂକୁ ବୃଦ୍ଧି କରାଇବାକୁ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ନିର୍ଦ୍ଦେଶ ଦେଇଛି । ରାଜ୍ୟରେ ଏବେ ଦୈନିକ ୨୫ହଜାର ଟେଷ୍ଟ କରାଯାଉଛି । ସଂକ୍ରମଣ ବୃଦ୍ଧି ପାଉଥିବାରୁ ମୁମ୍ବାଇରେ ମେଡିକାଲରେ ରୋଗୀଙ୍କ ସଂଖ୍ୟା ମଧ ବୃଦ୍ଧି ପାଉଛି । ସୋମବାର ମୁମ୍ବାଇର ବିଭିନ୍ନ କୋଭିଡ୍ ହସ୍ପିଟାଲରେ ୫୪ ରୋଗୀଙ୍କୁ ଭର୍ତ୍ତି କରାଯାଇଛି । ଏହାକୁ ମିଶାଇ କେବଳ ମୁମ୍ବାଇର ହସ୍ପିଟାଲ ଗୁଡ଼ିକରେ ରୋଗୀଙ୍କ ସଂଖ୍ୟା ୨୧୯ରେ ପହଞ୍ଚିଛି । ସେହି ତୁଳନାରେ କେବଳ ମହାରାଷ୍ଟ୍ରରେ ଏପର୍ଯ୍ୟନ୍ତ ୨୫୪ ଜଣ ରୋଗୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ରାଜ୍ୟରେ କେବଳ ୧ ଦଶମିକ ୪ ପ୍ରତିଶତ ଆକ୍ଟିଭ୍ ମାମଲା ଗୁରୁତର ଥିବା ବେଳେ ୩ ଜଣ ରୋଗୀ ଭେଂଟିଲେଟରରେ ଅଛନ୍ତି ।

## ଗିରଫ ହେଲେ ଗୁପ୍ତା ବ୍ରଦର୍ସ, ଦକ୍ଷିଣ ଆଫ୍ରିକାରେ ଲମ୍ବାଇ ଥିଲେ ଦୁର୍ନୀତିର ଚେର



ନୂଆଦିଲ୍ଲୀ, ୦୭/୦୬ : ଗିରଫ ହେଲେ ବହୁ ଚର୍ଚ୍ଚିତ ଗୁପ୍ତା ବ୍ରଦର୍ସ। ଦକ୍ଷିଣ ଆଫ୍ରିକାରେ ଦୁର୍ନୀତି ଅଭିଯୋଗରେ ଦୀର୍ଘ ଦିନ ଧରି ଫେରାର ଥିବା ଭାରତୀୟ ବ୍ୟବସାୟୀ ଗୁପ୍ତା ବ୍ରଦର୍ସଙ୍କୁ ସଂଯୁକ୍ତ ଆରବ ଏମିରେଟ୍ସରେ ଗିରଫ କରାଯାଇଛି। ଦକ୍ଷିଣ ଆଫ୍ରିକା ସରକାର ସୋମବାର କହିଛନ୍ତି ଯେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ପୁଲିସ ଗୁପ୍ତ ପରିବାରର ରାଜେଶ ଗୁପ୍ତା ଏବଂ ଅତୁଲ ଗୁପ୍ତାଙ୍କୁ ଗିରଫ କରିଛି। ଉଭୟଙ୍କ ବିରୋଧରେ ଇଣ୍ଟରପୋଲ ଏକ ରେଡ୍ କର୍ଣ୍ଣର ନୋଟିସ୍ ଜାରି କରିଥିଲା। ଏବେ ଦକ୍ଷିଣ ଆଫ୍ରିକା ସରକାର ଉଭୟଙ୍କୁ ଆଣିବାକୁ ଚେଷ୍ଟା କରୁଛି। ଗୁପ୍ତା ବ୍ରଦର୍ସ ପ୍ରାୟ ୨୪ ବର୍ଷ ପୂର୍ବେ ବ୍ୟବସାୟ କରିବା ପାଇଁ ସହାରନପୁରରୁ ଦକ୍ଷିଣ ଆଫ୍ରିକା ଯାଇଥିଲେ। ତା'ପରେ ସେଠାରେ ତାଙ୍କର ବ୍ୟବସାୟ ଏପରି ବଢ଼ିଲା ଯେ ସେ ସେହି ଦେଶର ଶ୍ରେଷ୍ଠ ଧନୀ ବ୍ୟବସାୟୀଙ୍କ ମଧ୍ୟରୁ ଜଣେ ପାଲଟି ଗଲେ। ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଜ୍ୟାକବ ଜୁମାଙ୍କ ସହ ଗୁପ୍ତା ବ୍ରଦର୍ସଙ୍କ ଭଲ ସମ୍ପର୍କ ଥିଲା। ଏହାର ଲାଭ ଉଠାଉଥିଲେ ସେମାନେ ଏବଂ ବରିଷ୍ଠ ସ୍ତରରେ ଯେଉଁ ସବୁ ନିଯୁକ୍ତ ହେଉଥିଲା ସେଥିରେ ମଧ ଗୁପ୍ତା ବ୍ରଦର୍ସଙ୍କ ବଡ ଭୂମିକା ରହୁଥିବା ଅଭିଯୋଗ ରହିଛି। ଦକ୍ଷିଣ ଆଫ୍ରିକା ଦୁର୍ନୀତି ସମ୍ପର୍କିତ ଏକ ରିପୋର୍ଟରେ ସ୍ପଷ୍ଟ କରିଛି ଯେ, ସରକାରୀ ଅର୍ଥକୋଷରୁ କୋଟି କୋଟି ଟଙ୍କା ଲୁଟିବା ପରେ ଦେଶ ଛାଡି ପଳାଇଥିବା ଗୁପ୍ତା ବ୍ରଦର୍ସଙ୍କ ମାଲିକାନାରେ ଥିବା ଖବରକାଗଜ 'ଦି ନ୍ୟୁ ଏଜ୍'କୁ ପୂର୍ବତନ ରାଷ୍ଟ୍ରପତି ଜ୍ୟାକବ ଜୁମାଙ୍କ ତରଫରୁ ସହାୟତା ପଠାଯାଇଥିଲା। ୨୦୧୮ରେ ଦକ୍ଷିଣ ଆଫ୍ରିକା ଛାଡିବା ପୂର୍ବରୁ ଗୁପ୍ତା ବ୍ରଦର୍ସ ୧୫ ବିଲିଅନ୍


▶▶ପୃଷ୍ଠା ୭


## ଡବଲ ଏନ୍‌କାଉଣ୍ଟର, ସେନା ଗୁଳିରେ ଟଳିଲେ ୩ ଆତଙ୍କବାଦୀ



ଶ୍ରୀନଗର, ୦୭/୦୬ : ଜମ୍ମୁକଶ୍ମୀରରେ ଡବଲ ଏନ୍‌କାଉଣ୍ଟର। ସେନା ଗୁଳିରେ ଟଳିଲେ ୩ ଆତଙ୍କବାଦୀ। ଜମ୍ମୁକଶ୍ମୀରର କୁପୱାଡାରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଦୁଇ ଜଣ ଆତଙ୍କବାଦୀ ସଙ୍ଗଠନ ଲସ୍କର-ଏ-ତୋଇବାର ହୋଇଥିବା ସୂଚନା ମିଳିଛି। ମୃତ ଆତଙ୍କବାଦୀଙ୍କ ନିକଟରୁ କିଛି ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଏବେବି ଅଞ୍ଚଳରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଜାରି ରହିଛି। ସେହିପରି ସୋପୋରର ଜାଲୁରାରେ ମଧ ଏନ୍?କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛି। ଏହି ଆତଙ୍କବାଦୀ ଜଣକ ପାକିସ୍ତାନର ହୋଇଥିବା ଜମ୍ମୁ କଶ୍ମୀର ଆଇଜିପି ବିଜୟ କୁମାର ସୂଚନା ଦେଇଛନ୍ତି। ସୋପୋରରେ ଜାଲୁର ଅଞ୍ଚଳରେ ଥିବା ପାନିପୋରା ଜଙ୍ଗଲରେ କିଛି ଆତଙ୍କବାଦୀ ଲୁଚି ରହିଥିବା ଖବର ମିଳିବା ପରେ ପୂରା ଅଞ୍ଚଳକୁ ଘେରାବନ୍ଦି କରି ସୁରକ୍ଷାକର୍ମୀଙ୍କ ପକ୍ଷରୁ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଏହି ସମୟରେ ଆତଙ୍କବାଦୀମାନେ ସୁରକ୍ଷାକର୍ମୀଙ୍କ ଉପରକୁ ଗୁଳିମାଡ କରିଥିଲେ। ଏହାର ପାଲଟ ଜବାବରେ ସୁରକ୍ଷାକର୍ମୀଙ୍କ ତରଫରୁ ମଧ ଗୁଳିବିନିମୟ ହୋଇଥିଲା। ଏଥିରେ ଜଣେ ଆତଙ୍କବାଦୀ ନିହତ ହୋଇଛି। ଘାଟିରେ ଏବେ ଆତଙ୍କବାଦୀଙ୍କ ଟାର୍ଗେଟ କିଲିଂ ଜାରି ରହିଛି। ଅନେକ ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରି ଆଙ୍କବାଦୀମାନେ ହତ୍ୟା କରୁଛନ୍ତି। ବିଶେଷ କରି ହିନ୍ଦୁମାନଙ୍କୁ ଟାର୍ଗେଟ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଘାଟିରେ ସୁରକ୍ଷାକର୍ମୀଙ୍କ ତରଫରୁ ଜୋରଦାର ସର୍ଚ୍ଚ ଅପରେସନ ଚାଲିଛି। ଆତଙ୍କବାଦୀଙ୍କୁ ଖୋଜି ଖୋଜି ଏନ୍‌କାଉଣ୍ଟର କରାଯାଉଛି।

## ଦିଲ୍ଲୀ ଗଲେ ପିସିସି ସଭାପତି, ନୂଆ କମିଟି ଗଠନ ନେଇ ହେବ ଆଲୋଚନା

ଭୁବନେଶ୍ୱର, ୦୭/୦୬ (ନି.ପ୍ର): ହାଇକମାଣ୍ଡଙ୍କ ଡକରା ପାଇ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ନବନିଯୁକ୍ତ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ। ସେଠାରେ ସେ ଏଆଇସିସି କାର୍ଯ୍ୟକାରିଣୀ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଓ ରାଜ୍ୟ ପ୍ରଭାରୀଙ୍କ ସହ ଆଲୋଚନା କରିବେ । ପିସିସିଙ୍କ ନୂଆ ଟିମରେ କାହାକୁ ସାମିଲ କରାଯିବ ସେ ନେଇ ଆଲୋଚନା ହୋଇ ପାରେ ବୋଲି କୁହାଯାଉଛି। ନୂଆ ନିଯୁକ୍ତି ପାଇବା ପରେ ଏହା ହେଉଛି ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ପ୍ରଥମ ଦିଲ୍ଲୀଗସ୍ତ। ଦିଲ୍ଲୀ ଗସ୍ତ ପୂର୍ବରୁ ବିମାନବନ୍ଦରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସେ କହିଛନ୍ତି ଯେ ପ୍ରଭାରୀ ଏ. ଚେଲା କୁମାର ଓ ଅନ୍ୟ ନେତା ମାନଙ୍କୁ ଭେଟିବି। ହାଇକମାଣ୍ଡଙ୍କୁ ସାକ୍ଷାତ କରି ସବୁ ବିଷୟରେ ଅବଗତ କରିବି। ନୂତନ କମିଟି ଗଠନ ନେଇ ସେଠାରେ ଆଲୋଚନା ହେବ। ୨୦୨୪ ପାଇଁ ଆମେ ପ୍ରସ୍ତୁତ। ଏଥିପାଇଁ ହାଇକମାଣ୍ଡଙ୍କ ସହ ଆଲୋଚନା କରି ଫେରିବି ବୋଲି କହିଛନ୍ତି ଶ୍ରୀ ପଟ୍ଟନାୟକ । ନୂଆଦିଲ୍ଲୀରୁ ଫେରିବା ପରେ ଶରତଙ୍କ ନୂଆ ଟିମ ଘୋଷଣା ହୋଇପାରେ।ଏହି ନୂଆ ଟିମରେ ଯୁବକଙ୍କୁ ଗୁରୁ ଦାୟିତ୍ୱ ମିଳିପାରେ। ଦିଲ୍ଲୀରୁ ଫେରିବା ପରେ ଆସନ୍ତା ୧୦ ତାରିଖରେ ଶରତ ପଟ୍ଟନାୟକଙ୍କ ଲାଗି ସମ୍ବର୍ଦ୍ଧନା ସମାବେଶ ଆୟୋଜିତ ହେବ ବୋଲି ମଧ ସୂଚନା ରହିଛି। ସୂଚନାଯୋଗ୍ୟ, ଗତ ମାସ ୨୩ ତାରିଖରେ ବରିଷ୍ଠ କଂଗ୍ରେସ ନେତା ଶରତ ପଟ୍ଟନାୟକଙ୍କୁ ଦ୍ୱିତୀୟ ଥର ପାଇଁ ପିସିସି ସଭାପତି ରୂପେ ନିଯୁକ୍ତ କରାଯାଇଥିଲା।

## ବେଙ୍ଗାଲୁରୁରୁ ହିଜବୁଲ ଆତଙ୍କବାଦୀ ଗିରଫ : କାଶ୍ମୀର ପଣ୍ଡିତଙ୍କ ହତ୍ୟା ସହ ରହିଛି ଲିଙ୍କ



ନୂଆଦିଲ୍ଲୀ, ୦୭/୦୬ : ବେଙ୍ଗାଲୁରୁରୁ ହିଜବୁଲ ଆତଙ୍କବାଦୀ ଗିରଫ । ଜମ୍ମୁ-କାଶ୍ମୀର ପୋଲିସ, କର୍ଣ୍ଣାଟକ ପୋଲିସ ଏବଂ ଭାରତୀୟ ସେନାର ୧୭ ରାଷ୍ଟ୍ରୀୟ ରାଇଫଲର ଟିମ ହିଜବୁଲ ମୁଜାହିଦ୍ଦିନର ଜଣେ ଆତଙ୍କବାଦୀଙ୍କୁ ବେଙ୍ଗାଲୁରୁରୁ ଗିରଫ କରିଛି । ଜୁନ ୫ ତାରିଖରେ ଆତଙ୍କୀକୁ ଗିରଫ କରାଯାଇଥିଲା । ତାଲିବ ହୁସେନ ନାମକ ଏହି ଆତଙ୍କୀ କାଶ୍ମୀର ଘାଟିରେ ପ୍ରବାସୀ ଏବଂ ହିନ୍ଦୁଙ୍କୁ ଟାର୍ଗେଟ କିଲିଂରେ ସାମିଲ ଥିଲା । ତାଲିବ ନିଜ ପତ୍ନୀ ଏବଂ


▶▶ପୃଷ୍ଠା ୭

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ନୂଆ ଟିମ୍...

ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ମନ୍ତ୍ରିସଭାର ହୋଇଛି ନବ କଳେବର । ତେର ଜଣ କ୍ୟାବିନେଟ୍ ଓ ଆଠ ଜଣ ରାଷ୍ଟ୍ର ମନ୍ତ୍ରୀଙ୍କୁ ନେଇ ପୁନର୍ଗଠିତ ମନ୍ତ୍ରିମଣ୍ଡଳ ଆଗାମୀ ୨୦୨୪ ନିର୍ବାଚନ ସକାଶେ ସର୍ବଶେଷ ସମ୍ପ୍ରସାରଣ । ମୁଖ୍ୟମନ୍ତ୍ରୀ ଭାବରେ ପଞ୍ଚମ ପାଳିର ତୃତୀୟ ବର୍ଷ ପୂରଣ ବେଳକୁ ସୁଚିନ୍ତିତ ପଦକ୍ଷେପ ନେଇ ଯେଉଁ ବିଚାର ବୁଦ୍ଧି ବଳରେ ନବୀନ ବାବୁ ଏହା କରିଛନ୍ତି, ତାହା ସମସ୍ତଙ୍କୁ ଚମକାଇ ଦେଇଛି। ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ନବୀନ ବାବୁ ଦେଇଛନ୍ତି ୬ଟି ମନ୍ତ୍ର । ସରଳ ହୁଅ ଓ ସମାଜର ଶେଷ ଧାଡ଼ିରେ ଥିବା ଲୋକଙ୍କ ସମସ୍ୟା ବୁଝି ତାହାର ନିରାକରଣ ପାଇଁ ସରକାରୀ ପଦକ୍ଷେପର ଉପଯୋଗ କିଭଳି ହୋଇପାରିବ, ତାହା ଦେଖିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ପୂର୍ବ ଚାରି ପାଳିର ଅନୁଭବ ଆଧାରରେ ରାଜ୍ୟବାସୀଙ୍କ କଲ୍ୟାଣ ପାଇଁ ସେ ଯେଉଁ ବାର୍ତ୍ତା ଦେଇଛନ୍ତି, ତାହା ଆଗାମୀ ୨୦୨୪ ନିର୍ବାଚନ ଲାଗି ନୁହେଁ, ରାଜ୍ୟ ସ୍ୱାର୍ଥର ବୃହତ୍ ବିଚାରକୁ ଦୃଷ୍ଟିରେ ରଖି କରାଯାଇଛି । ମନ୍ତ୍ରିମଣ୍ଡଳରେ ନବୀନ ପା ଜଣ ମହିଳାଙ୍କୁ ସ୍ଥାନ ଦେଇ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । କେବଳ ସେତିକି ନୁହେଁ, ସେମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦେଇଛନ୍ତି ମଧ୍ୟ। ପୁରୁଷଙ୍କଠାରୁ ମହିଳାମାନେ କେଉଁ ଗୁଣରେ ଊଣା ନୁହଁନ୍ତି, ସେହି ବିଚାରରେ ପରିଚାଳିତ ମୁଖ୍ୟମନ୍ତ୍ରୀ ସାରା ଦେଶ ପାଇଁ ପାଲଟି ଯାଇଛନ୍ତି ଉଜ୍ଜ୍ୱଳ ଦୃଷ୍ଟାନ୍ତ । କାହାରି ବିରୋଧରେ ରଣନୀତି ପ୍ରସ୍ତୁତି ନହେଁ, ପ୍ରତିପକ୍ଷ ବୋଲି କୁହାଯାଉଥିବା କଂଗ୍ରେସ ଓ ବିଜେପିକୁ ମୂଳପୋଛ କରିବା ଲକ୍ଷ୍ୟରେ ଆସ୍ତିସୂଚକ ପଦକ୍ଷେପ ରାଜ୍ୟବାସୀଙ୍କ ସାର୍ଥରେ ନେବାକୁ ନବୀନ ବାବୁ ଆଗାମୀ ନିର୍ବାଚନ ପାଇଁ ରୋଡ଼ମ୍ୟାପ୍ ପ୍ରସ୍ତୁତ କରିଛନ୍ତି । ବିରୋଧୀମାନେ ସରକାରଙ୍କ ଜନକଲ୍ୟାଣ ପଦକ୍ଷେପ ପାଇଁ ଆପଣାଛାଏଁ ମୂଳପୋଛ ହେବେ । ପ୍ରବୀଣ ଓ ନବୀନଙ୍କୁ ନେଇ ମୁଖ୍ୟମନ୍ତ୍ରୀ କରିଥିବା ସମ୍ପ୍ରସାରଣର ଅବ୍ୟବହିତ ପୂର୍ବରୁ ସମସ୍ତ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ପରାମର୍ଶ ଦେବା ଓ ମହିଳା, ଆଦିବାସୀ ବର୍ଗର ପ୍ରତିନିଧିତ୍ୱରେ ବୃଦ୍ଧି କରିଛନ୍ତି । କେବଳ ସେତିକି ନୁହେଁ, ବିବାଦୀୟଙ୍କୁ ଧାନରୁ ଗୋଡ଼ ବାଛିବା ନ୍ୟାୟରେ ନବୀନବାବୁ ଅଲଗା କରିଦେଇଛନ୍ତି । ସେଥିପାଇଁ ଆଧାର ହୋଇଛି ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ଼ । ୨୦୨୪ ନିର୍ବାଚନ ପୂର୍ବରୁ ଏହି ଟିମ୍ ଯେମିତି ସର୍ବାନ୍ତକରଣରେ ଦକ୍ଷତା ସହକାରେ କାର୍ଯ୍ୟ କରିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ୬-ଟି ମନ୍ତ୍ର ଦେଇଛନ୍ତି । ଏହା ଚୂଡ଼ାନ୍ତ ସମ୍ପ୍ରସାରଣ ହୋଇଥିବା ହେତୁ ସାଂଗଠନିକ ଦକ୍ଷତାକୁ ବିଚାର କରି କେଉଁ ନେତାଙ୍କୁ କିଭଳି ବିନିଯୋଗ କରିବେ ତାହା ତଉଲି ଦେଖଉଛନ୍ତି ନବୀନ ବାବୁ । ପ ।ୟତ ନିର୍ବାଚନ, ପୌର ନିର୍ବାଚନରେ ଅସୀମିତ ସଫଳତା ପାଇବା ପରେ ସୁଦ୍ଧା ବିଜେଡି ନେତା ଓ କର୍ମୀମାନଙ୍କୁ କୌଣସି ଭାବରେ ଉତ୍‌ଫୁଲ୍ଲିତ ଆତ୍ମହରା ନହୋଇ ଜନସେବାରେ ଲାଗିପଡ଼ିବାକୁ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଯେତେବାର କୌଣସି କାରଣରୁ ବିଧାନସଭା ଉପନିର୍ବାଚନ ହୋଇଛି, ସବୁଥିରେ ବିଜୁ ଜନତା ଦଳକୁ ମିଳିଛି ଆଶାତୀତ ସଫଳତା । ସର୍ବଶେଷ ବ୍ରଜରାଜ ନଗରରେ ଅନୁଷ୍ଠିତ ଉପନିର୍ବାଚନରେ ବିଜେଡିର ପ୍ରାର୍ଥନୀଙ୍କ ବୃହତ୍ ବ୍ୟବଧାନରେ ବିଜୟ ସୂଚାଇ ଦେଇଛି ଯେ, ଦଳ ଅପରାଜେୟ ରହିଛି । ଏଥର ସମ୍ପ୍ରସାରଣର ବିଶେଷତା ହେଉଛି, ପଶ୍ଚିମ ଓଡ଼ିଶାର ସାତ ଜଣ ମନ୍ତ୍ରୀଙ୍କୁ ଅପେକ୍ଷାକୃତ ଓଜନିଆ ବିଭାଗ ମିଳିଛି । ଉପକୂଳ ଜିଲ୍ଲାଗୁଡ଼ିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଦେଇଛନ୍ତି ସମାନ ଗୁରୁତ୍ୱ । ପୂର୍ବଥର ଭଳି ନବ ଦାସଙ୍କୁ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦେଇ ପଶ୍ଚିମ ଓଡ଼ିଶାକୁ ପ୍ରାଥମିକତା ଦେଇଥିବା ବେଳେ ଉପକୂଳ ଜିଲ୍ଲାର ପ୍ରମିଳା ମଲ୍ଲିକଙ୍କୁ ରାଜସ୍ୱ ଓ ଜଳ ସମ୍ପଦ ଭଳି ଓଜନଦାର ବିଭାଗ ଦେଇଛନ୍ତି । ପ୍ରମିଳା ମଲ୍ଲିକ ଏଯାଏଁ ଥିଲେ ସରକାରୀ ମୁଖ୍ୟ ସଚେତକ ତାଙ୍କୁ ମନ୍ତ୍ରୀ ପଦ ମିଳିବା ପରେ ତାଙ୍କ ସ୍ଥାନରେ ଜଗତସିଂହପୁରର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ଅବସ୍ଥାପିତ କରାଗଲା । ଉପମୁଖ୍ୟସଚେତକ ରୂପେ ପାଟଣାଗଡ଼ ବିଧାୟକ ସରୋଜ ମେହେରଙ୍କୁ ଅବସ୍ଥାପିତ କରାଯାଇଛି । ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅସୁସ୍ଥତା କାରଣରୁ ପଦତ୍ୟାଗ ପରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ବାଚସ୍ପତି କରାଯିବା ଯେମିତି ଗୁରୁତ୍ୱ ବହନ କରୁଛି, ସେହିଭଳି କେତେକ ରାଷ୍ଟ୍ରମନ୍ତ୍ରୀଙ୍କୁ ପଦୋନ୍ନତି ମିଳିବା ସେମାନଙ୍କ ଦକ୍ଷତା ଆଧାରରେ କରାଯାଇଥିବା ବିଶ୍ୱାସ କରାଯାଉଛି । ସମାଲୋଚକଙ୍କ ମୁହଁ ସବୁଦିନ ପାଇଁ ବନ୍ଦ ହୋଇଯାଇଛି । ସେମାନେ ଏତିକି କହି ଆତ୍ମସନ୍ତୋଷ ଲାଭ କରୁଛନ୍ତି କି, ଅମଲାତନ୍ତ୍ର ନବୀନ ସରକାର ଅମଳରେ ଶକ୍ତିଶାଳୀ ହୋଇଛନ୍ତି । ଦକ୍ଷତା ଉଭୟ ନେତା, ମନ୍ତ୍ରୀ ଓ ସଂଗଠକ ଏବଂ କର୍ମୀଙ୍କ ପାଇଁ ମାପକାଠି । ଦଳୀୟ କର୍ମୀ ଓ ସଂଗଠକମାନଙ୍କୁ, ଏସ୍ ଏଜି ଲାଭାର୍ଥୀ ମା'ମାନଙ୍କୁ ବ୍ୟାପକ ସୁଯୋଗ ଦେଇ ଆତ୍ମନିର୍ଭର କରାଯିବା ଦ୍ୱାରା ସରକାର ଯଥାର୍ଥ ପଦକ୍ଷେପ ନେଇଛନ୍ତି । ତାହା ବାଚନିକ ଘୋଷଣାରେ ସୀମିତ ନହୋଇ ବାସ୍ତବତାରେ ରୂପାନ୍ତରିତ ହୋଇଛି ।

# ଓଡିଶା : ଦାରୁ ଦେବତାଙ୍କ ଭୂଇଁ



## ମାୟାଧର ନାୟକ

ଓଡିଶା ସେଇ ମାଟି, ଯେଉଁଠି ମଣିଷ ଦାରୁକୁ ଦେବତା ମାନେ । ଏହା ଏକ ଆଦିବାସୀ ବିଶ୍ୱାସବୋଧର ଅବଦାନ ଏ ମାଟିର ଐତିହ୍ୟକୁ । କାରଣ ଶବରରାଜା ବିଶ୍ୱାବସୁର ଦିଅଁ ନୀଳମାଧବକୁ ପୁରୀ ଆଣି ଜଗନ୍ନାଥ ନାଆଁ ଦେଇଛେ ଆମେ । ତାଙ୍କୁ କେନ୍ଦ୍ର କରି ଓଡିଶାର ସାମନ୍ତବାଦ ଓ ରାଜତନ୍ତ୍ରଠାରୁ ଆରମ୍ଭ କରି ଆମର ଏ ଗଣତନ୍ତ୍ର ପର୍ଯ୍ୟନ୍ତ ସବୁଠି ଧର୍ମ, ରାଜନୀତି, ସଂସ୍କୃତିର ଧାରା ସମୟ ସହିତ ତାଳ ଦେଇଆସିଛି । ଏ ଜଗନ୍ନାଥ ପୁଣି ଯୌଥପାରିବାରିକତାର ପ୍ରତିନିଧି – ଖାଲି ଭାଇ ନୁହେଁ, ଭଉଣୀ ସମେତ ବିରାଟ ପରିବାର ତାଙ୍କର । ଭାଇର ଭୋଗରେ ଭଉଣୀର ଅଧିକାର । ବଡଭାଇ ବଳଭଦ୍ର ହଳଧର କୃଷକସଂସ୍କୃତିର ପ୍ରତୀକ-ପୁରୁଷ ଓ ସାନଭାଇ ଶ୍ରୀଜଗନ୍ନାଥ ଚକ୍ରଧର ଶ୍ରମିକସଂସ୍କୃତିର ପ୍ରତ୍ୟୟ-ପୁରୁଷ ଭଳି ପ୍ରତୀୟମାନ ହେଉଥିବାବେଳେ ଭଉଣୀ ସୁଭଦ୍ରା ହେଉଛନ୍ତି ଶୀଳାଚାରର ସ୍ୱରୂପିଣୀ । ଦାରୁଦେବତା ଏ ତିନିହେଁ ।

ଅଥଚ ଏବେ ଏଇ ଦାରୁଦେବତାଙ୍କ ଭୂଇଁ ଓଡିଶାରେ ଅମଣିଷଙ୍କ ଅମଳ । ଅମଣିଷମାନେ ଆସନରେ ବସିଛନ୍ତି, ଶାସନରେ ବାହାଲ୍ ଅଛନ୍ତି, ଏ ଭୂଇଁରେ ଭୁଆଁ ବୁଲାଉଛନ୍ତି ନିରନ୍ନ ମଣିଷମାନଙ୍କୁ । ଜମି ଜବରଦଖଲ ଚାଲିଛି, ଜଙ୍ଗଲରେ ଚାଲିଛି ଆଖିବୁଜା ଗଛକଟା ସାଙ୍ଗକୁ ଖଣିଖୋଳା ଆଉ ଖଣିଜଦ୍ରବ୍ୟର ଚୋରା ବେପାର ! ଧୂର୍ତ୍ତ ଧନତନ୍ତ୍ରର ଦଲାଲ୍ ଓ ଠଗୀ ଠିକାଦାରମାନେ ଓଡିଶାର ଗାଆଁ ଗଡଜାତକୁ ନିଜ ମୁନାଫାଖୋରିର ଫସଲକିଆରି କରିସାରିଲେଣି । ଗ୍ରାମାଂଚଳକୁ ଶିଳ୍ପାଂଚଳ କରିଦେଲେ କୁଆଡେ ପ୍ରଗତି ! ଚାଷଜମିକୁ ଚଟକଳର ଚୌହଦି ବନାଇଦେଲେ କୁଆଡେ ବିକାଶ ! ଜଳସଂପଦକୁ କଳକାରଖାନାର ମାଲିକବର୍ଗଙ୍କୁ ସମର୍ପିଦେଲେ କୁଆଡେ ସମୃଦ୍ଧି !

ଓଡିଶାରେ ଆଜି ପାଉଁଶ ତଳୁ ନିଆଁ ବାହାରୁଛି । ହେଲେ ଏ କଥା କ'ଣ ଏବେ ବି ବୁଝୁଛନ୍ତି ସରକାରୀ ସୂତ୍ରଧର କି ଶାସନକଳର ନଟ୍‌ବୋଲ୍‌ଟ୍‌ମାନେ ? ମହାଭାରତର କୋକୁଆ ମାଟିବାଠାରୁ ଆଜି ଏ ଉପଭାରତର ମାଓ ମାଟିବା ଡରରେ ସମସ୍ତେ ଥରହର । ହେଲେ କେହି ସାହସ କରି କହୁନାହାନ୍ତି କାହିଁକି ଏ ମାଓବାଦ ବ୍ୟାପିଚାଲିଛି ଗଡଜାତରୁ ଗାଆଁ – ଗାଆଁରୁ ସହର । କେହି ବି ମାନୁନାହାନ୍ତି ଯେ ସରକାରଙ୍କ ସଂପ୍ରତି ମାତ୍ରାତିରକ୍ତ ଧନପତି ଓ ଶିଳ୍ପପତିପ୍ରେମ ସହିତ ଗରିବଗୁରୁବାଙ୍କୁ ପୋକମାଛି ମଣିବାର ମନୋବୃତି ପ୍ରତାରକ କମ୍ପାନୀଗୁଡାକୁ ଯୋଗାଇଦେବାକୁ ଯେତିକି ବ୍ୟସ୍ତ, ସେତିକି ଆଗ୍ରହୀ ନୁହନ୍ତି ଦଳିତ, ଦୁର୍ଗତ, ବନବାସୀ କି କୃଷକବର୍ଗଙ୍କୁ ବଂଚିବାର ସର୍ବନିମ୍ନ ଅଧିକାର ପ୍ରଦାନ କରିବାକୁ । ବରଂ ଖଣିଦୁର୍ନୀତି, ଜମିଦୁର୍ନୀତିଠାରୁ ଆରମ୍ଭକରି ବହୁବିଧ ଦୁର୍ନୀତିଲବ୍ଧ କଳାଟଙ୍କାରୁ କେଂଚାଏ ମାତ୍ର କଙ୍କାଳ କୁଳକୁ 'ଦାନ' ଦେଇ ଏବଂ ସରକାରୀ ଚାକିରିଆଙ୍କ ଭତା ଓ ବେତନ ବଢାଇଦେଇ ଭୋଟ୍ ରାଜନୀତିର ଭାଟଗିରିକୁ ବଜାୟ ରଖାଯାଇଛି । ଅବଦମିତ ଜନଅସନ୍ତୋଷର ଏକ ଗୁପ୍ତସ୍ଫୁଲିଙ୍ଗ ଏ ମାଓବାଦୀ ମହାଭିଯାନ ! ଭୁବନେଶ୍ୱରରେ ବସି ସାରା ମୁଲକକୁ ଭୁଆଁ ବୁଲାଉଥିବା ସରକାରୀ ସିରସ୍ତାଦାରମାନେ ରାଜ୍ୟକୁ ଟେକିଦେବାକୁ ପଛାଉନାହାନ୍ତି ସୌଦାଗର-ସାହୁକାର ଶୋଷକବର୍ଗଙ୍କ ଅସରନ୍ତି ଆଁ' ଆଡେ !

କ୍ଷେତ କାହିଁକି ପ୍ରେତଭୂମି ? ଗଛ କାହିଁକି ହାଣ ହୁକୁମ୍‌ର ହତିଆର ଆଗରେ ଅସହାୟ ? ଜଙ୍ଗଲ ଜୁରି ହେଉଛି କାହିଁକି ? ଜମି ଉପରେ ଜୁଲମ ଚାଲୁଛି କାହିଁକି ? ଖଳାବାଡି ଆଉ ଖତଗଦାର ଗାଁ ଛାଡି ଅରଣା ମଇଁଷିପଲ ପରି କୁଆଡେ ମୁହାଁଉଛନ୍ତି ଏ ମାଟିର ମଣିଷ ? ଇଏ କି ରାଜନୀତି, ଯାହା କବଳରେ ଆମର ଗ୍ରାମୀଣ ଅର୍ଥନୀତିର ଅବସ୍ଥା ବାରଣ୍ଡା ଦି'କଡା ? ଚାଷୀ ଦରମଲା, ପଟିଷ ପାଟକ ସର୍ବସ୍ୱାନ୍ତ, ଆଦିବାସୀ ଆର୍ତ୍ତତ୍ରସ୍ତ – ଓଡିଶାର ସାଧାରଣ ଅଧିବାସୀ ଅଧିକାରହୀନ । କଳାପଇସାରେ ରାଜ୍ କରୁଥିବା ଗୋଟାଏ ସରକାରକୁ କୋଉଠାରେ ବି କଳାପତାକା ପ୍ରଦର୍ଶନ କରୁନାହାନ୍ତି କେହି । ବିତବଳ, ବନ୍ଧୁକବଳର ବାଦଶାହୀପଣକୁ ଜବାବ୍ ଦେବାକୁ ଜନ୍ମ ନେଉଥିବା ଜନଅସନ୍ତୋଷ କଣ ଚାପିଦେଇ ପାରିବ କିଏ ସବୁଦିନ ପାଇଁ ?

ଓଡିଶାର ଗଛ ସବୁ ଆଜି ମୂର୍ଦ୍ଧାର ପାଲଟୁଛନ୍ତି । ଗଛକୁ ଦେବତା ନୁହେଁ, କେବଳ କାଠ ଦୃଷ୍ଟି ଭଙ୍ଗୀରେ ଦେଖିବା କେଉଁ ଦିନଠୁ ଆରମ୍ଭ ହୋଇସାରିଛି । ଗୋଟିଏ ଗଛର ଗୋଟିଏ ଡାଳକୁ ହାଣିବାର ଅର୍ଥ ସଂସ୍କୃତି ପ୍ରତି କୁଠାରାଘାତ । ଅରାଏ ମାଟିର ଛନଛନ ଦୂବଘାସଗୁଡିକୁ ଚାଂଛିବା ମାନେ ପ୍ରକୃତି ପ୍ରତି ପଦାଘାତ । ମନେରଖିବାକୁ ପଡିବ ଯେ ଗୋଟିଏ ପତ୍ରକୁ ନଷ୍ଟ କରିବାରେ କି ଗୋଟିଏ ଫୁଲକୁ ଛିଣ୍ଡାଇବାରେ ଅବମାନିତ ହୁଏ ଦିବ୍ୟଜୀବନର ସନ୍ଦେଶ ଓ ସଂକେତ । ଔଷଧୀୟ ବୃକ୍ଷଲତାର ଅରଣ୍ୟ ଓ ବନବୃକ୍ଷଶୋଭିତ ନୀଳପର୍ବତମାଳା ଉପରେ ଆଜି ଶିଳ୍ପସୌଦାଗରବର୍ଗର ଶ୍ୱେନଦୃଷ୍ଟି ଆସନ୍ତାକାଲି ପ୍ରାକୃତିକ ପ୍ରାଚର୍ଯ୍ୟରେ ପରିପୂର୍ଣ୍ଣ ଏ ଓଡିଶା ଭୂଇଁକୁ ମଶାଣି ଭୂଇଁରେ ପରିଣତ କରିଦେବ ନିଶ୍ଚୟ । ମଶାଣି ଭୂଇଁରେ କି ଶିଳ୍ପବିପ୍ଳବ ? ଦାରୁ ଯେଉଁ ଭୂଇଁରେ ଦେବତା, ସେଠି ଦୂବଟିଏ ବି କଅଁଳିବନାହିଁ ଆଉ ! ଅତଏବ ସାଧୁବେଶୀ ସଇତାନମାନେ ସାବଧାନ !


ଯାଜପୁର ରୋଡ, ଯାଜପୁର

ମୋ : ୯୮୬୧୦୩୪୧୬୩


# ଭକ୍ତି ଉବାଚ

## ଆଦିତ୍ୟ ଚନ୍ଦ୍ର ଦାସ

ଭଲ ପାଇବା ସାଙ୍ଗରେ ଯଦି ଭୟ ମିଶିଯାଏ ତେବେ ତାହା ଭକ୍ତି ହୋଇଯାଏ। ଆମେ ଆଜି କିଛି ଏ କଳିକାଳର ଭକ୍ତି, ଭକ୍ତ ଓ ଭଗବାନଙ୍କ ବିଷୟରେ ଜାଣିବା। ଝୁଲାକୁ ଝୁଲେଇ ଟଙ୍କା ରୋଜଗାର କରିବାର ଅଭିନବ ପନ୍ଥାକୁ ଆଦରି ଏବେ କିଛି ବୟସ୍କ ଓ ଯୁବକ ଦଳ ଗ୍ରାମେ ଗ୍ରାମେ ପହଞ୍ଚୁଛନ୍ତି। ସେମାନେ ହିନ୍ଦି ଭାଷାରେ କଥା ହୁଅନ୍ତି ଅବା ଦରଖଣ୍ଡି ଓଡ଼ିଆ ବି କହିପାରନ୍ତି। ଓଡ଼ିଶାବାସୀ ବା ଆମେ ଭାରି ଭକ୍ତିମାର୍ଗର ଲୋକ। ପାପର ମାତ୍ରା ଆମ୍ଭମାନଙ୍କର ଏତେ ଅଧିକା ଯେ ରାସ୍ତାରେ ଯଦି କିଏ ସିନ୍ଦୂର ଢାଳିଦିଏ ତେବେ ଆମେ ସେଠି ଖାଲି ନମସ୍କାର ତ ହେବୁନି ବରଂ ଅନ୍ୟକୁ ବାଧ କରାଇ ସେଠାରେ ଆସ୍ଥାନ ମଣ୍ଡପଟିଏ କରେଇଦେବୁ। ଆମ ଭକ୍ତି ଏଇ କିଛି ବର୍ଷ ଭିତରେ ବହୁତ ପରୀକ୍ଷା ହେଲାଣି। କିଏ କହିଲା- 'ଜଣେ ବୁଢୀଟିଏ ଆସୁଛି, ସେ ତୁମକୁ ପିଆଜ କି ଆଳୁଟିଏ ମାଗିବ, ନଦେଲେ ଭାରି କ୍ଷତି। ମାତ୍ର ଘର ଦ୍ୱାର ମୁହଁରେ ଯଦି ଲେଖାଥିବ 'ଓଁ ନମଃ ଶିବାୟ' ନାଲି ରଙ୍ଗରେ ତେବେ କିଛି ହେବ ନାହିଁ।' ଆଉ କିଏ କହିଲା- 'ଟିଭିରେ ଦେଖେଉଥିଲା କେଉଁ ବଡ଼ ମେଡ଼ିକାଲ୍‌ରେ ଗୋଟିଏ ଛୁଆ ଜନ୍ମ ହୋଇ କହିଛି, ଗୋଟିକିଆ ପୁଅ ଯାହାର ହୋଇଥିବ ତା' ବାପାମା' ସମସ୍ତେ ଯାଇ ଶିବ ମନ୍ଦିରରେ ଶିବ ମହାପ୍ରଭୁଙ୍କୁ ଦର୍ଶନ କରିବେ।' ଆଉ କିଏ କହିଲା- 'ଅମକେଇ ଦିନ ରାତି ୧ଟାରୁ ୩ଟା ଭିତରେ ଭୂମିକମ୍ପ ହେବ।' ସେଥିପାଇଁ ଲୋକମାନେ ରାତିସାରା ଅନିଦ୍ରା ମଧ୍ୟ ରହିଲେ। ସବୁକଥାରେ ଗୋଟେ ମୁଖ୍ୟ କଥା ହେଉଛି ଭୟ। ଯେହେତୁ ଆମେ ସମସ୍ତେ ଛୋଟିଆମୋଟିଆରୁ ଆରମ୍ଭ କରି ବଡ଼ ବଡ଼ ପାପ କାମରେ ଲିପ୍ତ ଅଛୁ ତେଣୁ ଆମକୁ ଭୟ ଲାଗୁଛି। ଛୋଟ ଛୋଟ ଗୁଜବ ବି ବଡ଼ ଆକାର ଧାରଣ କରୁଛି।

କଥା କହୁଥିଲି କ'ଣ ମାତ୍ର ଦେଖିଲାବେଳକୁ ଯାଇ ଅନ୍ୟଆଡ଼େ ଉଠିଲିଣି। ଏ ଯେଉଁ ଝୁଲା ଦଳ ପ୍ରଥମେ ଭିକ ମାଗିବେ, ଭିକ ମାଗିବା ଅବସରରେ କିଛି ଠଉରାଇବେ ଏବଂ ଭିକ ନେବା ସମୟରେ ଦାତାର ପ୍ରଶଂସା ଗାନ କରିବେ। ମିଛ ସତ ଲଗେଇ ଜାଣିଲା ଭଳିଆ କେତେ କଥା ପୂର୍ବ ପରର କହିଦେବେ ଯେ ଲାଗିବ ସତେଯେମିତି ସରଳାର୍ଥ ଲେଖୁଛନ୍ତି କି! ପ୍ରଶଂସା ପାଇବାକୁ ଆଜିକାଲି କିଏ ଚାହେଁନା? ପ୍ରଶଂସା ଶୁଣିବ, ସେ ପୁଣି ବାହାରଲୋକଙ୍କ ଠାରୁ (ଘର ଲୋକଙ୍କଠାରୁ ନିନ୍ଦିତ ଚରିତ୍ରର ଉପାଧି ପାଇଥାଅ ପଛେ!) ! ତେଣୁ ବାଧହୋଇ ଯେ କେହିବି ସେ ଝୁଲାବାଲାଙ୍କୁ ଘରେ ବସେଇବ। ଏମାନେ ଭକ୍ତିମାର୍ଗରେ ଏମିତି କିଛି କହିବେ ଯେ, ଯେକେହିବି ଲୋକ ଏମାନଙ୍କୁ ଆତିଥ୍ୟତା ପ୍ରଦାନ କରିବ। ତା'ପରେ ସେମାନେ ଏମିତି ଆରମ୍ଭ କରିବେ- 'ଆପଣ ଆପଣଙ୍କ ଛୁଆପିଲାଙ୍କୁ ନେଇ ବ୍ୟସ୍ତ ଅଛନ୍ତି(ଛୁଆ ପିଲା ଯାହା ଘରେ ଥିବ କିଏ ବ୍ୟସ୍ତ ନ ହେବ!)। ଆପଣଙ୍କ ପିଲାମାନେ କେହି ରୋଜଗାର କରୁନାହାନ୍ତି ( ଆପଣଙ୍କ ପିଲାଙ୍କୁ ଦଶ ବର୍ଷ ହେଇଥାଉ ପଛେ!)। ଆପଣ ମନସ୍ତାପ ଭିତରେ ରହୁଛନ୍ତି। ଆପଣଙ୍କ ମନ ଗୋଟିଏ ମାତ୍ର ଆପଣ କୋଟିଏ ସ୍ୱପ୍ନ ଦେଖୁଛନ୍ତି। ସବୁ ସ୍ୱପ୍ନ ସାକାର ହେବ ଯଦି ଆପଣ ଏଇଆ ମାନସିକ କରିବେ। ଆପଣଙ୍କୁ ଗୋଟିଏ ନଡ଼ିଆ ଦେବାକୁ ହେବ, ଧୂପଦୀପ ଇତ୍ୟାଦି ଓ ତତ୍‌ସହିତ ଦକ୍ଷିଣା ଏକ ହଜାର ଏକ ଟଙ୍କା ମାତ୍ର ଦେବାକୁ ପଡ଼ିବ। ଆମେ ସୁଦୂର ଅମକେଇରୁ ଆସିଛୁ କେବଳ ତମ ଭଳି ଭକ୍ତକୁ ଦେଖିବାକୁ। ଆମେ ଅନ୍ୟ କେଉଁଠିକୁ ଯାଇପାରିଥାନ୍ତୁ, ମାତ୍ର ଆମ ଭକ୍ତର ଘର କେଉଁଠାରେ ତାହା ଆମକୁ ଜ୍ଞାତ ହୋଇଯାଏ।'

ପ୍ରଶଂସାତୁର ଭକ୍ତଟି ଯଦି ପଇସାବାଲା ହୋଇଥାଏ ତେବେ ସଂପୂର୍ଣ୍ଣ ଦିଏ, ନହେଲେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରି ଯାହା ସକ୍ଷମ ତାହା ଦିଏ। ଏମାନେ ଗଲାପରେ ଘରର ମୁରବି ଓ ଘରଣୀଙ୍କ ଭିତରେ ଏ ଟଙ୍କା ଦିଆନିଆ ଯୋଗୁ ପାଟିତୁଣ୍ଡ ହୁଏ ଏବଂ ଏ ଅବସ୍ଥା ଦିନେ ଦୁଇଦିନ ପରେ ସ୍ୱାଭାବିକ ଅବସ୍ଥାକୁ ଫେରେ। ଭଗବାନଙ୍କ କଥା ତ ଲେଖିଲେ ସରିବନି ମାତ୍ର ଭକ୍ତଙ୍କ କଥା ମଧ୍ୟ ତା'ଠାରୁ ଅଧିକ ଅସରନ୍ତି। ଭକ୍ତମାନେ ତ ଏବେ ବାବା ନାମରେ ପରିଚିତ। ଏବେକାର ବାବାମାନଙ୍କର ତୈଳଚିତ୍ର ରାସ୍ତାଘାଟ ଚାରିଆଡ଼େ ଦୃଶ୍ୟମାନ। ସେମାନଙ୍କଠାରୁ ପ୍ରବଚନ ମାନେ ପ୍ରବଂଚକଙ୍କ ନିକଟରୁ ପ୍ରବଚନ ଶୁଣିବା ପାଇଁ ଭିଡ଼ ମଧ୍ୟ ହେଉଛି। ନ ହେଲେ ବାବାମାନଙ୍କର ଯୌନ କେଲେଙ୍କାରୀର ଦୃଶ୍ୟ କ'ଣ ଦୂରଦର୍ଶନରେ ଦେଖାଯାଆନ୍ତା ! ବାବାନାମେ ଏମାନେ ବନ୍ଧ୍ୟାଙ୍କୁ ସନ୍ତାନବତୀ କରାଇବା ଚକ୍କରରେ ରହନ୍ତି । ଗେରୁଆ ବସ୍ତ୍ର ପିନ୍ଧି ସେ ବସ୍ତ୍ରର ଅବମାନନା କରୁଥିବା ଏ ଭଣ୍ଡମାନଙ୍କୁ ଚିହ୍ନିବାର ବେଳ ଆସିଗଲାଣି। ସବୁ ଗେରୁଆ ବସ୍ତ୍ର ପିନ୍ଧିଲାବାଲା ସନ୍ଥ ନୁହଁନ୍ତି ବୋଲି ଏମାନେ ବୋଧେ ଜାଣି ନାହାଁନ୍ତି। ବାବାଙ୍କ ଚେଲାମାନେ ଭକ୍ତମାନଙ୍କୁ ବି ଚିହ୍ନିବାର ବେଳ ଆସିଗଲାଣି। ବାବାମାନେ ମଧ୍ୟ ଦଳ ସୃଷ୍ଟି କଲେଣି। ଭଗବାନଙ୍କ ନାମ ନେଇ କୁକର୍ମ କରୁଥିବା ହେ ଭକ୍ତିମାର୍ଗର ବାବାମାନେ ଓ ଚେଲା ଚାମଣ୍ଡା (ଭକ୍ତ!) ମାନେ କୁସଙ୍ଗ ପରିତ୍ୟାଗ କର ନଚେତ୍ ସତ୍‌ସଙ୍ଗ ଲଭି ହେବ ନାହିଁ। ସନ୍ଥ କବୀର ଦାସଙ୍କ ଦୋହା ଶୁଣିଛ ନା ? - 'ମଥୁରା ଜାଓ୍ୱେ, ଦ୍ୱାରିକା ଜାଓ୍ୱେ, ଜାଓ୍ୱେ ଜଗନ୍ନାଥ / ସାଧୁ ସଙ୍ଗତି, ହରି ଭକତି, ବିନ୍ କୁଛ୍ ନ ଆଓ୍ୱେ ହାତ୍।' ଅଥଃ ଭକ୍ତି ଉବାଚ! ନା, କ'ଣ କହୁଛନ୍ତି ଆଜ୍ଞା ?


କ୍ଷେତ୍ରପାଳ, କଣ୍ଟିଗଡ଼ିଆ,ଯାଜପୁର

ମୋ: ୯୪୩୯୩୬୮୩୫୯


# କ୍ଷୀରଚୋରା କେବେ ?



## ସୁବ୍ରତ କର

ଦଳର ମୁଖିଆଙ୍କ ପ୍ରଥମେ ଅଭିନନ୍ଦନ ବ୍ରଜହାଜନଗର ପାଇଁ । କିନ୍ତୁ, ବାଲେଶ୍ୱରକୁ ଅଣଦେଖା କରୁଛନ୍ତି କାହିଁକି ? ବାଇ-ଇଲେକ୍ସନ୍ ପୂର୍ବରୁ ବାରମ୍ବାର କହିଥିଲେ ବାଲେଶ୍ୱର ମୋର ଏବଂ ଦେଖିବା ଉଭୟ ଦାୟିତ୍ୱ ମୋର କିନ୍ତୁ ବାଇ ଇଲେକ୍ସନ୍ ଦେଢ଼ବର୍ଷ ହେବ ଶେଷ ହେଲାଣି । ମାନିବାକୁ ପଡ଼ିବ । ଦଳର ମୁଖିଆଙ୍କୁ କାରଣ ସ୍କୁଲ ପରେ ପରେ ମନ୍ଦିରର ଉନ୍ନତି ପାଇଁ ଲାଗିଛନ୍ତି । ସବୁ ମନ୍ଦିରକୁ ନିଜର ଭାବି ବେଶ୍ କିଛି ଉନ୍ନତିକରଣ କାର୍ଯ୍ୟରେ ଲିପ୍ତ ଅଛନ୍ତି । ପୁରୀ ମନ୍ଦିର, ଲିଙ୍ଗରାଜ ମନ୍ଦିର, ତାରାତାରିଣୀ ମନ୍ଦିର, ସମ୍ବଲଶ୍ୱରୀ, ତାରିଣୀ ଏବଂ ଏବେ ଏବେ ଜଗତସିଂହପୁରର ଶାରଳା ମନ୍ଦିର । ଏହାର ଉନ୍ନତୀ କରଣରେ ଖର୍ଚ୍ଚ ହେବ ୪୨କୋଟି ଟଙ୍କା ଏବଂ ଏହା ସହିତ ସାରଳା ଦାସଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ମଧ୍ୟ ତିଆରି ହେବ । ଏହି ମନ୍ଦିରଟି ଅଷ୍ଟମ ଶତାବ୍ଦୀର । ଏହା ସହିତ ଭଦ୍ରକର ଆଖଣ୍ଡଳମଣି ମନ୍ଦିର ମଧ୍ୟ ଅନ୍ତର୍ଭୁକ୍ତ । ଏତେ ସବୁ ମନ୍ଦିରମାନଙ୍କ ମଧ୍ୟରେ ବାଲେଶ୍ୱରର କ୍ଷୀରଚୋରା ଗୋପିନାଥ ମନ୍ଦିର (ରେମୁଣା) ଉପରେ ସରକାରଙ୍କ ନଜର ଆସିବା ଦରକାର । ଯଦି ସରକାରଙ୍କ ଫର୍ଦ୍ଦରେ ନାହିଁ ତେବେ ଜିଲ୍ଲାରେ ଅଧିକାରୀମାନେ ଏବଂ ରାଜନୈତିକ ନେତାମାନେ ଦଳର ମୁଖିଆଙ୍କ ଦୃଷ୍ଟିକୁ ଆଣିବାକୁ ଚେଷ୍ଟା କରିବା ଦରକାର । ରେମୁଣାଠାରେ ଥିବା କ୍ଷୀରଚୋରା ମନ୍ଦିର ମଧ୍ୟ ଅତି ପୁରୁଣା । ଐତିହ୍ୟପୂର୍ଣ୍ଣ ଅଟେ । ଏହା ଏକେ ତୀର୍ଥସ୍ଥାନ ମଧ୍ୟ । ବାଲେଶ୍ୱରକୁ ଆସୁଥିବା ପର୍ଯ୍ୟଟକ ମାନେ ଚାନ୍ଦିପୁର ଠାରେ ଥିବା ସମୁଦ୍ର, ପଞ୍ଚଲିଙ୍ଗେଶ୍ୱର ଏବଂ କ୍ଷୀଚଚୋରା ମନ୍ଦିର ନିଶ୍ଚୟ ବୁଲି ଦେଖନ୍ତି । ଇତିହାସ କହେ ପ୍ରଭୁ ଶ୍ରୀ ଚୈତନ୍ୟ ଦେବ ନଦୀଆ ଜିଲ୍ଲାରୁ ପୁରୀ ଶ୍ରୀ ଜଗନ୍ନାଥଙ୍କ ସେବା ଉଦ୍ଦେଶ୍ୟରେ ପୁରୀ ଯିବା ବାଟରେ ଏହିଠାରେ ରାତ୍ରୀ ଯାପନ କରିଥିଲେ । ସେତେବେଳେ ଚାଲି ଚାଲି ଯିବାକୁ ପଡୁଥିଲା । କିମ୍ବା ଅତିବେଶି ହେଲେ ଶଗଡ଼ ଗାଡ଼ିରେ ଜଗନ୍ନାଥ ସଡ଼କ ଦେଇ ଯିବା ଆସିବା କରୁଥିଲେ । ପ୍ରଭୁ ଶ୍ରୀ ଚୈତନ୍ୟ ଦେବଙ୍କ ପାଦ ପଡ଼ିଥିବା ସ୍ଥାନକୁ ସରକାର ଉନ୍ନତି ପ୍ରକଳ୍ପ ହିସାବରେ ନେବା କଥା ଏବଂ ସବୁଠୁ ବଡ଼ କଥାହେଲା ସାଂସ୍କୃତିକ ମନ୍ତ୍ରୀ ହେଉଛନ୍ତି ଆମ ଜିଲ୍ଲାର । ତାଙ୍କୁ ମଧ୍ୟ ଅନୁରୋଧ ସେ ଟିକିଏ ଲାଗିଲେ ସରକାର ନିଶ୍ଚୟ ଭାବରେ ଉନ୍ନତୀକରଣରେ ଲାଗି ପଡ଼ନ୍ତେ । ଏହା ପରେ ବାଲେଶ୍ୱରର ନୀଳଗିରି ଠାରେ ଥିବା ପାହାଡ଼ ଉପରେ ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠ ସ୍ଥାନ । ଏହାର ମଧ୍ୟ ଉନ୍ନତିକରଣର ଆବଶ୍ୟକତା ରହିଛି ବୋଲି ସବୁ ବାଲେଶ୍ୱରବାସୀ ମନେ କରନ୍ତି । ସବୁ ମୁଖୀଆଙ୍କ ଇଚ୍ଛା । ଦେଖିବା କେବେ ସେ ଇଚ୍ଛା କରିବେ ।





## କାହିଁ ଗଲୁ ବରଷା... ? ?

### ସଂଗ୍ରାମ ରାୟ

ବରଷାରେ....! ବରଷାରେ....!
ଆଜି କାଲି ଚାରିଆଡେ,
ଶୁଭୁଛି ଶବଦ ତୋହର....!
କୋଉଠି ତୁହି ଲୁଛିଛୁରେ .... ?

ଖୋଜି ମୁଁ ପାଉନିରେ ତୋତେ
ଚ୍ୱାହିଁ ବସିବି ଆଉ କେତେ...!
ସେଥିପାଇଁ ଦେଉଛି
ସନ୍ଦେଶ ତୋତେ...।

କାହିଁ ଗଲୁ ତୁ,
ଏଇ ଭୁବନ ଛାଡିରେ ...
କାହିଁ କେତେ ଦିନୁ ,
ଛାଡି ଯାଇଛୁରେ..... ? ?

ମନେ ପଡୁ ନାହିଁ କି ତୋର
ଏଇ ଜଗତସିଂହପୁର ମାଟିମା' କଥା..!
ଆ ଥରେ ତୁ ବରଷି ଯା .....।

ଗଛ , ଲତା , ଜୀବ ଓ ଜନ୍ତୁ,
ଚାହିଁଛନ୍ତି ତୋ ବରଷା ଜଳକୁ
ତୋତେ ଚାହିଁ ଚାହିଁ ,
ଆଉଟୁ ପାଉଟୁ ହେଉଛନ୍ତି ଆଜି....।

ବିତିଗଲାନି ବହୁ ଦିବସ
ବରଷି ନାହୁଁ ତୁ.....!
ତୁ ଆଉ ଏତେ ରାଗେନା....।

ଫେରିଆ ଜଗତସିଂହପୁର ମାଟିକୁ,
ତୋ ବରଷା ଜଳରେ ଭିଜେଇ ଦେ
ତୁ ବରଷି ଗଲେ ଥରେ,
ହସିବ ଏଇ ବାଣୀକ୍ଷେତ୍ରରେ.....।

ଭାବୁଛି ତୁ ଏଇ ଖବର ପାଇ,
ଆମ ଏଇ ବାଣୀ କ୍ଷେତ୍ରରେ
ନିଶ୍ଚୟ ବରଷି ଯିବୁ.....!


♥ ନୂଆଗଡ଼, ନାଉଗାଁ,
ଜଗତସିଂହପୁର


## ବର୍ଷା ରାଣୀର ଆଗମନ

### ସୁନୀଲ କୁମାର ପ୍ରଧାନ



ଗ୍ରୀଷ୍ମ ତ ସରିଲା ବରଷା ଆସିଲା
ଆକାଶରେ ମେଘ ମାଳ
ଘୋର ଶବଦରେ ବିଜୁଳି ମାରଇ
ମହୀ ହୋଇଲା ଚହଳ ।

ସକଳ ଋତୁର ଶ୍ରେଷ୍ଠ ଯେ ଅଟଇ
ବରଷା ଋତୁ ଏକା
ସେଇତ ଆସିଲେ ଶସ୍ୟ ଆମର
ସୁନ୍ଦର ଦିଶଇ ସଖା ।

ମୟୂର ଥାଇ ଗିରି ଶିଖେ
ନୃତ୍ୟ କରଇ ସୁଖେ
ତାହାର ଆନନ୍ଦ କେ କହିବ
ଅତି ହରଷ ମୁଖେ ।

ବରଷା ଆସିଲେ ଋତୁ ରାଣୀ ସତେ
ପିନ୍ଧଇ ସବୁଜ ଶାଢ଼ୀ
ଶସ୍ୟ ଶ୍ୟାମଳା ପରିପୂର୍ଣ୍ଣ କରେ
ମାରଇ ବରଷା ଝଡି ।

ଜୀବ ଜନ୍ତୁ ଙ୍କ ଦୁଃଖ ଚାହିଁ
ଜଳ ଆସଇ ଧାଇଁ
ବିନା ଜଳ ରେ ଯାଏ ପ୍ରାଣ
ଆହା କି କରିବେ ସାଇଁ ।

ଗ୍ରୀଷ୍ମ ର ପ୍ରକପେ ନଦୀ ନାଳ ସତେ
ଯାଇଛି ଶୂନ୍ୟ ହୋଇ
ସମସ୍ତେ ଚାହାଁନ୍ତି ବର୍ଷା ରାଣୀ ସତେ
ଆସିବ ହରଷ ବହୀ ।

ନଦୀ ନାଳ ସବୁ ଏକତ୍ର ହୋଇଣ
ମିଶନ୍ତି ସମୁଦ୍ର ତିରେ
ସମୁଦ୍ର ର ଜଳ ସବୁ ତ ଯାଇଣ
ରହନ୍ତି ମହା ସାଗରେ ।

ଟୁନା ଟୁନୀ ସତେ ମନରେ ଭାବନ୍ତି
ଆସିବ କି ବର୍ଷା ରାଣୀ
ବିନ୍ଦୁ ବିନ୍ଦୁ ଜଳେ ନାଚି କୋଳାହଳେ
ଡଙ୍ଗା କୁ ଦେବେ ଭସାଣୀ ।


♥ ଝାଟିପଦର,ପାଲୁର,ଗଞ୍ଜାମ
ମୋ - ୭୬୦୯୯୩୪୩୬୬


## ଏଇତ ଜୀବନ

### ଜନ୍ମଜୟ ନାୟକ



ସଂପର୍କର ଦୋଛକିରେ
ମାନବିକତା ହଜେରେ
ନିମିଷେ ଭାଙ୍ଗଇ ପୁଣି ବିଶ୍ୱାସ ବନ୍ଧ,
ସ୍ୱାର୍ଥପରତାର ଗନ୍ଧ ମଣିଷକୁ କରେ ଅନ୍ଧ
ଛିଡଇ ସେନେହ ଆଉ ମମତା ବୋଧ,
ପାଚେରି ବି ଉଠଇ ଘରେ
ଖୁସି ନିଲାମ ହୁଅଇ ଲୁହ ହାଟରେ ।

କେବେ ଲୁହଧାର ଝରେ
କେବେ ହସ ଓଠଧାରେ
ଲୁହ ମିଶାଣରେ ହୁଏ ହସ ଫେଡାଣ,
କେବେ ମନେ ଜାଗେ କୋହ
କେବେ ତ ଅଜଣା ଭୟ
ରାତି ନସରୁଣୁ କେବେ ଭାଙ୍ଗେ ସପନ,
ଏମିତି ବିତଇ ଜୀବନ
ଛାତିକୁ ପଥର କରି ଦୁଃଖ ସହିଣ ।

ଅକୁହା ବେଦନା ସହି
ଅଦେଖା ଲୁହ ଝରାଇ
ମରିମରି ଜୀଇଁବାକୁ ହୁଅଇ ସିନା
କପାଳ ଲିଖନ ପରା ଭୋଗେ
ଏ ଜୀବନ ସାରା
ବଞ୍ଚିବାକୁ ହୁଏ ଏଠି ହସର ବିନା
ନିୟତିର ବିଧାନ ପାଇଁ
ମିଛ ଫଗୁଣରେ ହସେ ଶ୍ରାବଣେ ଥାଇ।

କିଏ ମିଛଦୋଷେ ଦୋଷୀ କିଏ
ପାପେ ଯାଏ ଭାସି
ପାପ ଅଗଣାରେ କାନ୍ଦେ ପୁଣ୍ୟର ଖରା
ସକାଳ କୁହୁଡି ପୁଣି
ଅନ୍ଧାରକୁ ଆଣେ ଟାଣି
ଜୀବନର ବାଟ ଦିଶେ ଅନ୍ଧାର ଘେରା
ମିଛ ପୁଣି ସନ୍ଦେହ ଜୁଇ
ସତ କଳମରେ ମିଛ କାହାଣୀ ଏଇ।


♥ ଗଣିତ ଶିକ୍ଷକ
ଗୋପୀନାଥଜୀଉ ସରକାରୀ
ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ମୋ: ୯୩୩୭୮୦୦୫୬୫


## ଅବୁଝା ମଣିଷ

### ପ୍ରଶାନ୍ତ ବ୍ରହ୍ମା

ମାତାଙ୍କ ଗର୍ଭରେ ରହି
ଜନମ ହୋଇଲୁ।
ମାୟା ଜାଲରେ ପଡି ତାହାଙ୍କୁ ଭୂଲିଲୁ।
ପିତାଙ୍କୁ ମନେ ତୁ କଲୁ ଅନାଦର
ପୁତ୍ର ମୋହରେ ମୋହିତ ହୋଇ
କଲୁ ଆଦର।

ସ୍ତ୍ରୀକୁ ଭାବିଲୁ ମୋର ନିଜର
ତା କଥାକୁ କରିଲୁ ବିଶ୍ୱାସ
ମା ବାପା କେବେ ନେଲେ ନାହିଁ
ଶାନ୍ତିରେ ନିଶ୍ୱାସ।

ନିଜର ଭାଇ ଟାକୁ କରିଲୁ ଜୀବନ
ପାଇଁ ସାତପର
ଶଳା କୁ ଧରି ରହିଲୁ ଭାବିଲୁ
ଏ ମୋର ନିଜର।

ଶାଶୁ ଶଶୁର ଆସିଲେ ଘରେ
ରାନ୍ଧିଚୁ ମାଛ ମାଂସ।
ବାପା ମା'ଙ୍କୁ ଭୂଲି ଯାଇ
ଦେଲୁ ନାହିଁ ଘରେ ବାସ।

ଦଶ ମାସ ଦଶ ଦିନ ଜନ୍ମ ଦେଇ
କାନ୍ଦେ ମା ଘରେ ବସି।
ସ୍ତ୍ରୀ ପିଲାଙ୍କୁ ଧରି ଗଲୁ ବଜାର ବୁଲି
ମନେ ହୋଇ ଖୁସି।


♥ ପଳାଶପୁର, ଖୋର୍ଦ୍ଧା

# ହସନ୍ତୁ, ଦୀର୍ଘାୟୁ ହୁଅନ୍ତୁ



**ହସିବାର ଅନେକ ଉପକାରିତା ରହିଛି । ଏହାଦ୍ୱାରା ଶରୀର ଏବଂ ମନରେ ସକାରାତ୍ମକ ଶକ୍ତି ବୃଦ୍ଧି ହୋଇଥାଏ । ଆମର ମସ୍ତିଷ୍କ ଅଧିକ ମାତ୍ରାରେ ଅମ୍ଳଜାନ ଆବଶ୍ୟକ କରେ । ହସିବାଦ୍ୱାରା ଅଧିକ ମାତ୍ରାରେ ବାୟୁ ଶରୀର ମଧ୍ୟକୁ ପ୍ରବେଶ କରିଥାଏ । ଏହାଦ୍ୱାରା ଫୁସ୍‌ଫୁସ୍‌ମାନଙ୍କର ଉପଯୁକ୍ତ ବ୍ୟାୟାମ ହୋଇଥାଏ । ଏକ ଗବେଷଣାର ପରିଣାମ ଅନୁସାରେ ଅମ୍ଳଜାନର ଉପସ୍ଥିତିରେ କ୍ୟାନ୍‌ସର କୋଷିକା ସହିତ ଅନେକ ପ୍ରକାର ଜୀବାଣୁ ଏବଂ ଭୂତାଣୁ ନଷ୍ଟ ହୋଇଯାଆନ୍ତି । ହସିବା ଦ୍ୱାରା ଶରୀରର ପ୍ରତିରୋଧକ ବ୍ୟବସ୍ଥା ମଜ୍‌ଭୁତ ହୋଇଥାଏ ।**

ଖୁବ୍ ହସନ୍ତୁ । ଯଦି ଆପଣ ଧ୍ୟାନ କରିବାକୁ ଚାହୁଁଛନ୍ତି ତେବେ ମଧ୍ୟ ଆପଣଙ୍କୁ ଜୋର୍‌ରେ ମନଖୋଲା ହସ ହସିବାକୁ ପଡିବ । କାରଣ ଏହା ଧ୍ୟାନର ପ୍ରଥମ ପାହାଚ । ଏସବୁ ପଢ଼ି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏବେ ବିଶେଷଜ୍ଞମାନେ ଏଥିରେ ସହମତ ହୋଇଛନ୍ତି । ଯଦି ଆପଣ ଧ୍ୟାନର ଅଭ୍ୟାସ ଆରମ୍ଭ କରିବା ଚାହାନ୍ତି ତେବେ ସର୍ବପ୍ରଥମେ ମନରେ ଏକାଗ୍ରତା ଆଣିବାକୁ ପଡିବ । ତେଣୁ ହସିଲା ବେଳେ ଆମେ ସବୁ ଭୁଲି ଏକାଗ୍ରଚିତ୍ତ ହୋଇଯାଉ । ଅତୀତୀ କଷ୍ଟସବୁ ଭୁଲି ହୋଇଯାଏ । ହସିବା ସମୟରେ ଆମୀ ମସ୍ତିଷ୍କ ଚିନ୍ତାମୁକ୍ତ ହୋଇ କେବଳ ବର୍ତ୍ତମାନ ଉପରେ କେନ୍ଦ୍ରୀଭୁତ ହୁଏ । ଶରୀରର ଚେତନା ଏବଂ ଆତ୍ମା ମଧ୍ୟ ଏହି କ୍ରିୟାରେ ସମ୍ମିଳିତ ହୋଇ ଯାଆନ୍ତି । ଯଦି କୌଣସି ବ୍ୟକ୍ତି ସକାଳ ବେଳା ହାତ୍ୟ ଧ୍ୟାନ ଯୋଗର ଅଭ୍ୟାସ କରନ୍ତି ତେବେ ଦିନସାରା ତାଙ୍କୁ କୌଣସି ଚିନ୍ତା, ବ୍ୟସ୍ତତା ଛୁଇଁପାରିବ ନାହିଁ । ସନ୍ଧ୍ୟାବେଳେ ଏହାର ଅଭ୍ୟାସ କରାଗଲେ ରାତିରେ ଭଲ ନିଦ ହେବା ସହିତ ସୁ-ସ୍ୱପ୍ନର ସୁଖଦ ଅନୁଭବ କରିପାରିବେ ।

### ମାନସିକ ଶକ୍ତିର ପ୍ରୟୋଗ:

ହାସ୍ୟ ଯୋଗ ଗୁରୁ ଜିତେନ୍ କୋହି କହିବାନୁସାରେ ହସିବା ମଧ୍ୟ ଏକ ଯୋଗ । ହାସ୍ୟର ଅର୍ଥ ମନର ଶକ୍ତି ବୃଦ୍ଧି ହୋଇଥିଲା ବେଳେ ଯୋଗ ଅର୍ଥ ଯୋଡିବା । ତେଣୁ ଦୁଇଟି ପରସ୍ପରର ପରିପୂରକ । ମଣିଷର ମସ୍ତିଷ୍କ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ । ବିଚାର ଏବଂ ମନ । ଶରୀରର ୯୦ ପ୍ରତିଶତ ଶକ୍ତି ମନ ପାଇଁ ଏବଂ ୧୦ ପ୍ରତିଶତ ବିଚାର ପାଇଁ ସଂରକ୍ଷିତ ହୋଇ ରହିଥାଏ । ଉଦାହରଣ ସ୍ୱରୂପ ଆମେ କେଣସି କାର୍ଯ୍ୟ କରିବା ପାଇଁ ଇଚ୍ଛା ପ୍ରକାଶ କଲେ ତାକୁ ସମ୍ପୂର୍ଣ୍ଣ କରିବା ଦିଗରେ ମାନସିକ ଦୃଢ଼ତା ହିଁ ଦାୟୀ । ଯେ ପର୍ଯ୍ୟନ୍ତ ମନ ଦୃଢ଼ ହୋଇ ନାହିଁ ଧ୍ୟାନ ଅବସ୍ଥାକୁ ଯିବା ଖୁବ୍ କଠିନ । ହେଲେ ଅଧିକାଂଶ ଲୋକ ମାନସିକ ଶକ୍ତର ମାତ୍ର ୧୦ ପ୍ରତିଶତ ବ୍ୟବହାର କରିପାରନ୍ତି । ଯଦି ହାସ୍ୟ ଯୋଗର ଅ୍ୟାସ କରାଯାଏ ତେବେ ମାନସିକ



ଶକ୍ତି ଅଧିକରୁ ଅଧିକ ବ୍ୟବହାର କହିହେବ ।

ହିସାବର ଅନେକ ଉପକାରିତା ରହିଛି । ଏହାଦ୍ୱାରା ଶରୀର ଏବଂ ମନରେ ସକାରାତ୍ମକ ଶକ୍ତି ବୃଦ୍ଧି ହୋଇଥାଏ । ଆମର ମସ୍ତିଷ୍କ ଅଧିକ ମାତ୍ରାରେ ଅମ୍ଳଜାନ ଆବଶ୍ୟକ କରେ । ହସିବା ଦ୍ୱାରା ଅଧିକ ମାତ୍ରାରେ ବାୟୁ ଶରୀର ମଧ୍ୟକୁ ପ୍ରବେଶ କରିଥାଏ । ଏହାଦ୍ୱାରା ଫୁସ୍‌ଫୁସ୍‌ମାନଙ୍କର ଉପଯୁକ୍ତ ବ୍ୟାୟାମ ହୋଇଯାଏ । ଏକ ଗବେଷଣାର ପରିଣାମ ଅନୁସାରେ ଅମ୍ଳଜାନର ଉପସ୍ଥିତିରେ କ୍ୟାନ୍‌ସର କୋଷିକା ସହିତ ଅନେକ ପ୍ରକାରର ଜୀବାଣୁ ଏବଂ ଭୂତାଣୁ ନଷ୍ଟ ହୋଇଯାଆନ୍ତି । ହସିବା ଦ୍ୱାରା ଶରୀରର ପ୍ରତିରୋଧକ ବ୍ୟବସ୍ଥା ମଜ୍‌ଭୁତ ହୋଇଥାଏ । ଚିନ୍ତା, କ୍ରୋଧ ଆଦି ଅବସ୍ଥା ପାଇଁ ମସ୍ତିଷ୍କର ୪୦ଟି ମାଂସପେଶୀଙ୍କୁ କ୍ରିୟାଶୀଳ ହେବାକୁ ପଡୁଥିଲା ବେଳେ ହସିବା ଦ୍ୱାରା ମାତ୍ର ୧୪ଟି ମାଂସପେଶୀ କାମ କରିଥାନ୍ତି । ହାସ୍ୟ ଯୋଗ ଦ୍ୱାରା ଶରୀର ପାଇଁ ଉପଯୋଗୀ ଅନେକ ପ୍ରକାରର ହର୍‌ମୋନ୍ କ୍ଷରଣ ହୋଇଥାଏ । ଏହା ଡାଇବେଟିସ୍, ହାଇପର ଟେନ୍‌ସନ୍ ତଥା ପିଠି ଦରଜରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଖୁବ୍ ଲାଭପ୍ରଦ ହୋଇଥାଏ । ଯଦି ଆପଣ ପ୍ରତିଦିନ ଘଣ୍ଟାଏ କାଳ ହସନ୍ତି, ତେବେ ଶରୀରରେ ପ୍ରାୟ ୪୦୦ କ୍ୟାଲୋରୀ ଶକ୍ତି ସୃଷ୍ଟି ହୋଇଥାଏ ।

### ହୃଦୟ ପାଇଁ ଉପଯୋଗୀ:

ହାର୍ଟ କେୟାର ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଡା. କେ.କେ.ଅଗ୍ରୱାଲ କହନ୍ତି ଯେ, ହସିବା ହୃଦୟପାଇଁ ଖୁବ୍ ଲାଭଦାୟକ । ହସିବା ଦ୍ୱାରା ଶରୀରରୁ ଏଣ୍ଡର୍ଫିନ ନାମକ ରାସାୟନିକ କ୍ଷରଣ ହୋଇ ହୃଦୟକୁ ମଜ୍‌ବୁତ୍ କରେ । ହୃଦ୍‌ଘାତର ସମ୍ଭାବନାକୁ କମାଇ ଦେଇଥାଏ ଖୋଲା ହସ । ତେଣୁ ଚିନ୍ତା ଛାଡି ମନଖୋଲା ଖୁବ୍ ହସିବା ଆବଶ୍ୟକ ।

### ହସର ଅବସ୍ଥା:

ଚାରିପ୍ରକାର ସଚେତନ ହସର ତିନୋଟି ଅବସ୍ଥା ରହିଛି । ପ୍ରତ୍ୟେକ ଅବସ୍ଥାର ଅବଧି ୫ ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ହୋଇଥାଏ ।

- କଡ ଲେଉଟାଇ ଗଭୀର ଶ୍ୱାସ ଗ୍ରହଣ କରନ୍ତୁ । ହାତପାପୁଲି ଏବଂ ପାଦତଳ ସହିତ

# ଭାଇରାଲ ଫିଭରରୁ ରକ୍ଷା

ପାଗ ପରିବର୍ତ୍ତନ ସହ ଭାଇରାଲ ଫିଭର ହେବା ସ୍ୱାଭାବିକ। ପାଗ ବଦଳିଲେ ତାପମାତ୍ରାର ହ୍ରାସ ବୃଦ୍ଧି ଯୋଗୁଁ ଶରୀରର ଇମ୍ୟୁନ ସିଷ୍ଟମ ଦୁର୍ବଳ ହୋଇପଡ଼ିବାରୁ ଭାଇରାଲ ଫିଭର ଦେଖାଯାଏ। ତେବେ କିଛି





ଜରୁରୀ ଟିପ୍ସକୁ ଧ୍ୟାନଦେଲେ ଆପଣ ଏଥିରୁ ମୁକ୍ତ ହୋଇପାରିବେ। ଏଥିଲାଗି ଅବଲମ୍ବନ କରିପାରିବେ। ପ୍ରଚୁର ଆଣ୍ଟି ଅକ୍ସିଡାଣ୍ଟ ଥିବା ଶୁଖିଲା ଅଦା ସହିତ ଏକ ଛୋଟ ଚାମଚ ହଳଦୀ, ଏକ ଛୋଟ ଚାମଚ କଳାଜିରା ପାଉଡ଼ର ଏବଂ କିଛି ଚିନି ସହିତ ପାଣି ଦେଇ ଏକ କପରେ ଫୁଟାଇ ଏହାକୁ ଦିନରେ ୪/୫ଥର ଗାର୍ଗଲିଂ କଲେ ଭାଇରଲ ଫିଭରକୁ ମୁକ୍ତି ମିଳିଥାଏ। ଏହା ବ୍ୟତୀତ ଏକ ଚାମଚ ତୁଳସୀ ପତ୍ରର ରସ ସହିତ ଦୁଇ ଟୋପା ମହୁ ମିଶାଇ ଦିନରେ ୨/୩ଥର ସେବନ ଦ୍ୱାରା ମଧ୍ୟ ଭାଇରାଲ ଫିଭରରୁ ମୁକ୍ତି ମିଳିଥାଏ। ଏହାବାଦ ଗଙ୍ଗଶିଉଳି ପତ୍ର ୭ଟା ଗୋଲମରିଚ ବଟାରେ ଟୋପାଏ ମହୁ ମିଶାଇ ଦିନରେ ଦୁଇଥର ସେବନ କଲେ ଭାଇରାଲ ଫିଭରରୁ ମୁକ୍ତି ମିଳିବା ସହ ଥଣ୍ଡା, କାଶ, କଫରୁ ମଧ୍ୟ ମୁକ୍ତି ମିଳିଥାଏ।



# କ୍ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟକରେ ବ୍ରୋକଲି

ନିକଟରେ କରାଯାଇଥିବା ଏକ ଗବେଷଣା ଅନୁସାରେ ବ୍ରୋକଲିରେ ଏପରି ଏକ ତତ୍ତ୍ୱ ରହିଛି ଯାହା ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ। ଏହି ବ୍ୟାକ୍ଟେରିଆ ପେଟରେ କ୍ୟାନ୍ସର ସୃଷ୍ଟି କରିଥାଏ। ପେଟରେ କ୍ୟାନ୍ସରର ଏକ କାରଣ ହେଉଛି ହେଲିକୋବେକ୍ଟର ପାୟଲୋରୀ ବ୍ୟାକ୍ଟେରିଆ। ଏହି ବ୍ୟାକ୍ଟେରିଆକୁ ନଷ୍ଟ କରିବାରେ ବ୍ରୋକଲିର ସେବନ ଲାଭପ୍ରଦ ହେବ। ବ୍ରୋକଲି ଏକ ଏପରି ଆଣ୍ଟିବାୟୋଟିକ ଯାହା ବହୁତ ମହଙ୍ଗା। ବ୍ରୋକଲି କ୍ଷତିକାରକ ବ୍ୟାକ୍ଟେରିଆକୁ ନଷ୍ଟ କରିବା ସହିତ ଲାଭକାରୀ ବ୍ୟାକ୍ଟେରିଆକୁ ଉତ୍ପନ୍ନ କରିଥାଏ। ଜାନ୍ସ ହାପିକନ୍ସ ୟୁନିଭର୍ସିଟିର ବିଶେଷଜ୍ଞ ଓ ଦ ଫ୍ରେଞ୍ଚ ନ୍ୟାସନାଲ ସାଇଣ୍ଟିଫିକ ରିସର୍ଚ୍ଚ ସେଣ୍ଟରର ବିଶେଷଜ୍ଞ ଟିମଙ୍କ କହିବାନୁସାରେ ଏହି କ୍ଷତିକାରକ ବ୍ୟାକ୍ଟେରିଆ ଯୋଗୁଁ ଶରୀରରେ ଯେଉଁ ସଂକ୍ରମଣ ହେଉଛି ବ୍ରୋକଲି ତାକୁ ଦୂର କରିପାରିବ।



# ଘରେ କେଶ ସିଧା କରନ୍ତୁ

♦ ନଡ଼ିଆ ରସରେ ମହୁ ଫେଣ୍ଟି ଫ୍ରିଜରେ ରଖନ୍ତୁ। କିଛି ସମୟ ପରେ ଏହା ଉପରେ ପଡ଼ିଥିବା ପତଳା ଆସ୍ତରଣକୁ କେଶରେ ଲଗାଇ ଗରମ ତଉଲିଆରେ ଘୋଡ଼ାଇ ରଖନ୍ତୁ। ଘଣ୍ଟାଏ ପରେ ସାମ୍ପୁରେ ଧୁଅନ୍ତୁ। କିଛିଦିନ ଏପରି କଲେ କେଶ ସିଧାହୁଏ।

♦ ଦୁଇଟି ପାଚିଲା କଦଳୀରେ ଦୁଇ ଚାମଚ ଲେଖାଏଁ ଦହି, ମହୁ, ଅଲିଭ୍ ତେଲ ଫେଣ୍ଟି କେଶରେ ଲଗାନ୍ତୁ। ଅଧ ଘଣ୍ଟା ସାମ୍ପୁରେ କେଶ ଧୁଅନ୍ତୁ।



# ଓଜନ କମାଇବାକୁ ଚାହୁଁଛନ୍ତି କି?

ଭିଟାମିନ ସିରେ ଭରପୁର ପାନମହୁରୀରେ କ୍ୟାଲସିୟମ, ସୋଡିୟମ, ଫସଫରସ, ଆଇରନ ଏବଂ ପୋଟାସିୟମ ଭଳି ଗୁରୁତ୍ୱପୂର୍ଣ୍ଣ ତତ୍ତ୍ୱ ଅଛି ଏବଂ ୟୁନାନୀ ଔଷଧରେ ଏହାକୁ ବ୍ୟବହାର କରାଯାଇଥାଏ । ପେଟର ବିଭିନ୍ନ ଜିଲାର ଯେପରିକି ଟେ କାଟିବା, ଦରଜ ଏବଂ ଗ୍ୟାସ ଭଳି ରୋଗର ଉପଚାର ପାଇଁ ଏହା ବହୁତ ଲାଭକାରୀ ଅଟେ । ପାନମହୁରୀ ସ୍ମୃତି ଏବଂ ନେତ୍ର ଜ୍ୟୋତି ବଢ଼ାଇଥାଏ । ଏହାଦ୍ୱାରା କଫ ଦୂର ହେବା ସହିତ କଲୋଷ୍ଟ୍ରୋଲକୁ ମଧ୍ୟ କାବୁ କରାଯାଇ ।

ଅସ୍ଥମା ଏବଂ କାଶର ଉପଚାରରେ ପାନମହୁରୀ ସହାୟକ ହୋଇଥାଏ । କଫ ଓ କାଶର ଚିକିତ୍ସା ପାଇଁ ପାନମହୁରୀ ଖାଇବା ଉପଯୋଗୀ ଅଟେ । ଗୁଡ ସହିତ ପାନମହୁରୀକୁ ଖାଇଲେ ମାସିକ ଋତୁସ୍ରାବ ନିୟମିତ ହୋଇଥାଏ । ଏହା ଶିଶୁମାନଙ୍କ ବିଭିନ୍ନ ପେଟ ରୋଗକୁ ଦୂର କରିଥାଏ । ସେଥିପାଇଁ ଗୋଟିଏ କନ୍ ପାଣିରେ ଏକ ଚାମଚ ପାନମହୁରୀ ପକାଇ ଫୁଟାନ୍ତୁ ଏବଂ ୨୦ ମିନିଟ୍ ପର୍ଯ୍ୟନ୍ତ ତାକୁ ଥଣ୍ଡା ହେବାକୁ ଦିଅନ୍ତୁ । ଏହାଦ୍ୱାରା ଶିଶୁର କଲିକର ଉପଚାର ହେବାପାଇଁ ସାହାଯ୍ୟ କରିଥାଏ । ଶିଶୁକୁ ଗୋଟିଏ ଚାମଚରୁ ଅଧିକ ଘୋଲ୍ ଦେବା ଉଚିତ ନୁହେଁ । ପାନମହୁରୀ

ପାଉଡର ସହିତ ଚିନି ସହିତ ସମାନ ମାତ୍ରାରେ ମିଶାଇ ସେ ବନ କଲେ ହାତ ଏବଂ ପାଦର ଜ୍ୱଳନ ଦୂର ହୋଇଥାଏ । ଭୋଜନ ପଶ୍ଚାତ ୧୦ ଗ୍ରାମ



ପାନମହୁରୀ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହିତକର । ମୋଜନ ପରେ ଏହାକୁ ଚୋବାଇଲେ ଖାଦ୍ୟ ଭଲ ହଜମ ହୋଇଥାଏ ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ ।

# କିୱି ଫଳ ଯକୃତକୁ ସକ୍ରିୟ କରେ



ସବୁଜ ଉଦ୍ଭିଦର ଏକ ରସାଳ ଫଳ କିୱି ମନୁଷ୍ୟମାନଙ୍କ ପାଇଁ ପ୍ରକୃତିର ବରଦାନ ସଦୃଶ । ଏହି ଫଳ ସେଓ ପରି କାମ କରିଥାଏ । ଏହାକୁ ସେବନ କଲେ ଯକୃତର ବିଭିନ୍ନ ସମସ୍ୟା ଦୂର ହୋଇଥାଏ ଓ ଧବଳ ରକ୍ତ କଣିକା ସୁସ୍ଥ ରହିଥାଏ । ପାଥୋଲୋଜିଷ୍ଟ ରବିନ ଫ୍ରାସରଙ୍କ ମତରେ କୌଣସି ପ୍ରକାର ରୋଗ ଛୁଇଁ ନଥାଏ । ଆମ ଶରୀରର ଯକୃତ ଏକ ଚାଲୁଣୀ ପରି କାର୍ଯ୍ୟ କରେ । କିନ୍ତୁ ଅତ୍ୟଧିକ ମଦ୍ୟପାନ, ଧୂମପାନ, ଚର୍ବିଜାତୀୟ ଖାଦ୍ୟ ଇତ୍ୟାଦିର ସେବନ ଦ୍ୱାରା ଧିରେ ଧିରେ ଯକୃତରେ କଣାଗୁଡିକ ବନ୍ଦ ହୋଇଯାଏ ଓ ଯକୃତ ନିଷ୍କ୍ରିୟ ହୋଇପଡେ । ଯେଉଁଥିପାଇଁ କି ହୃଦଘାତ ଓ ହୃଦ୍‌ରୋଗ ପରି ସମସ୍ୟାମାନ ଦେଖାଯାଏ । କିନ୍ତୁ ଯଦି ପ୍ରତିଦିନ କିୱି ଫଳକୁ ସେବନ କରାଯାଏ, ତେବେ ଯକୃତରେ ଏଭଳି ସମସ୍ୟା ଦେଖାଯିବ ନାହିଁ । ଏହାଦ୍ୱାରା ଯକୃତ ସୁସ୍ଥ ରହିବା ସହ ଭଲ କାର୍ଯ୍ୟ ମଧ୍ୟ କରିଥାଏ । ଏହି ଫଳରୁ ପ୍ରଚୁର ପରିମାଣରେ ଭିଟାମିନ୍ ସି ମିଳିଥାଏ । ଶରୀରକୁ ନିତ୍ୟାନ୍ତ ଭିଟାମିନ୍ ଦରକାର ହେଉଥିଲେ ପ୍ରତିଦିନ ଗୋଟିଏ କିୱି ଫଳ ଖାଆନ୍ତୁ । ଗୋଟି, ସେଓ, କିୱି, ଅଧାସପୁରୀ, ଗୋଟିଏ ଡାଳିମ୍ବକୁ ମିଶ୍ରଣ କରି ସେବନ କରନ୍ତୁ । ଏହାଦ୍ୱାରା ଶରୀରକୁ ପ୍ରଚୁର ଶକ୍ତି ମିଳିଥାଏ । ଏହାକୁମ ଧ୍ୟ ଏକ ସୁଷମ ଖାଦ୍ୟ ଭାବେ ବ୍ୟବହାର କରାଯାଇପାରିବ ଏବଂ ଖାଦ୍ୟ ଭାବରେ ମଧ୍ୟ ଶୀଘ୍ର ପ୍ରସ୍ତୁତ କରାଯାଇପାରିବ । ତିନୋଟି କିୱି ଫଳ ସହ ୨ ଚାମଚ ଚିନ୍ତ, ଅଳ୍ପ ଖଟା ଲାଗୁଥିବା କିଛି ପାଣି ମିଶାଇ ଏହାକୁ ଖାଆନ୍ତୁ ସ୍ୱାଦିଷ୍ଟ ଲାଗିବ ।

# ଘରୋଇ ଜିନିଷକୁ ନେଇ ସତର୍କତା

ଅଧିକାଂଶ ଲୋକେ ନିଜ ଘରର ଜିନିଷକୁ ନେଇ ବେଶ୍ ସଚେତନ ଥାନ୍ତି ହେଲେ କେତେଜଣ ମଧ୍ୟ ଘରେ ବ୍ୟବହୃତ ହେଉଥିବା ଜିନିଷର କୁପ୍ରଭାବ ଜାଣିଥାନ୍ତି। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, କେତେପ୍ରକାର ଧୂପକାଠିରେ କାର୍ବନ ମନୋକ୍ସାଇଡ, ସଲଫର ଡାଇଅକ୍ସାଇଡ଼ ଭଳି ବିଷାକ୍ତ ଦ୍ରବ୍ୟ ବ୍ୟବହୃତ ହୋଇଥାଏ। ଏହିସବୁ କାରଣରୁ ଅନେକଙ୍କ ଶ୍ୱାସ ସଂକ୍ରମଣ ହେଉଥିବାର ଜଣାପଡ଼ିଛି। ରୁମ୍ ହିଟର ବ୍ୟବହୃତ କରୁଥିବା ଲୋକେ ବେଶ୍ ସତର୍କ ରହିବା ଉଚିତ। କାରଣ ଏହା କକ୍ଷରେ ଅମ୍ଳଜାନର ମାତ୍ରାକୁ ନିୟନ୍ତ୍ରଣ କରେ। ପୂରାରାତି ଏହି ଯନ୍ତ୍ରକୁ ଲଗାଇ ଶୋଇବା ହାନିକାରକ। ମହମବତୀର ବ୍ୟବହାର ଶୋଇବାବେଳେ ନକରିବା ଉଚିତ। ଏଥିରେ ମହଜୁଦ ଥିବା ବେଞ୍ଜିନ ପରି ବିଷାକ୍ତ ପଦାର୍ଥ ନିଶ୍ୱାସପ୍ରଶ୍ୱାସରେ ବାଧା ଉତ୍ପନ୍ନ କରେ। ଆଜିକାଲି ଏୟାର ଫ୍ରେଶନରର ବହୁଳ ବ୍ୟବହାର ହେଉଥିବାର ଦେଖାଯାଉଛି। ଏଥିରେ ଥିବା ତତ୍ତ୍ୱମାନ ହରମାନ ଅସମତୁଲତା ସହ ନିଶ୍ୱାସ ପ୍ରକ୍ରିୟାକୁ ପ୍ରଭାବିତ କରେ। ନିକଟରେ ହୋଇଥିବା ସର୍ବେକ୍ଷଣରୁ ପ୍ରକାଶିତ ଯେ କପଡ଼ାକୁ ଡ୍ରାଏ-କ୍ଲିନ୍ କରିବା ପାଇଁ ପରଫ୍ଲୋରୋଇଥିଲିନ ରାସାୟନିକ ଦ୍ରବ୍ୟ ବ୍ୟବହାର କରାଯାଏ। ଏହା ଯକୃତ, ବୃକକ ତଥା ନର୍ଭସ ସିଷ୍ଟମକୁ ପ୍ରଭାବିତ କରେ।

# ଫିଟ୍‌ନେସ୍ ଲାଗି

♦ ଏକ୍ସରସାଇଜକୁ ବାଧ୍ୟତାମୂଳକ କିମ୍ୱା ଏକ ବୋଝ ଭାବେ ଗ୍ରହଣ ନକରି ଖୁସିର ସହ ଆପଣାନ୍ତୁ। ଏଥିପାଇଁ ଦିନର କେଉଁ ସମୟ ଆପଣଙ୍କ ପାଇଁ ସୁବିଧାଜନକ ନିର୍ଦ୍ଧାରିତ କରନ୍ତୁ ଏବଂ ପ୍ରତିଦିନ ଉକ୍ତ ସମୟରେ ଏକ୍ସରସାଇଜ କରନ୍ତୁ। ଏକ୍ସରସାଇଜ କରିବା ଲାଗି ସକାଳ ସମୟ ସବୁଠୁ ଭଲ।

♦ ଏକ୍ସରସାଇଜ ଆରମ୍ଭ କରିବାର ପ୍ରଥମ କିଛିଦିନ କେବଳ ହାଲୁକା ଏବଂ ସହଜ ଏକ୍ସରସାଇଜ କରନ୍ତୁ। ଧିରେ ଧିରେ ଅଭ୍ୟାସ ହେବା ପରେ ହେଭି ୱାର୍କ ଆଉଟ୍ କରିପାରିବେ।



♦ ଯଦି ଟ୍ରେଡମିଲରେ ଦୌଡୁଛନ୍ତି ତେବେ ଅଣ୍ଟା ଏବଂ କହୁଣି ଉପରେ ଅଧିକ ପ୍ରେସର ଦିଅନ୍ତୁ ନାହିଁ।

♦ ଠିକ୍ ସେହିପରି ୱେଟ ଟ୍ରେନିଂ ସମୟରେ ମନଇଚ୍ଛା ୱେଟ ନ ଉଠାଇ ଟ୍ରେନରଙ୍କ ପରାମର୍ଶ ନିଅନ୍ତୁ।

♦ ମୋଟାପଣ ଯୋଗୁ କେତେକଙ୍କ ହୃତପିଣ୍ଡରେ ଚର୍ବି ଜମା ହୋଇଯିବା ଫଳରେ ଏହା ପରବର୍ତ୍ତୀ ସମୟରେ ହୃଦରୋଗର ଆଶଙ୍କା ବୃଦ୍ଧି କରିଥାଏ। ଏଥିରୁ ଦୂରେଇ ରହିବା ଲାଗି ସପ୍ତାହକୁ ତିନିଥର କୋର୍ଡ଼ିଓ ଏକ୍ସରସାଇଜ କରନ୍ତୁ।

♦ ୱାର୍କଆଉଟ କରିବାର କିଛି ସମୟ ପୂର୍ବରୁ ପାଣି ପିଅନ୍ତୁ। ବ୍ରେକଫାଷ୍ଟ କରିବା ପରେ ୱାର୍କଆଉଟ୍ କରନ୍ତୁ ନାହିଁ। ଆପଣ ଚାହିଁଲେ ପୂର୍ବରୁ କେବଳ ଜୁସ କିମ୍ବା ଫଳ ଖାଇପାରିବେ।

♦ ଏକ୍ସର ସାଇଜ କରୁଥିବା ଦିନ ଗୁଡ଼ିକରେ ତେଲ ମସଲା କିମ୍ବା ଅନ୍ୟ କୌଣସି ଗରିଷ୍ଠ ଖାଦ୍ୟ (ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟ) ନ ଖାଇ ସନ୍ତୁଳିତ ଖାଦ୍ୟ ଗ୍ରହଣ କରନ୍ତୁ। ଯଥା ସମ୍ଭବ ଚା, କଫି, ସୋଡ଼ା, ସଫ୍ଟ ଡ୍ରିଙ୍କ ଆଦି ପିଇବାଠୁ ଦୂରେଇ ରୁହନ୍ତୁ। ୱାର୍କଆଉଟ କରିବାର ତୁରନ୍ତ ପରେ ଖାଆନ୍ତୁ ନାହିଁ।

♦ କେବଳ ଏକ୍ସରସାଇଜ କରିଦେଲେ ଯେ ଆପଣ ଫିଟ୍ ରହିବେ ତା' ନୁହେଁ ଏଥିପାଇଁ ଖାଦ୍ୟପେୟ ଠିକ୍ ରଖିବା ସହିତ ପର୍ଯ୍ୟାପ୍ତ ନିଦ୍ରା ନେବା ବି ଆବଶ୍ୟକ।

# ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ପ୍ରି-ମାଟ୍ରିକ ଛାତ୍ରବୃତ୍ତି ବୃଦ୍ଧି

ଭୁବନେଶ୍ୱର,୦୭/୦୬ (ନି.ପ୍ର): ଓଡ଼ିଶା ସରକାର ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ପାଇଁ ଉଦ୍ଦିଷ୍ଟ ପ୍ରି-ମାଟ୍ରିକ ଛାତ୍ରବୃତ୍ତି ବାଳକମାନଙ୍କ ପାଇଁ ୭୫୦ ରୁ ୯୫୦ ଟଙ୍କା ଏବଂ ବାଳିକାମାନଙ୍କ ପାଇଁ୮୦୦ ରୁ ୧୦୦୦ ଟଙ୍କାକୁ ବୃଦ୍ଧି କରିଛନ୍ତି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନୟନ ବିଭାଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକର ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଅନ୍ତେବାସୀଙ୍କୁ ଛାତ୍ରବୃତି ପ୍ରଦାନ ରାଜ୍ୟ ସରକାରଙ୍କ ପ୍ରମୁଖ ଯୋଜନା ମଧ୍ୟରୁ ଅନ୍ୟତମ । ପ୍ରି-ମାଟ୍ରିକ ଛାତ୍ରବୃତି ମୁଖ୍ୟତଃ ହଷ୍ଟେଲର ପରିଚାଳନା ପାଇଁ ଉଦ୍ଦିଷ୍ଟ । ଏହି ଛାତ୍ରବୃତି ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଅନ୍ତେବାସୀଙ୍କର ଶିକ୍ଷାଗତ ତଥା ସାମଗ୍ରିକ ବିକାଶକୁ ଲକ୍ଷ୍ୟ କରିଥାଏ। ଅଧିକନ୍ତୁ, ଅନ୍ତେବାସୀଙ୍କର ପୁଷ୍ଟିକର ସୁରକ୍ଷା ପାଇଁ ହଷ୍ଟେଲ ମେନୁରେ ମିଲେଟ (ମାଣ୍ଡିଆ) ଆଧାରିତ ଖାଦ୍ୟ ସାମଗ୍ରୀ ସାମିଲ ହେବ। ଏହି ଯୋଜନାରେ ପାଞ୍ଚ ଲକ୍ଷରୁ ଅଧିକ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଅନ୍ତେବାସୀ ଉପକୃତ ହେବେ । ପ୍ରତିବର୍ଷ ୪୯୦.୦୦ କୋଟି ଟଙ୍କା ବ୍ୟୟ ଅଟକଳ ଛାତ୍ରବୃତି ପାଇଁ ହେବ। ଏହି ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଛାତ୍ରମାନଙ୍କର ଛାତ୍ରବୃତି ହାର ପୂର୍ବ ଥର ୨୦୧୫ ମସିହାରେ ବୃଦ୍ଧି କରାଯାଇଥିଲା।

# ବନ୍ଦ ହେବ ଆଇସିସିଆର କାର୍ଯ୍ୟାଳୟ, ସାଂସ୍କୃତିକ ଜଗତରେ ଅସନ୍ତୋଷ

ଭୁବନେଶ୍ୱର ,୦୭/୦୬ (ନି.ପ୍ର): ଜୁଲାଇ ୧ରୁ ବନ୍ଦ ହୋଇଯିବ କେନ୍ଦ୍ର ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ ଅଧୀନରେ ଥିବା 'ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ (ଆଇସିସିଆର)'ର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ। ଚଳିତ ମାସ ହେବ ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ଏହି ଆଞ୍ଚଳିକ କାର୍ଯ୍ୟାଳୟର ଶେଷ କାର୍ଯ୍ୟ ମାସ। ଏନେଇ ଆଇସିସିଆରର ଆଞ୍ଚଳିକ ନିର୍ଦ୍ଦେଶିକା ମିନାକ୍ଷୀ ମିଶ୍ର ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହି କାର୍ଯ୍ୟାଳୟକୁ ବନ୍ଦ କରାଯାଇ କୋଲକାତାସ୍ଥିତ ଜୋନ୍ କାର୍ଯ୍ୟାଳୟ ଅଧୀନରେ ଓଡ଼ିଶା ସମ୍ପର୍କିତ କାର୍ଯ୍ୟ କରିବାକୁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଖବର ଜଣାପଡ଼ିବା ପରେ ରାଜ୍ୟର ସାଂସ୍କୃତିକ ଜଗତରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ଏପରି ନିଷ୍ପତ୍ତିକୁ ପ୍ରତ୍ୟାହାର କରିବାକୁ ଦାବି ହୋଇଛି। ଆଇସିସିଆର ପକ୍ଷରୁ ଏପରି ଏକ ଚରମ ନିଷ୍ପତ୍ତି କାହିଁକି ନିଆଗଲା, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ୪ ବର୍ଷ ତଳେ ଏମିତି ଏକ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ବି ପ୍ରବଳ ପ୍ରତିବାଦ ଭିତରେ ପ୍ରକ୍ରିୟା ସ୍ଥଗିତ ରହିଥିଲା। ଏବେ ପୁଣି ଥରେ ଆଇସିସିଆର କର୍ତ୍ତୃପକ୍ଷ ଏପରି ନିଷ୍ପତ୍ତି ନେଇ ଓଡ଼ିଶାର କଳାକାରଙ୍କ ପ୍ରତି ଅନ୍ୟାୟ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ଦିଗରେ ରାଜ୍ୟ ସରକାରଙ୍କ ଖାମଖିଆଲ ଆଭିମୁଖ୍ୟ ବି କିଛି କମ୍ ନାହିଁ। ୨୦୧୬ ମସିହା ଜାନୁଆରି ମାସରୁ ସ୍ଥାୟୀ ଆଞ୍ଚଳିକ କାର୍ଯ୍ୟାଳୟ ପାଇଁ ଆଇସିସିଆର ରାଜ୍ୟ ସରକାରଙ୍କୁ ଜମି ପ୍ରଦାନ ନିମନ୍ତେ ବାରମ୍ବାର ଚିଠି ଲେଖି ଆସୁଥିଲେ ମଧ୍ୟ ସରକାର ସାମାନ୍ୟ ତତ୍ପରତା ପ୍ରକାଶ କରି ନାହାନ୍ତି। ଆଇସିସିଆର କାର୍ଯ୍ୟାଳୟ ବନ୍ଦ ହେବା ପଛରେ ଏହା ଆଉ ଏକ କାରଣ ବୋଲି କୁହାଯାଉଛି। ରାଜ୍ୟରେ ଲୋକକଳାକୁ ଉଜ୍ଜୀବିତ ରଖିବା, ଲୁପ୍ତପ୍ରାୟିତ କଳାକୁ ଲୋକଲୋଚନକୁ ଆଣିବା, ରାଜ୍ୟର କଳାକାରମାନଙ୍କୁ ଦେଶ ବାହାରକୁ ନେଇ ସେଠାରେ ଆମ କଳା, ସଂସ୍କୃତିର ପ୍ରଚାର, ପ୍ରସାର କରିବା ତଥା ଅନୁନ୍ନତ ରାଷ୍ଟ୍ରରୁ ପିଲାଙ୍କୁ ଆଣି ଓଡ଼ିଶାରେ ଶିକ୍ଷାଦାନ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ଆଇସିସିଆ ?ର ଏକ ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶାରେ ଖୋଲିଥିଲା। ପ୍ରଥମେ କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଏହା କାର୍ଯ୍ୟ ଆରମ୍ଭ କରିଥିଲା। ପରେ ୨୦୧୫ ମସିହା ଭୁବନେଶ୍ୱର ପଳାଶପଲ୍ଲୀରେ ଅସ୍ଥାୟୀ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା।

## ୧୪ରୁ ପ୍ରୟାସ ରଜ ମହୋତ୍ସବ

ଭୁବନେଶ୍ୱର,୦୭/୦୬ (ନି.ପ୍ର): ଦୀର୍ଘ ୩ ବର୍ଷର ସଫଳତା ପରେ ଚଳିତବର୍ଷ ପ୍ରୟାସ ପକ୍ଷରୁ ସମାନ ଢଙ୍ଗରେ ରଜ ମହୋତ୍ସବ ଆୟୋଜନ କରାଯାଉଛି । ଚଳିତମାସ ୧୪ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩ ଦିନ ଧରି ଏହା ପାଳନ କରାଯିବ । ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆର ଆର୍ମି ଥିଏଟରରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜ୍ୟର ସମସ୍ତ ବର୍ଗର ପ୍ରତିଯୋଗୀମାନଙ୍କ ଦ୍ୱାରା ନୃତ୍ୟ, ସଂଗୀତ, ଆଙ୍କରିଂ, କମେଡି ସହ ପୁଚି, ରୁମାଲ ଚୋରି, ମ୍ୟୁଜିକ ଚେୟାର, ଅନ୍ଧପୁଟୁଳି ଓ ଫ୍ୟାସନ ଶୋ ଇତ୍ୟାଦି ପରିବେଷଣ କରାଯିବ । ଶେଷରେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇ ପୁରସ୍କୃତ କରାଯିବ । ୩ଟି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ରଜକୁଇନ୍ ଟ୍ରଫି ପ୍ରଦାନ କରାଯିବ। ପ୍ରତିଯୋଗୀମାନେ ହ୍ୱାଟ୍ସ ଅପ୍ ନଂ- ୭୦୨୨୮୪୫୧୬୦, ୯୭୭୭୫୯୬୮୨୬ ଓ ୭୯୭୮୧୫୦୭୬ ରେ ଯୋଗାଯୋଗ କରିପାରିବେ । ଏହି ସାଂସ୍କୃତିକ ମହୋତ୍ସବରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବେ। ସାଂସ୍କୃତିକ ଉତ୍କର୍ଷତା ନିମନ୍ତେ ଜନସାଧାରଣଙ୍କ ସହଯୋଗ ପାଇଁ ପ୍ରୟାସର ଅଧ୍ୟକ୍ଷ ବନ ମହାନ୍ତି, ସଦସ୍ୟ କୌସ୍ତୁଭ ଦାସ, କମଳ ମହାନ୍ତି, ମହାମାୟୀ ତେଜାନୀ, ସୋନାଲି ପ୍ରିୟଦର୍ଶିନୀ, ବିପିନ ସାହୁ, ଯସ୍ମିନ ମହାନ୍ତି, ସୁରେଶ ପତ୍ରୀ ଓ ଉମାକାନ୍ତ ତାଣ୍ଡି ପ୍ରମୁଖ ଅନୁରୋଧ କରିଛନ୍ତି ।

# ଜ୍ଞାନମଣ୍ଡଳ ପ୍ରଣେତା ବିନୋଦ କାନୁନଗୋଙ୍କ ଜୟନ୍ତୀରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ

ଭୁବନେଶ୍ୱର,୦୭/୦୬(ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜ୍ଞାନମଣ୍ଡଳର ପ୍ରଣେତା ଗାନ୍ଧୀବାଦୀ ସ୍ୱର୍ଗତ ବିନୋଦ କାନୁନଗୋଙ୍କ ୧୧୦ତମ ଜୟନ୍ତୀ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରଠାରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ଅସରନ୍ତି ଜ୍ଞାନର ଭଣ୍ଡାର ହେଉଛି ଜ୍ଞାନମଣ୍ଡଳ । ଏହା ଆମ ଜାତିର ଏକ ଅମୂଲ୍ୟ ସଂପଦ । ଯେଉଁ ଜାତିର ଭାଷା ଯେତେ ଶୁଦ୍ଧ ତାହାର ସଂସ୍କୃତି ସେତେ ସମୃଦ୍ଧ । ସାମାଜିକ ପରିବର୍ତ୍ତନ ପାଇଁ ସଂଗଠିତ ହୋଇଥିବା ଯେତେସବୁ ବଡ଼ ବଡ଼ ବିପ୍ଳବ ତାହା ଲେଖା ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଛି । ଆମେ ପ୍ରତ୍ୟେକ ଦିନ ପଢ଼ିବା ପାଇଁ କିଛି ସମୟ ବାହାର କରିବା ଉଚିତ । ତେବେ ଯାଇ ବୌଦ୍ଧିକ ଚେତନାର ବିକାଶ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି । ଏହା ସହ ବିଭାଗର ଉନ୍ନତି ପାଇଁ ସୁଚିନ୍ତିତ ମତାମତ ଆଗ୍ରହ କରିଛନ୍ତି । ପୂର୍ବତନ ମନ୍ତ୍ରୀ ଓ ବରିଷ୍ଠ ବିଧାୟକ ପ୍ରଫୁଲ୍ଲ ସାମଲ କହିଛନ୍ତି ଯେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ସ୍ୱର୍ଗତ କାନୁନଗୋ ଜ୍ଞାନମଣ୍ଡଳ ରଚନା କରିଛନ୍ତି । ଏହି ପୁସ୍ତକଗୁଡ଼ିକୁ ସମସ୍ତେ ପଢ଼ିବା ଉଚିତ । ଧରାପୃଷ୍ଠରେ ଜନ୍ମଗ୍ରହଣ କରିଛନ୍ତି ଅର୍ଥ ଆମେ ଆଜି ନହେଲେ କାଲି ଧରାପୃଷ୍ଠ ଛାଡ଼ିବା, କିନ୍ତୁ ଲେଖା ସବୁବେଳେ ଅମର । ଅନୁବାଦ ସାହିତ୍ୟ ଉପରେ ଗୁରୁତ୍ୱ ଦେବା ପାଇଁ ସେ ଲେଖକମାନଙ୍କୁ ପରାମର୍ଶ ଦେଇଛନ୍ତି । ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ କହିଛନ୍ତି ଯେ କଳେବର, କର୍ମଚାରୀ ସଂଖ୍ୟା ଦୃଷ୍ଟିକୋଣରୁ ବିଭାଗକୁ କେହି କେହି ଛୋଟ କହୁଛନ୍ତି, କିନ୍ତୁ ବିଭାଗ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମସମୂହର ପ୍ରଭାବ ଦିଗନ୍ତ-ବିସ୍ତାରୀ । ବିଭାଗ ୧୭୬ଟି ଦିବସ ପାଳନ କରୁଛି ଏବଂ ଆଗାମୀ ଦିନରେ ଅଧିକ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଚେଷ୍ଟା ଜାରି ରଖିଛି। ଚିନ୍ତା ଓ ଚେତନା ଅନୁଷ୍ଠାନର ରାଷ୍ଟ୍ରୀୟ ମୁଖ୍ୟ ସଚିବ ସୁରେନ୍ଦ୍ର ଦାସ ସ୍ୱର୍ଗତ ବିନୋଦ କାନୁନଗୋ ଜ୍ଞାନମଣ୍ଡଳଗୁଡ଼ିକୁ ଏକୁଟିଆ ଲେଖିଛନ୍ତି । ଲେଖିଲାବେଳେ କାହାର ସାହାଯ୍ୟ ନେଇନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଲେଖିବା ପାଇଁ ଇଚ୍ଛାଶକ୍ତି ପ୍ରବଳ ହେବା ଦରକାର ବୋଲି ସେ କହିଛନ୍ତି । କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ପୁସ୍ତକପ୍ରେମୀ, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ହସ୍ତଶିଳ୍ପ ପ୍ରଶିକ୍ଷକମାନଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,୦୭/୦୬ (ନି.ପ୍ର): ଆଜି ସିଡାକ ପରିସରରେ ଥିବା ସେମିନାର ଗୃହରେ ହସ୍ତଶିଳ୍ପ ପ୍ରଶିକ୍ଷକଙ୍କ ଏକ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟ ହସ୍ତଶିଳ୍ପ ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଛଅ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୩୦ ଜଣ ହସ୍ତଶିଳ୍ପ ନିପୁଣ ଶିଳ୍ପୀ ଯୋଗଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ପ୍ରତ୍ୟକ୍ଷ ଭାବେ ହସ୍ତଶିଳ୍ପ ପ୍ରଶିକ୍ଷକମାନଙ୍କ ଦକ୍ଷତା ବିକାଶ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ଦ୍ୱାରା କାରିଗରମାନଙ୍କର ମଧ୍ୟ ଦକ୍ଷତା ବିକାଶ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ସିଡାକର ସଭ୍ୟ ସଚିବ ଶିଶିର କୁମାର ରଥ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅଂଶଗ୍ରହଣ କରିଥିବା ନିପୁଣ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ । ସିଡାକ ପକ୍ଷରୁ ସହ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ ।

# ପାଠ୍ୟପୁସ୍ତକ ଓ ଛାତ୍ରାବାସର ଉନ୍ନତୀକରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର ,୦୭/୦୬ (ନି.ପ୍ର): ବିଧାନସଭାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ଷ୍ଟାଣ୍ଡିଂ କମିଟିର ଦ୍ୱିତୀୟ ବୈଠକ ବିଧାୟକ ଶଶିଭୂଷଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ବେହେରା କହିଥିଲେ ଯେ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ସଂପ୍ରଦାୟ ଓ ସମାଜର ପଛୁଆବର୍ଗର ଛାତ୍ରଛାତ୍ରୀଙ୍କ ବିକାଶ ଉପରେ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇ ଆସୁଛନ୍ତି। ଶିକ୍ଷାର ବିକାଶ ଦ୍ୱାରା ହିଁ ସେମାନଙ୍କୁ ସଂପୂର୍ଣ୍ଣଭାବେ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଯାଇପାରିବ। ପାଠ୍ୟପୁସ୍ତକ ଓ ଛାତ୍ରାବାସଗୁଡ଼ିକର ଉନ୍ନତୀକରଣ ଉପରେ ବୈଠକରେ ଆଲୋଚନା ହୋଇଥିଲା। ସମସ୍ତ ସମସ୍ୟାଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଶ୍ରୀ ବେହେରା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଶଙ୍କର ଓରାମ, ସାଲୁଗା ପ୍ରଧାନ, ପର୍ଶୁରାମ ଧଡ଼ା, ବିଜୟ ଶଙ୍କର ଦାସ, ପୂର୍ଣ୍ଣଚନ୍ଦ୍ର ବାକା, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ପ୍ରମୁଖ ସଚିବ ରଂଜନା ଚୋପ୍ରା, ବିଧାନସଭା ସଚିବ ଦାଶରଥୀ ଶତପଥୀ, ବିଭାଗୀୟ ନିର୍ଦ୍ଦେଶକ ଗୁହା ପୁନମ ତାପସ କୁମାର ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ।

## ଅଗ୍ନିଶମ କର୍ମଚାରୀଙ୍କୁ ମିଳିବ ୟୁନିଫର୍ମ ଭତ୍ତା

ଭୁବନେଶ୍ୱର,୦୭/୦୬ (ନି.ପ୍ର): ଅଗ୍ନିଶମ କର୍ମଚାରୀଙ୍କୁ ୟୁନିଫର୍ମ ଭତା ମିଳିବା ନେଇ ରାଜ୍ୟସରକାର ଘୋଷଣା କରିଛନ୍ତି। ଘୋଷଣା ଅନୁଯାୟୀ କର୍ମଚାରୀଙ୍କୁ ବାର୍ଷିକ ୫୭୦୦ ଓ ୫୮୦୦ ଟଙ୍କା ଭତା ମିଳିବ। ଆସିଷ୍ଟାଂଟ ଫାୟାର ଅଫିସର ଠାରୁ ଫାୟାରମ୍ୟାନ ପର୍ଯ୍ୟନ୍ତ ସମସ୍ତଙ୍କୁ ୫୭୦୦ଟଙ୍କା ଭତା ମିଳିବାବେଳେ ଲିଡିଂ ଫାୟାରମ୍ୟାନ୍, ଡ୍ରାଇଭର ହାବିଲଦାରଙ୍କୁ ୫୮୦୦ ଟଙ୍କା ମିଳିବ। ତେବେ ଜୁଲାଇ ୧ ସୁଦ୍ଧା ୬ ମାସରୁ କମ ଚାକିରି ଥିବା କର୍ମଚାରୀଙ୍କୁ ଭତା ମିଳିବନି ବୋଲି ସୂଚନା ମିଳିଛି।

# ପୂଜ୍ୟପୂଜାରେ ଭାଗନେଇ କାର୍ଯ୍ୟାରମ୍ଭ କଲେ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର

ଭୁବନେଶ୍ୱର,୦୭/୦୬ (ନି.ପ୍ର): ଜ୍ଞାନ ମଣ୍ଡଳ ପ୍ରଣେତା ଗାନ୍ଧୀବାଦୀ, ଜ୍ଞାନତପସ୍ୱୀ ବିନୋଦ କାନୁନ୍‌ଗୋଙ୍କ ୧୧୦ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ରାଜ୍ୟ ଅଭିଲେଖାଗାର ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ନବ ନିଯୁକ୍ତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ତାଙ୍କ ସରକାରୀ କାର୍ଯ୍ୟ ପୂଜ୍ୟପୂଜା ମାଧ୍ୟମରେ ଆରମ୍ଭ କରିଛନ୍ତି । ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ, ମୁଖ୍ୟବକ୍ତା ଭାବରେ ଭଣ୍ଡାରୀ ପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଚିନ୍ତା ଚେତନାର ପ୍ରତିଷ୍ଠାତା ସୁରେନ୍ଦ୍ର ଦାସ, ରାଜ୍ୟ ଅଭିଲେଖାଗାର ଅଧିକ୍ଷକ ସୁଲେମାନ୍ ଅଲ୍ଲୀ, ରାଜ୍ୟ ଗ୍ରନ୍ଥାଗାର ଓ ରାଜ୍ୟ ଅଭିଲେଖାଗାରର କର୍ମଚାରୀ, ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ବୁଦ୍ଧିଜୀବୀମାନେ ଯୋଗଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ନିଜ ବକ୍ତବ୍ୟରେ ସ୍ୱର୍ଗତ କାନୁନ୍‌ଗୋଙ୍କ ସ୍ମୃତିଚାରଣ କରିଥିଲେ । ଜଣେ ମେଧାବୀ ଛାତ୍ର ଭାବରେ ବୃତି ପାଇ ଅଧ୍ୟୟନ କରୁଥିବା ବିନୋଦବାବୁ ଗାନ୍ଧୀଙ୍କ ବିଚାରଧାରାରେ ଅନୁପ୍ରାଣିତ ହୋଇ ଗାନ୍ଧୀ ଦର୍ଶନ ଓ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ବିଦ୍ୟାଳୟ ପରିତ୍ୟାଗ କରିଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୯୩୪ ମସିହା ଓଡ଼ିଶା ପଦଯାତ୍ରା ସମୟରେ ସେ ତାଙ୍କ ସହିତ ରହି ପଦଯାତ୍ରାର ବିବରଣୀ ଲିପିବଦ୍ଧ କରି ବିଭିନ୍ନ ଗଣମାଧ୍ୟମକୁ ପ୍ରଦାନ କରୁଥିଲେ । ଦେଶ ସ୍ୱାଧୀନତା ପରେ ସେ ରାଜନୈତିକ କାର୍ଯ୍ୟକ୍ରମରୁ ଦୂରେଇ ରହି ଜ୍ଞାନମଣ୍ଡଳ ପ୍ରଣୟନ କଲେ, ଯାହାକି ବିଦ୍ୟାର୍ଥୀମାନଙ୍କ ପାଇଁ ଯୁଗେ ଯୁଗେ ଏକ ଉପାଦେୟ ଗ୍ରନ୍ଥ ଭାବରେ ଆଦୃତ ହୋଇ ରହିଛି ଓ ରହିବ । ମନ୍ତ୍ରୀ ଶ୍ରୀ ପାତ୍ର ନିଜ ବକ୍ତବ୍ୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପୂଜ୍ୟ ପୂଜା ପରମ୍ପରା ଅତୁଟ ରଖିବା ସହ ବିକଶିତ କରିବା ପାଇଁ ଯେଉଁ ସ୍ୱପ୍ନ ଓ ସଂକଳ୍ପ ଆରମ୍ଭ କରିଛନ୍ତି, ତାହାକୁ ଗ୍ରାମାଂଚଳରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ପରିବ୍ୟାପ୍ତ କରାଯିବ । ପ୍ରତ୍ୟେକ କ୍ଷେତ୍ରରେ ସମାଜ ପାଇଁ ଦେଶ ଓ ଜାତି ପାଇଁ ସମର୍ପିତ ବ୍ୟକ୍ତିତ୍ୱଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ ପୂର୍ବକ ତାଙ୍କ ସ୍ମୃତି ଜାଗରିତ କରାଯିବ । ଏଥିପାଇଁ ସରକାରଙ୍କ ସହିତ ସର୍ବସାଧାରଣଙ୍କର ମଧ୍ୟ ଭାଗିଦାରୀତା ମଧ୍ୟ ରହିବ । ଓଡ଼ିଆ ଜାତି, ପୂଜ୍ୟପୂଜା ପରମ୍ପରା ବିକାଶରେ ନିଜର ମହନୀୟତା ସବୁ ସମୟରେ ପ୍ରମାଣିତ କରିଆସିଛି ଓ ଭବିଷ୍ୟତରେ କରିବ ମଧ୍ୟ । ଏହି କାର୍ଯ୍ୟକ୍ରମରେ ଆଗାମୀ ଦିନରେ ଛାତ୍ର ଓ ଯୁବ ସମାଜଙ୍କ ସକ୍ରୀୟ ଭାଗିଦାରୀତାରେ ଏହା ସଫଳକାମ ହୋଇପାରିବ ।

# ସିଭିଲ ଇଞ୍ଜିନିୟର ଏବେ ଅଟୋ ଚାଳକ

ଭୁବନେଶ୍ୱର,୦୭/୦୬ (ନି.ପ୍ର): ରାଜଧାନୀ ରାଜରାସ୍ତାରେ ଏବେ ଗଡୁଛି CRUTର ଇ- ରିକ୍ସା । ମୁଖ୍ୟତଃ ଯୁବତୀ ଓ ମହିଳାମାନେ ଏହି ଇ-ରିକ୍ସା ଚଳାଇ ନିଜକୁ ସ୍ୱାବଲମ୍ବୀ କରି ପାରିଥିବା ବେଳେ ସେମାନଙ୍କ ମଧ୍ୟରେ ଅଛନ୍ତି ସସ୍ମିତା ନାମ୍ନୀ ମହିଳା। ସସ୍ମିତା ଅନ୍ୟମାନଙ୍କଠୁ ଟିକେ ଭିନ୍ନ। କାରଣ ଏବେ ଇ- ରିକ୍ସା ଚଳାଇ ନିଜ ପରିବାର ପୋଷୁଥିବା ସସ୍ମିତା ଜଣେ ସିଭିଲ ଇଞ୍ଜିନିୟର ଡିଗ୍ରୀଧାରୀ। ସବୁବେଳେ ସ୍ୱାବଲମ୍ବୀ ହେବାକୁ ଇଚ୍ଛା ରଖିଥିବା ସସ୍ମିତା ଏବେ ଅଟୋ ଚାଳକ ହୋଇଥିବା ବେଳେ ଜଣେ ପୁଲିସ୍ ଅଧିକାରୀ ହେବାର ସ୍ୱପ୍ନ ଦେଖୁଛନ୍ତି।

ଏକ ଘରୋଇ ସଂସ୍ଥାରେ ଜଣେ ସିଭିଲ ଇଞ୍ଜିନିୟର ଭାବେ ଚାକିରି କରି ବେଶ୍ ଭଲ ରୋଜଗାର କରୁଥିଲେ ସସ୍ମିତା । ମହାମାରୀ କରୋନା କିନ୍ତୁ ଉଜାଡ଼ିଦେଲା ସ୍ୱପ୍ନ । ଚାକିରି ଗଲା, ବନ୍ଦ ହୋଇଗଲା ରୋଜଗାର। ଦୁଇ ଓଳି ଦୁଇ ମୁଠା ଖାଇବା ପାଇଁ କଷ୍ଟ ହୋଇ ପଡ଼ିଲା । ହେଲେ ପରିସ୍ଥିତି ଆଗରେ ହାର ମାନି ନାହାନ୍ତି ସସ୍ମିତା । ସବୁବେଳେ ନିଜେ ସ୍ୱାବଲମ୍ବୀ ହେବାକୁ ଆଶା ରଖିଥିବା ସସ୍ମିତା ଚାକିରି ହରାଇବା ପରେ ଭାଙ୍ଗି ନାହାନ୍ତି। ବରଂ ନିଜକୁ ଅଧିକ ମଜଭୁତ କରି ଖୋଜି ପାରିଛନ୍ତି ବିକଳ୍ପ ରୋଜଗାର ପନ୍ଥା। ଏବେ ରାଜଧାନୀ ରାଜରାସ୍ତାରେ ଗଡୁଥିବା CRUT ର ଇ- ରିକ୍ସା ଚଳାଇ ନିଜ ଖର୍ଚ୍ଚ ନିଜେ ଉଠାଇ ପାରିବା ସହ ପରିବାର ଚଳାଇ ପାରୁଛନ୍ତି ସସ୍ମିତା । ଏନେଇ ସସ୍ମିତା କହିଛନ୍ତି, କରୋନା ସମୟରେ ସବୁ କମ୍ପାନୀ ବନ୍ଦ ହୋଇଗଲା। ମୁଁ ଚାକିରି ହରାଇଲି। ପ୍ରାୟ ଦେଢ ବର୍ଷ ପରେ କମ୍ପାନୀ ପକ୍ଷରୁ ଡାକରା ପାଇଲି । ହେଲେ ଆଉ ସେଠାକୁ ଯିବାକୁ ଇଚ୍ଛା ନାହିଁ। ନିଜେ ସ୍ୱାବଲମ୍ବୀ ହେବାର ଶ୍ରେୟ ସସ୍ମିତା ସ୍ୱାମୀ, ପରିବାର ଲୋକ ତଥା ଶାଶୁ, ଶ୍ୱଶୁରଙ୍କୁ ଦେଇଛନ୍ତି। ସବୁବେଳେ ଆତ୍ମନିର୍ଭର ହେବାକୁ ପରିବାର ଲୋକେ କହୁଥିବା ସହ ସହଯୋଗ କରୁଥିବାରୁ ଆଜି ଏଠାରେ ଛିଡ଼ା ହୋଇ ପାରିଥିବା କହିଛନ୍ତି। ହେଲେ ଆଶା ଏତିକିରେ ସରିନି । ଆଗକୁ ଓଡ଼ିଶା ପୁଲିସ୍‌ରେ ଯୋଗ ଦେବାକୁ ଇଚ୍ଛା ରଖିଥିବା ସସ୍ମିତା ଏଥିନିମନ୍ତେ ପ୍ରସ୍ତୁତି ବି ଚଳାଇଥିବା କହିଛନ୍ତି । ଉଲ୍ଲେଖ ଯେ ରାଜ୍ୟ ଦକ୍ଷତା ବିକାଶ କର୍ତ୍ତୃପକ୍ଷର ଅଧକ୍ଷ ସୁବ୍ରତ ବାଗ୍‌ଚୀ ଓ ରାଜ୍ୟ ସରକାରଙ୍କ ସହାୟତାରେ ରାଜଧାନୀଠାରେ ବାଗ୍‌ଚୀ-ଶ୍ରୀଶଙ୍କର କର୍କଟ ରୋଗ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଉଛି। ଏହାସହ ବାଗ୍‌ଚୀ-କରୁଣାଶ୍ରୟ ପାଲିଆଟିଭ୍ କେୟାର ସେଣ୍ଟର ମଧ୍ୟ ପ୍ରତିଷ୍ଠା କାର୍ଯ୍ୟ ଜାରି ରହିଛି। ଆସନ୍ତା ୨୦୨୩ ମଧ୍ୟଭାଗରେ ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଛି।

# କର୍କଟ ସଚେତନତାରେ ନିୟୋଜିତ ହେବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

ଭୁବନେଶ୍ୱର : ମହିଳାମାନଙ୍କ ଭିତରେ କର୍କଟ ରୋଗର ସଚେତନତା ଓ ସ୍କ୍ରିନିଂରେ ସହଯୋଗ କରିବେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)। ଘରକୁ ଘର ବୁଲି କର୍କଟ ରୋଗ ରୋଗ ବିଷୟରେ ସଚେତନତା କରିବା ସହିତ ଲୋକଙ୍କ ଭିତରେ ରୋଗପ୍ରତି ଥିବା ଭୟକୁ କିଭଳି ଦୂର ହୋଇପାରିବ ତାହା ସଂପର୍କରେ ବୁଝାଇବେ। ନିକଟରେ ରାଜ୍ୟ କମ୍ପ୍ରିହେନ୍‌ସିଭ କ୍ୟାନସର କେୟାର ପ୍ରୋଗ୍ରାମ(ଓସିସିପି)ର ବୈଠକରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ମିସନ୍ ଶକ୍ତି ବିଭାଗ ସହିତ ବିସ୍ତୃତ ଭାବେ ଏ ସଂପର୍କରେ ଆଲୋଚନା କରାଯିବା ସହିତ ଚଳିତମାସ ଶେଷ ସୁଦ୍ଧା ରାଜ୍ୟ ସରକାରଙ୍କ ଅନୁମୋଦନ ଲୋଡ଼ାଯିବ ବୋଲି ଜଣାପଡ଼ିଛି।

ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ, ମହିଳାଙ୍କଠାରେ ସାଧାରଣଭାବେ ସ୍ତନ ଓ ଜରାୟୁ କର୍କଟ ରୋଗ ଦେଖିବାକୁ ମିଳିଥାଏ। ଦିନକୁ ଦିନ ଏହାର ମାତ୍ରା ବଢ଼ିବାରେ ଲାଗିଛି। ଏହାସହ ମୁଖଗହ୍ୱର ଓ ଫୁସ୍ ?ଫୁସ୍ କର୍କଟ ରୋଗ ମଧ୍ୟ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଦେଖିବାକୁ ମିଳୁଛି। ମାତ୍ର ମହିଳାମାନଙ୍କ ଭିତରେ ସଚେତନତାର ଅଭାବ ଯୋଗୁଁ ଏସବୁ ଚିହ୍ନଟ ହେବା ସମୟରେ ଷ୍ଟେଜ୍ ୩ କିମ୍ବା ଷ୍ଟେଜ୍ ୪ରେ ପହଞ୍ଚିଥିବା ସ୍ପଷ୍ଟ ହେଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଚିହ୍ନଟ ହୋଇପାରିଲେ ଅନେକଙ୍କ ଜୀବନ ରକ୍ଷା ହୋଇପାରିବ।

ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁସାରେ, ମହିଳାମାନଙ୍କୁ କର୍କଟ ରୋଗ ସଂପର୍କରେ ସଚେତନତ କରିବା ଲାଗି ମିସନ୍ ଶକ୍ତି ବିଭାଗ ସହିତ ଆଲୋଚନା କରାଯାଇ ଏକ ରଣନୀତି ପ୍ରସ୍ତୁତ କରାଯିବ। ଏହାସହ କ୍ୟାନସର କେୟାର ସର୍ଭିସ ପାଇଁ ମଧ୍ୟ ଏନ୍‌ଜିଓମାନଙ୍କୁ ନିୟୋଜିତ କରାଯିବ। ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ହିଁ କାର୍ଯ୍ୟକ୍ରମ ଆରମ୍ଭ ହେବ। ରାଜ୍ୟରେ ଥିବା ଡେ-କେୟାର ସେଣ୍ଟରଗୁଡ଼ିକରୁ ନିୟମିତ ବ୍ୟବଧାନରେ ଫିଡ୍‌ବ୍ୟାକ୍ ନିଆଯିବା ସହିତ କର୍କଟ ରୋଗୀମାନଙ୍କୁ କିଭଳି ନିୟମିତ ଆଣ୍ଟି କ୍ୟାନସର ଔଷଧ ମିଳିପାରିବ ତାହାର ବ୍ୟବସ୍ଥା କରାଯିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

ଅପର ପକ୍ଷରେ ରାଜ୍ୟ ସରକାର ୬ଟି ସ୍ଥାନରେ କର୍କଟ କେନ୍ଦ୍ରର ସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। କିଛି ସ୍ଥାନରେ ବିଲ୍ଡିଂର ଡିଜାଇନ୍‌ରେ ପରିବର୍ତ୍ତନ କରାଯାଇଛି। କ୍ୟାପିଟାଲ ହସ୍ପିଟାଲ ସମେତ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କୋରାପୁଟ, କେନ୍ଦୁଝର, ବଲାଙ୍ଗୀର, ବାଲେଶ୍ୱର, ବାରିପଦା ଓ ଭବାନୀପାଟଣା ମେଡିକାଲ କଲେଜରେ ରେଡିଓଥେରାପି ୟୁନିଟ୍ କାର୍ଯ୍ୟକ୍ଷମ କରାଯିବ। କର୍କଟ ରୋଗ ଚିକିତ୍ସାକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ଲାଗି ରାଜ୍ୟ ସରକାର ଆସନ୍ତା ୫ବର୍ଷରେ ରାଜ୍ୟ ସରକାର ୫୭୭ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯାଉଛନ୍ତି। ଏହାସହ କଟକସ୍ଥିତ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ସଂପ୍ରସାରଣ ସହିତ ରୋଗର ଆଗୁଆ ଚିହ୍ନଟ ୯ଟି ସ୍ଥାନରେ ଲିନିଅର ଆକ୍ସିଲେଟର ସହିତ ରେଡିଓଥେରାପି ୟୁନିଟ୍, ବ୍ରାକି-ଥେରାପି, ସିଟି-ସିମୁଲେଟର ସ୍ଥାପନ କରାଯିବ। ଏଥିପାଇଁ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ଏକ ପ୍ରକଳ୍ପ ନିରୀକ୍ଷଣ ୟୁନିଟ୍ ମଧ୍ୟ ସ୍ଥାପନ ହେବ।

## ଗତ ୨୪ ଘଣ୍ଟା ମଧ୍ୟରେ ୧୩ ଜଣ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୦୭/୦୬ (ନି.ପ୍ର): ଗତକାଲି ଭଳି ଆଜି ବି ୧୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ମାତ୍ର ଜଣେ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୪ଟି ଜିଲ୍ଲାରୁ ୧୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୬ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ।

# ଓଡ଼ିଶାରେ ଖାଦ୍ୟ ସୁରକ୍ଷା କାର୍ଯ୍ୟାୟନକୁ ନେପାଳ ଷ୍ଟଡ଼ି ମିଶନର ପ୍ରଶଂସା

ଭୁବନେଶ୍ୱର,୦୭/୦୬ (ନି.ପ୍ର): ଭାରତର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ବିଷୟରେ ବାସ୍ତବ ଅନୁଭୂତି ହାସଲ କରିବା ନିମନ୍ତେ ନେପାଳରୁ ଆସିଥିବା ଉଚ୍ଚସ୍ତରୀୟ ଷ୍ଟଡ଼ି ମିଶନ ଟିମ୍ ଓଡ଼ିଶାରେ ଖାଦ୍ୟ ସୁରକ୍ଷା ଯୋଜନାର ସଫଳ କାର୍ଯ୍ୟାନ୍ୱୟନକୁ ଭୂୟସୀ ପ୍ରଶଂସା କରିଛନ୍ତି। ରାଜ୍ୟର ନିଜ ଯୋଜନା ସହ କେନ୍ଦ୍ରୀୟ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ ଓଡ଼ିଶାର ଏକ ବଡ ସଫଳତା ବୋଲି ମିଶନ ଟିମ୍ର ସଦସ୍ୟମାନେ ମତ ଦେଇଛନ୍ତି । ୨ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଏହି ଉଚ୍ଚସ୍ତରୀୟ ନେପାଳ ଷ୍ଟଡ଼ି ମିଶନ ଟିମ୍‌ଙ୍କ ନିମନ୍ତେ ଆଜି ରାଜ୍ୟ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା ।

ରାଜ୍ୟର ଖାଦ୍ୟ ସୁରକ୍ଷା ଯୋଜନା ବିଷୟରେ ପ୍ରାରମ୍ଭିକ ସୂଚନା ଦେଇ ଶ୍ରୀ ମହାପାତ୍ର କହିଥିଲେ ଯେ କୌଣସି ଗରିବ ଲୋକ ଅନାହାରରେ ରହିବ ନାହିଁ-ଏହାହିଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କର ଲକ୍ଷ୍ୟ ଏବଂ ନିର୍ଦ୍ଦେଶ । ଏହି ଲକ୍ଷ୍ୟର ସଠିକ୍ ରୂପାୟନ ପାଇଁ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ, ମହିଳା ଓ ଶିଶୁ ବିକାଶ, କୃଷି ଓ କୃଷକ ସଶକ୍ତିକରଣ, ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ, ଜଳ ସଂପଦ, ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ଏବଂ ଗୃହ ଓ ନଗର ଉନ୍ନୟନ ଆଦି ବିଭାଗମାନେ ସମନ୍ୱିତଭାବେ କାର୍ଯ୍ୟ କରୁଛନ୍ତି । ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା ସହ ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି ।

ଖାଦ୍ୟ ସୁରକ୍ଷା ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ କହିଥିଲେ ଯେ ୨୦୦୩-୨୦୦୪ ମସିହାରୁ ରାଜ୍ୟ କେନ୍ଦ୍ରୀୟ ଖାଦ୍ୟ ସଂଗ୍ରହ ଯୋଜନାରେ ସାମିଲ ହୋଇ ନିଜ କୃଷକମାନଙ୍କଠାରୁ ଖାଦ୍ୟ-ଶସ୍ୟ ସଂଗ୍ରହ ଆରମ୍ଭ କରିଛି । ବର୍ତ୍ତମାନ ରାଜ୍ୟ ନିଜ କୃଷକମାନଙ୍କ ଠାରୁ ବାର୍ଷିକ ହାରାହାରି ୭୬ ଲକ୍ଷ ନିୟୁତ ଟନ୍ ଧାନ ସଂଗ୍ରହ କରୁଛି ଯେଉଁଥିରୁପ୍ରାୟ ୫୨ ଲକ୍ଷ ନିୟୁତ ଟନ୍ ଚାଉଳ ଉତ୍ପାଦନ କରାଯାଉଛି । ଏହି ସଂଗ୍ରହ ମଧ୍ୟରୁ ରାଜ୍ୟରେ ବିଭିନ୍ନ ଖାଦ୍ୟ ସୁରକ୍ଷା ଯୋଜନା ପାଇଁ ପ୍ରାୟ ୩୦ ଲକ୍ଷ ନିୟୁତ ଟନ୍ ଚାଉଳ ବ୍ୟବହାର ହେଉଛି ଏବଂ ଅବଶିଷ୍ଟ ପ୍ରାୟ ୨୨ ଲକ୍ଷ ନିୟୁତ ଟନ୍ ଚାଉଳ ଦେଶର କେନ୍ଦ୍ରୀୟ ଖାଦ୍ୟ ଭଣ୍ଡାରକୁ ଦିଆଯାଉଛି । କେନ୍ଦ୍ରୀୟ ଭଣ୍ଡାରକୁ ସର୍ବାଧିକ ଚାଉଳ ଦେଉଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ସ୍ଥାନ ବର୍ତ୍ତମାନ ଚତୁର୍ଥ। ରାଜ୍ୟରେ ୯୫.୭୪ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରର ପ୍ରାୟ ୩.୩୩ କୋଟିରୁ ଅଧିକ ସଦସ୍ୟଙ୍କୁ ପ୍ରତ୍ୟକ୍ଷ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି।। ବର୍ତ୍ତମାନ ସମୁଦାୟ ୧୨,୧୨୪ ସୁଲଭ ଖୁଚୁରା ଦୋକାନ ମାନଙ୍କ ମାଧ୍ୟମରେ ପ୍ରତି ମାସରେ ହିତାଧିକାରୀମାନଙ୍କୁ ପ୍ରାୟ ୧.୮୭ ଲକ୍ଷ ନିୟୁତ ଟନ୍ ଖାଦ୍ୟ ଶସ୍ୟ ଯୋଗାଣ କରାଯାଉଛି। ଟିମ୍ ସଦସ୍ୟମାନେ ଏହି ସବୁ ଅଭିନବ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ସେସବୁର ଯୋଜନା, କାର୍ଯ୍ୟାୟନ ବ୍ୟବସ୍ଥା ଓ ପରିଚାଳନା ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରି ଜ୍ଞାତ ହୋଇଥିଲେ।

ନେପାଳ ଜାତୀୟ ଯୋଜନା କମିଶନ ସଦସ୍ୟ ଡ଼ଃ ଦିଲ୍ ବାହାଦୁର ଗୁରୁଙ୍ଗ୍‌ଙ୍କ ନେତୃତ୍ୱରେ ଆସିଥିବା ଏହି ମିଶନ ଟିମ୍ରେ ନେପାଳ ସରକାରଙ୍କ ଅର୍ଥ, କୃଷି ଓ ପଶୁପାଳନ, ଯୋଜନା ଆଦି ବିଭାଗର ଅତି ଉଚ୍ଚସ୍ତରୀୟ ଅଧିକାରୀମାନେ ଓଡ଼ିଶା ଗସ୍ତରେ ଆସିଛନ୍ତି । ଏମାନେ ଦୁଇଦିନ ଓଡ଼ିଶାରେ ବିଭିନ୍ନ ସୁଲଭ ଖୁଚୁରା ବିକ୍ରୟ କେନ୍ଦ୍ର, ଖାଦ୍ୟ ଯୋଗାଣ ଏ.ଟି.ଏମ୍, ଖାଦ୍ୟ ସୁରକ୍ଷା ଯୋଜନାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର କାର୍ଯ୍ୟ, ଗ୍ରାମ ପଂଚାୟତର କାର୍ଯ୍ୟ ଆଦି ବିଷୟରେ କ୍ଷେତ୍ରସ୍ତରୀୟ ପ୍ରତ୍ୟକ୍ଷ ଅନୁଭୂତି ସଂଗ୍ରହ କରିବେ । ଏହାଛଡା, ଏହି ଟିମ୍ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବାର ସମ୍ଭାବନା ଅଛି ।

## ବିଜେପିର ମହିଳା ସମାବେଶରେ ମହିଳାଙ୍କୁ ପ୍ରାଧାନ୍ୟ

ଜଳେଶ୍ୱର ୭/୬(ନି.ପ୍ର): ଜଳେଶ୍ୱର ବିଜେପିର ମହିଳା ମୋର୍ଚ୍ଚା ପକ୍ଷରୁ ଶିଖରପୁର ଠାରେ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ନରେନ୍ଦ୍ର ମୋଦି ସରକାରଙ୍କ ୨ପାଳି ୩ୟ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ସମାବେଶରେ ଯୁବନେତା ଦିବ୍ୟକାମ ମହାନ୍ତି ଯୋଗ ଦେଇ ମୋଦି ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା, ମହିଳାଙ୍କୁ ପ୍ରାଧାନ୍ୟ, ନାରୀ ସଶକ୍ତିକରଣ ଅନ୍ତର୍ଗତ ୯ କୋଟି ମହିଳାଙ୍କୁ ଉଜ୍ଜ୍ୱଳା ଯୋଜନାରେ ଯୋଡିବା, ଜନଧନ ଯୋଜନାରେ ୨୫ କୋଟି ମହିଳା ଉପକୃତ ହେବା, ୩୫ ଲକ୍ଷରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠି ମାଧ୍ୟମରେ ୮ କୋଟି ମହିଳାଙ୍କ ବିକାଶ ହେବା ସଂପର୍କରେ ସୂଚନା ଦେଇଥିଲେ । ରେବତୀ ଗିରି ଅଧ୍ୟକ୍ଷତା କରିଥିବା ବେଳେ ସୁମତି ଗିରି ଧନ୍ୟବାଦ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିଦ୍ଧାର୍ଥଶଂକର ପାଳ, ରାଇବଣିଆ ମଣ୍ଡଳ ସଭାପତି ମନୋଜ ସାସମଲ, ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ପ୍ରଣବ ପଣ୍ଡା, ପଶ୍ଚିମବାର୍ଡ ମଣ୍ଡଳ ସଭାପତି ପ୍ରତାପ ସେନାପତି, ସ୍ୱପ୍ନେଶ୍ୱର ମଣ୍ଡଳ ସଭାପତି ତପନ ବିଶ୍ୱାଳ, ରାଜପୁର ନାଏବ ସରପଂଚ ଅରବିନ୍ଦ ମଣ୍ଡଳ, ସୁକାନ୍ତି ଜେନା, ନିର୍ମାଳା ଗିରି, ରଂଜିତା ଗିରି, ସେବତୀ ଗିରି, ସଂଜିବ ରାଉତ, ଚିନ୍ମୟ ଦାସ, ସରୋଜ ଗିରି, ସତ୍ୟ ଚନ୍ଦ୍ର ପ୍ରମୁଖ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣ ନିତୀ ଓ ମହିଳାଙ୍କ ସ୍ୱାବଲମ୍ବୀ ପାଇଁ ବିଭିନ୍ନ ଯୋଜନା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ପଞ୍ଚାୟତ ସମସ୍ୟା ନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା

ଭଦ୍ରକ,୦୭/୦୬ (ନି.ପ୍ର): ପଞ୍ଚାୟତ ନିର୍ବାଚନ ପରେ ନବ ନିର୍ବାଚିତ ସରପଞ୍ଚ ନିଜ ପଞ୍ଚାୟତର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ଭେଟି ଆଲୋଚନା କରିଛନ୍ତି। ଆଜି ଭଦ୍ରକ ବ୍ଲର ଚଣ୍ଡିଗାଁ ଓ ସାହାଡ଼ା ପଞ୍ଚାୟତର ସରପଞ୍ଚ ଅଭିମନ୍ୟୁ ଜେନା ଓ ମାଧବ ମଲିକ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କୁ ଭେଟିଥିଲେ। ନିଜନିଜ ପଞ୍ଚାୟତର ପିଡିଏସ୍ ସମସ୍ୟା, ପାନୀୟ ଜଳ, ରାସ୍ତା ଘାଟ ଆଦି କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟା ଆଲୋଚନା କରିବା ସହ ପଞ୍ଚାୟତର ଉନ୍ନତି କିପରି ହୋଇ ପାରିବ ସେଦିଗରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ସରପଞ୍ଚଙ୍କ ସହିତ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଜିଲ୍ଲା ବିଜେପି ଉପସଭାପତି ଶ୍ରୀହର୍ଷ ସ୍ୱାଇଁ ଜିଲ୍ଲାପାଳଙ୍କୁ ଭେଟି କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚାଇବାରେ ପ୍ରଶାସନ ଓ ଶାସକ ଦଳର ପ୍ରତିନିଧିମାନେ ଅନ୍ତରାୟ ହେଉଛନ୍ତି ତାହା ଦୃଷ୍ଟି ଆକର୍ଷଣ କରିଥିଲେ। ଜନକଲ୍ୟାଣ ଯୋଜନାଗୁଡ଼ିର ସୁଫଳ କିପରି ଜନସାଧାରଙ୍କୁ ମିଳି ପାରିବ ଏବଂ ସରପଞ୍ଚମାନେ ସେମାନଙ୍କ କ୍ଷମତା ପରିସରଭୁକ୍ତ କାର୍ଯ୍ୟକୁ ସୁଚାରୁ ଭାବେ ତୁଲାଇ ପାରିବେ ସେ ଦିଗରେ ପ୍ରଶାସନିକ ସହଯୋଗ କାମନା କରିଥିଲେ। ଏହି ଅବସରରେ ଚଣ୍ଡିଗାଁ ପଞ୍ଚାୟତ ବିଜେପି ସଭାପତି ଶରତ ପରିଡ଼ା, ଅମିୟ ପରିଡ଼ା, ବିଜୟ ମହାକୁଡ଼, ପ୍ରଶାନ୍ତ ନାୟକ, ଅମର ପରିଡ଼ା, ସାହାଡ଼ା ପଞ୍ଚାୟତ ବିଜେପି ସଭାପତି ପ୍ରମୋଦ ମହାନ୍ତି, ବାଙ୍କୁ ମଲିକ, ସୁନିଲ ପଣ୍ଡା, ଭାଗବତ ମଲିକ, ଟିକି ଦାସ, କାଳିଆ ମହାରଣା ପ୍ରମୁଖ ସମସ୍ୟା ଗୁଡ଼ିକୁ ଲିଖିତ ଭାବେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ।

# ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

ଲଙ୍ଗଳେଶ୍ୱର, ୦୭/୦୬ (ନି.ପ୍ର): ସ୍ଥାନୀୟ ଲଙ୍ଗଳେଶ୍ୱର ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଉତ୍କଳମଣି ବରିଷ୍ଠ ନାଗରିକ ମଞ୍ଚ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ସଭାପତି ସଞ୍ଜୟ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏଇ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ କହିଲେ ସମାଜରେ ଚାଲିଥିବା ଲାଞ୍ଚ,ମିଛ,ଏବଂ ଦୁର୍ନୀତିକୁ ମୂଳ ପୋଛ କରିବାକୁ ସଂଗ୍ରାମ କରିବା ପାଇଁ ଆହ୍ୱାନ ଦେଇଥିଲେ।ସେ ଆହୁରି କହିଲେ ସମାଜ ଆମକୁ ଖାଦ୍ୟ ପାନୀୟ,ଛାଇ,ଅମ୍ଳଜାନ ସହିତ ଶିକ୍ଷା ସଂସ୍କାର ବହୁତ କିଛି ଦେଇଛି।ଆମେ ମଧ ସମାଜକୁ କିଛି ଦାନ କରିବା ଦରକାର।ଉତ୍କଳ ମଣୀ ଙ୍କର ନାମ କୁ ସାର୍ଥକ କରିବା ସହିତ ଅନ୍ୟମାନଙ୍କ ପାଇଁ ବଞ୍ଚି ଖୁସି ହେବା ଉଚିତ। ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ତଥା ଓଷ୍ଟା ର ପୂର୍ବତନ ନେତା ନାରାୟଣ ପ୍ରସାଦ ସାହୁ ଯୋଗଦେଇ ବରିଷ୍ଠ ନାଗରିକ ସମାଜର ମେରୁଦଣ୍ଡ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଗୋପବନ୍ଧୁ ଆୟୁର୍ବେଦିକ ମେଡ଼ିକାଲ କଲେଜ ର ପୂର୍ବତନ ପ୍ରଫେସର ଡାକ୍ତର ମୃତ୍ୟୁଞ୍ଜୟ ପଣ୍ଡା, କୁଞ୍ଜ କାନ୍ତ ପାତ୍ର, କୁମୁଦ ରଞ୍ଜନ ବର, ପ୍ରାକ୍ତନ ଶିକ୍ଷକ ସୁଧାସିନ୍ଧୁ ସାହୁ, ନରସିଂହ ବିଶ୍ୱାଳ, ଅମୂଲ୍ୟ ଚନ୍ଦ୍ର ଘଡେଇ,ବଣିଆଡିହା ସରପଞ୍ଚ କାଳି ଚରଣ ଜେନା, ସାଂସଦ ପ୍ରତିନିଧି ମହେଶ୍ୱର ଜେନା।ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପୁରୁଷୋତ୍ତମ ସାହୁ ସଂଯୋଜନା କରିଥିବା ବେଳେ ମନମୋହନ ସେଠି ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚର ସଦସ୍ୟ ନିତ୍ୟାନନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ପାତ୍ର, ବିନୋଦ ଦାସ, ବଂଶୀଧର ନାୟକ, ପଞ୍ଚାନନ ଜେନା ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।ବାଲିକୁଟି ପଞ୍ଚାୟତ ର ପୂର୍ବତନ ସରପଞ୍ଚ ବୈକୁଣ୍ଠ ରାଉତ, ଶିକ୍ଷାବିତ ଝାଡଶ୍ୱର ରାଉତ,ପୁଟୁରା ପଞ୍ଚାୟତ ର ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ସାହୁ,ସମବୟବିତ ହିମାଂଶୁ ଶେଖର ପାତ୍ର, ବଳଙ୍ଗ ରପୂର୍ବତନ ସରପଞ୍ଚ ଜଗବନ୍ଧୁ ମଲ୍ଲିକ,ଗୌରହରି ପଚ୍ଚାୟତ ଅନିରୁଦ୍ଧ ମଣ୍ଡଳ, ଶିକ୍ଷକ ନେତା ଆଦିତ୍ୟ ରାଉତ ପ୍ରମୁଖଙ୍କ ତତ୍ୱାବଧାନରେ ଉତ୍ସବ ପରିଚାଳିତ ହୋଇଥିଲା।

# ଜିଲ୍ଲା ପରିବେଶ ସମିତି ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ



ବାରିପଦା, ୦୭/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପରିବେଶ ସମିତି ଆନିକୂଲ୍ୟରେ ଜିଲ୍ଲା ସଦର ମକୁମା ବାରିପଦା ବନଖଣ୍ଡ ବିଭାଗ ତତ୍ୱାବଧାନରେ ବାରିପଦା ବନଖଣ୍ଡ ବିଭାଗ ସଂକଳ୍ପ ସମ୍ମିଳନୀ କକ୍ଷରେ ବିଶ୍ୱପରିବେଶ ଦିବସ ପାଳିତ ହୋଇଯାଇଅଛି । ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସ ପାଳନର ଶୀର୍ଷକ କେବଳ ଏକ ପୃଥିବୀ- ପ୍ରକୃତି ସହିତ ଐକବଦ୍ଧ ଭାବରେ ପୋଷଣୀୟ ଜୀବିକା ଶୀର୍ଷକ ବିଷୟ ଉପରେ ଏକ ଆଲୋଚନା ସଭା ବାରିପଦା ବନଖଣ୍ଡ ଅଧିକାରୀ ତଥା ଜିଲ୍ଲା ପରିବେଶ ସମିତିର ସଚିବ ସନ୍ତୋଷ ଯୋଶୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ସମାରୋହରେ ଆଂଚଳିକ ମୁଖ୍ୟ ବନ ସଂରକ୍ଷକ ତଥା କ୍ଷେତ୍ର ନିର୍ଦ୍ଦେଶକ ଏସ୍‌ଟିଆର୍ ଟି. ଅଶୋକ କୁମାର, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱ ପରିବେଶ ସୁରକ୍ଷା ତଥା ସନ୍ତୁଳନ ରକ୍ଷା ପାଇଁ ସମାଜର ପ୍ରତ୍ୟେକ ନାଗରିକ ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି ବୋଲି ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥିଭାବେ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ପରିବେଶ ସମିତିର ଅଧକ୍ଷ ବିନୀତ ଭାରଦ୍ୱାଜ ଯୋଗଦେଇ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ପରିବେଶ ସୁରକ୍ଷା ପାଇଁ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିବେଶ ସମିତିର ଉପାଧକ୍ଷ ସନ୍ତୋଷ ମହାନ୍ତି ଯୋଗଦେଇ ମୟୂରଭଞ୍ଜ ଜିଲ୍ଲା ପରିବେଶ ସମିତିର କାର୍ଯ୍ୟାନୟନ ସଂପର୍କରେ ଆଲୋକପାତ କରିଥିଲେ । ବାରିପଦା ବନଖଣ୍ଡ ଅଧିକାରୀ ଶ୍ରୀ ଯୋଶୀ ଅଧକ୍ଷତା କରି ବିଶ୍ୱ ପରିବେଶ ଦିବସ ପାଳନର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜୈବ ମଣ୍ଡଳ ସମଗ୍ର ଓଡିଶା, ଦେଶ ତଥା ବିଶ୍ୱପାଇଁ ଜୀବନ ରେଖା କହିଲେ ଅତ୍ୟୁକ୍ତି ହେବା ନାହିଁ ଏବଂ ସମସ୍ତ ଇକୋ କ୍ଲବ ବନ ସୁରକ୍ଷା ସମିତି ସହଯୋଗରେ କାର୍ଯ୍ୟକ୍ରମ ସମ୍ମିଳିତ ଭାବେ ସଚେତନତା କରିବାକୁ ଅତିଥି ମାନେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଅନ୍ୟ ମାନଙ୍କ ମଧରେ ଆଇଏଫ୍ ? ?ଏସ ପ୍ରବେସନର ସୁନିତ କର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ଏହି ଅବସରରେ ବନସୁରକ୍ଷା ସମିତି ଦ୍ୱାରା ବୃକ୍ଷରୋପଣ କ୍ଷେତ୍ରରେ ଉଲ୍ଲେଖନିୟ କାର୍ଯ୍ୟକ୍ରମ କରିଥିବା ଜିଲ୍ଲାର ବନ ସୁରକ୍ଷା ସମିତି ସ୍ୱେଚ୍ଛାସେବୀ ସଙ୍ଗଠନର ୧୬ଜଣଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ସ୍ୱରୂପ ମାନପତ୍ର ପ୍ରତ୍ୟେକ ୧୦,୦୦୦/-ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିବାବେଳେ ଏହି ଦିବସ ପାଳନ ଉପଲକ୍ଷେ ବିଦ୍ୟାଳୟ ସ୍ତରରେ ପରିବେଶ ସୁରକ୍ଷା ସଂପର୍କିତ ଅନୁଷ୍ଠିତ ସଚେତନତାମୂଳକ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ର ମାନଙ୍କୁ ପରସ୍କୃତ କରାଯାଇଥଲା । ଏଥିସହିତ ବନସୁରକ୍ଷା କ୍ଷେତ୍ରରେ ସାହସିକତା ତଥା କର୍ତ୍ତବ୍ୟ ପରାୟଣତା ପାଇଁ ବନରକ୍ଷୀ ସୁନାରାମ ସିଂ ଙ୍କୁ ପରସ୍କାର ସରୂପ ୧ ଲକ୍ଷ ଟଙ୍କାର ଅର୍ଥରାଶି ଚେକ ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ ଆୟୋଜିତ କାର୍ଯ୍ୟକ୍ରମରେ ଏସିଏଫ ବାରିପଦା ଦିଲ୍ଲିପ କୁମାର ବାରିକ ସ୍ୱାଗତ ସୂଚନା ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶେଷରେ ବାରିପଦା ବନଖଣ୍ଡ ଏସିଫ ଅରୁଣ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

# ବସ୍ତା ରେଳଷ୍ଟେସନ ପାଖାପାଖି ବସଷ୍ଟାଣ୍ଡ କରିବାକୁ ଦାବି ଜୋରଧରିଲା

ବସ୍ତା,୦୭/୦୬ (ନି.ପ୍ର): ବସ୍ତା ଷ୍ଟେସନ ନିକଟସ୍ଥ ପୁରୁଣା ତହସିଲଦାରଙ୍କ କ୍ୱାଟର ସହିତ କେତେଗୁଡିଏ ଛୋଟବଡ ସରକାରୀ ଗୃହ ବହୁମାତ୍ରା ରେ ନଷ୍ଟ ହୋଇଯାଇଛି । ତା ଛଡା ସେହି ସବୁ ଗୃହ କେହି ରହୁ ନାଥିବାସ୍ଥଳେ ପରିତକ୍ତ ଅବସ୍ଥାରେ ପଡିରହିଛି । ହେଲେ ବସଷ୍ଟାଣ୍ଡ ଟିଏ ପାଇଁ ଅଞ୍ଚଳ ବାସୀ ଦାବିକରି ଆସୁଛନ୍ତି । ତେବେ ସରକାରୀ ଯାଗା ପଯ୍ୟାପ୍ତ ପରିମାଣରେ ଥିଲେମଧ ସେହି ସ୍ଥାନରେ ବସଷ୍ଟାଣ୍ଡ ନକରି ଅନ୍ୟତ୍ର ବସଷ୍ଟାଣ୍ଡ କରିବାକୁ ନେଇ ପ୍ରଶାସନ କୁ ଜନସାଧାରଣଙ୍କ ତରଫରୁ ଏକ ଲିଖିତ ଦାବିପତ୍ର ଦିଆଯାଇ ଥିଲା । ମାତ୍ର ଅସଫଳ ହେବାରୁ ଯୁବସମାଜସେବୀ ଦେବବ୍ରତ ମଲ୍ଲିକ ଅଦାଲତ ରେ ଆଶ୍ରୟ ନେଇଥିଲେ ଏବଂ ଅଦାଲତ ଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାପାଳ, ଉପଜିଲ୍ଲାପାଳ ବସ୍ତା ତହସିଲଦାରଙ୍କ ସମେତ ଦେବବ୍ରତ ମଲ୍ଲିକଙ୍କ ଏବଂ ପ୍ରତିନିଧି ଦଳ ସହିତ ଆଲୋଚନା ଓ ପ୍ରଯ୍ୟାୟଲୋଚନା କରାଯାଇଥିଲା ହେଲେ କିଛିଦିନ ପରେ ମଙ୍ଗଳବାର ପୁନଃବାର ସବ କଲେକ୍ଟର ଆଶିଷ ପାଟେଲ, ଡେପୁଟି କଲେକ୍ଟର ବ୍ରଜଗୋପାଲ ଆଚାର୍ଯ୍ୟ ବସ୍ତା ତହସିଲଦାର କାର୍ତ୍ତିକ କୁମାରଦାସଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ବସ୍ତା ଅଞ୍ଚଳବୁଲି ସ୍ଥାନ ନିରୁପଣ କରିବା ପାଇଁ ଆସିଥିଲେ । ବସ୍ତା ଅଞ୍ଚଳ ର ସମାଜସେବୀ ରବୀନ୍ଦ୍ର କୁମାର ଜୈନ, ସାଂସଦ ପ୍ରତିନିଧି ପ୍ରଦୀପ ପଣ୍ଡା, ବସ୍ତା ମଣ୍ଡଳ ସଭାପତି ରଞ୍ଜନକୁମାର ମହାନ୍ତି ଗୋକୁଳ ନନ୍ଦ ଜେନା, ପୂର୍ବତନସରପଞ୍ଚ ବିଶ୍ୱନାଥ ସିଂ, ଲକ୍ଷ୍ମୀକାନ୍ତ ଦଳାଇ, ଦିନକୃଷ୍ଣ ବେହେରା ପ୍ରଭୃତି ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ସେହି ନିର୍ଦ୍ଧାରିତ ସ୍ଥାନରେ ବସଷ୍ଟାଣ୍ଡ କରିବା ପାଇଁ ଦାବି କରିଥିଲେ ।

## ସ୍ୱର୍ଗତ ଗୌରଚନ୍ଦ୍ର ଘୋଷାଲଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା

ଜଳେଶ୍ୱର, ୦୭/୬(ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଲକ୍ଷ୍ମଣନାଥ ଗ୍ରାମର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଗୌରଚନ୍ଦ୍ର ଘୋଷାଲଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠିତ ସ୍ମୃତିସଭାରେ ପୂର୍ବତନ ଅଧ୍ୟକ୍ଷ ଶ୍ୟାମାଚରଣ ଦାସ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥିଭାବେ କପିଳେଶ୍ୱର ମହାନ୍ତି ଯୋଗ ଦେଇ ସ୍ୱର୍ଗତ ଗେସରଚନ୍ଦ୍ର ଘୋଷାଲଙ୍କ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଓ ଗୁଣାବଳି ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ବସନ୍ତା ଦାସ ଯୋଗ ଦେଇ ଗୀତାଶୋଲ୍କ ଆବୃତି କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରଜଗୋପାଳ ରାଉତ, ସତ୍ୟରଂଜନ ଦାସ, ଉତ୍ପଳ ମହାନ୍ତି, ଭାଗବତଚନ୍ଦ୍ର ପରିଡା, ଗିରିଧାରୀ ବେହେରା, ଚିତ୍ତରଂଜନ ଗିରି, ରାମଚନ୍ଦ୍ର ଦାସ, ଜଳଧର ଭଂଜ, ରାମଚନ୍ଦ୍ର ସାହୁ, ପ୍ରଦୀପ ଜେନା, ସୁବ୍ରତ ଘୋଷାଲ, ପ୍ରାଣକୃଷ୍ଣ ଗିରି, ଫନୀ ଭୂଷଣା ଭୂୟାଁ, ରଂଜନ ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଓଡ଼ିଶା ଦଖଲ ପାଇଁ ଭାଜପାର ପ୍ରସ୍ତୁତି ପର୍ବ

ଉଦଳା, ୦୭/୦୬ (ନି.ପ୍ର): ଆସନ୍ତା ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ଓଡ଼ିଶାର ଶାସନ କଳକୁ ନିଜ ଅକ୍ତିଆରକୁ ନେବା ପାଇଁ ଆଜିରୁ ପ୍ରସ୍ତୁତି ଚଳାଇଥିବାର ଜଣା ଯାଇଛି । ସେଥିପାଇଁ ବିଭିନ୍ନ ସ୍ଥାନରେ ଦଳୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାର ପରିଲକ୍ଷିତ ହେଉଛି । ସେହିପରି ଚଳିତ ଜୁନ ୬ ତାରିଖ ସୋମବାର ଦିନ ଉଦଳାସ୍ଥିତ ତୁଳସୀ କଲ୍ୟାଣ ମଣ୍ଡପ ପରିସରରେ ଦଳ ତରଫରୁ ଏ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୮ ବର୍ଷ ପୂର୍ତ୍ତି ଅବସରରେ ଏପରି ସମାବେଶ ରାଜ୍ୟ ବ୍ୟାପି ଅନୁଷ୍ଠିତ ହେଉଥିବାର କର୍ମୀ ମାନେ ପ୍ରକାଶ କରିଛନ୍ତି । ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଉକ୍ତ ସମାବେଶରେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ବିଧାୟକ ଭାସ୍କର ମଢ଼େଇ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମହିଳା ମାନଙ୍କ ପାଇଁ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ ସମସ୍ତ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଂଜନ ମୋଦି ମଞ୍ଚ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧରେ ବରିଷ୍ଠ ନେତା କମଳ ଧଳ, କାଉନସିଲର ଶରତଚନ୍ଦ୍ର ଦାସ, ଧିରେନ୍ଦ୍ର ଖରଣ୍ଡଲୱାଲ, ବିଶ୍ୱ ରଂଜନ ମୋଦି, ଶୁଭଦୀପ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଜାତା ମୁର୍ମୁ, ମମତା ସାହୁ, ଜିତେନ ଦତ୍ତ, ହରପ୍ରସାଦ ଭଞ୍ଜବାବୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଗାନ୍ଧିଜୀଙ୍କ ହରିଜନ ପଦଯାତ୍ରା ସ୍ମାରକୀ ସମାରୋହ

ଭଦ୍ରକ,୦୭/୦୬ (ନି.ପ୍ର): ଅସ୍ପୃଶ୍ୟତା, ଅଧୋଗତ ମାନବ ସମାଜର ଏକ ଘୃଣ୍ୟ ଜାତିପ୍ରଥା। ପରମପିତା ସୃଷ୍ଟିକର୍ତ୍ତାଙ୍କ ଇଚ୍ଛା ବିରୋଧୀ। ତେଣୁ ସତ୍ୟ ଅହିଂସାର ପୂଜାରୀ ମାହାମାନବ ମହାତ୍ମା ଗାନ୍ଧୀ ଏହାର ବିଲୋପ ପାଇଁ ହରିଜନ ପଦଯାତ୍ରାର ମହତ୍ ଉଦ୍ଦେଶ୍ୟ ବୋଲି ମହାତ୍ମା ଗାନ୍ଧି ବିଚାରମଞ୍ଚର ଆଲୋଚନାଚକ୍ରରେ ଅତିଥିମାନେ ମତପୋଷଣ କରିଛନ୍ତି। ଗାନ୍ଧି ବିଚାରମଞ୍ଚର ସ୍ଥାୟୀ ସଭାପତି ଶିକ୍ଷାବିତ୍ ଶାନ୍ତନୁ କୁମାର ରାଉତ ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ସୁଧାକର ରାଉତ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠିତ ସଭାରେ ପଣ୍ଡା କ୍ୟାନ୍‌ସର ହସ୍‌ପିଟାଲର ପ୍ରତଷ୍ଠାତା ଡାକ୍ତର କୃପାସିନ୍ଧୁ ପଣ୍ଡା, ଆଇନଜୀବୀ ନିରାକାର ଜେନା, ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ଅଧ୍ୟାପିକା ସଂଯୁକ୍ତା ଭାରତୀ ଯୋଗ ଦେଇଥିଲେ। ସଂଗଠନ ସମ୍ପାଦକ ବାବୁଲାଲ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ଅଶୋକ ଦାସଙ୍କ ପରିଚାଳନାରେ ଗାନ୍ଧି ଓଡ଼ିଶା ବାଳାଶ୍ରମର ଛାତ୍ରଛାତ୍ରୀ ଗାନ୍ଧି ଭଜନ ଗାନ କରିଥିଲେ। ଡ. ଭାଗବତ ତ୍ରିପାଠୀ ଅତିଥି ପରିଚୟ ଓ ଡ. ରାଜକିଶୋର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ଶାନ୍ତନୁ ରାଉତଙ୍କ ଲିଖିତ ପୁସ୍ତକ 'ଅଭିଶପ୍ତ ସୂର୍ଯ୍ୟ' ଏବଂ ଶିକ୍ଷୟିତ୍ରୀ ଝୁରନବାଳା ଖୁଣ୍ଟିଆଙ୍କ କିବତା ସଂକଳନ 'ତାରାଫୁଲ' ଲୋକାର୍ପଣ ହୋଇଥିଲା। ପ୍ରଥମ ଅଧିବେଶନରେ ଅଧ୍ୟାପକ ଡ. କ୍ଷୀରୋଦ ସାମଲଙ୍କ ସଭାପତିତ୍ୱରେ ଏକ କବିତା ପାଠୋତ୍ସବ ହୋଇଥିଲା। ସଂଯୋଜକ ଅଧ୍ୟାପକ କିଶୋର ପାଣିଗ୍ରାହୀ, ଅତିଥି ଭାବେ ଗୌରାଙ୍ଗ ବାରିକ ଓ ଜାନକୀ ପାଢୀ କବିତା ବିଚାରକ ଭାବେ ଯୋଗ ଦେଇଥିଲେ। କବିତା ପାଠ କରିଥିବା କବିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପୂର୍ବାହ୍ନରେ ଡ. ମନୀନ୍ଦ୍ର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗାନ୍ଧି ପଡ଼ିଆ ସ୍ଥିତ ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ତ୍ୟାଗଭୂମିର ସଭାପତି ଅଜୟ ନାୟକ, ଅଧିବକ୍ତା ତୁଷାରକାନ୍ତି ମହାନ୍ତି,ବୈଲେଶଚନ ବେହୁରିଆ, ଗଗନ ବିହାରୀ ରାଉତ, ଡ. ରାଧାରାଣୀ ମହାପାତ୍ର, ଡାକ୍ତର ହରେକୃଷ୍ଣ ନାୟକ, ଅଜିତ ନାୟକ, କରୁଣାକର ଉପାଧ୍ୟାୟ, ରୂପକ ବିହାରୀ ରାୟ, କ୍ଷୀରୋଦ ମିଶ୍ର, ବାମଦେବ ମିଶ୍ର, ପରମାନନ୍ଦ ସାହୁ, ହରମୋହନ କୁଅଁର, ଲକ୍ଷ୍ମୀକାନ୍ତ ବାରିକ, ଆଦିତ୍ୟ ନାୟକ, ବିଜୟ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିବା ବେଳେ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଏବର୍ଷ ସ୍ନାନଯାତ୍ରାରେ ଭକ୍ତ....

ସମ୍ମୁଖରେ ଯେଭଳି କୌଣସି ସେବାୟତ ଠିଆ ହୋଇ ଭକ୍ତଙ୍କ ଦର୍ଶନରେ ବାଧା ସୃଷ୍ଟି କରିବେ ନାହିଁ। ବିଶୃଙ୍ଖଳିତ ଆଚରଣ ରୋକିବା ପାଇଁ ସ୍ନାନ ମଣ୍ଡପରେ ସିସିଟିଭି ଓ ଭିଡ଼ିଓ ରେକର୍ଡିଂ ବ୍ୟବସ୍ଥା କରାଯିବ। ସ୍ନାନଯାତ୍ରା, ରଥଯାତ୍ରା ଓ ସୁନାବେଶ ଦିନ ପୁରୀର ବିଭିନ୍ନ ସ୍ଥାନରେ ଏଲ୍‌ଇଡ଼ି ଲାଗିବ। ଏହା ଦ୍ୱାରା ଭକ୍ତମାନେ ଯେଉଁଠାରେ ଥିଲେ ବି ଏହି ରଥଯାତ୍ରା ପର୍ବର ଲାଇଭ ଦୃଶ୍ୟ ଦେଖିପାରିବେ। ଏହା ଭିଡ଼ ନିୟନ୍ତ୍ରଣରେ ମଧ ସହାୟକ ହେବ। ସମୁଦ୍ରକୂଳ, ଷ୍ଟେସନ, ବସଷ୍ଟାଣ୍ଡ ଆଦି ସ୍ଥାନରେ ଏଲ୍ ?ଇଡ଼ି ଲାଗିବ। ସିଧା ପ୍ରସାରଣ ଦାୟିତ୍ୱ ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଦିଆଯିବାକୁ ନିଷ୍ପତ୍ତି ହୋଇଥିବା ବୈଠକ ପରେ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବୈଠକରେ ମୁଖ୍ୟତଃ ଦେବସ୍ନାନ ପୂର୍ଣ୍ଣିମା, ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନାବେଶ ଓ ନିଳାଦ୍ରୀ ବିଜେକୁ ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ଗୁରୁତ୍ୱ ଦିଆଯାଇଥିଲା। ଏହାଛଡ଼ା ସେବାୟତ ବାସ ଗୃହ ଯୋଜନା, ଆଦର୍ଶ ଗୁରୁକୁଳ ପାଇଁ ହୋଇଥିବା ସୋସାଇଟି ଓ ବାଇଲ ଅନୁମୋଦନ ସହ ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ନେଇ ମଧ ଆଲୋଚନା ହୋଇଥିଲା। ଆଦର୍ଶ ଗୁରୁକୁଳ ଏମଓୟୁ ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ଅନୁମୋଦନ ପରେ ବିର୍ଲା କମ୍ପାନୀ ସହ ଏମଓୟୁ କରାଯିବ ବୋଲି ସୂଚନା ମିଳିଛି। ବୈଠକ ପରେ ପୁରୀ ଗସ୍ତରେ ଆସିଥିବା କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳଙ୍କ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଓ ଏସପି ଶ୍ରୀମନ୍ଦିର ଭିତରକୁ ଯାଇ ଭିତର ଏବଂ ବାହାର ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି। ଐତିହ୍ୟ କରିଡର ପ୍ରକଳ୍ପରେ ବିସ୍ତୃତ ସ୍ଥାନ ମିଳିଥିବାରୁ ଏହି ସ୍ଥାନକୁ ସଠିକ୍ ଭାବେ ବ୍ୟବହାର କରାଯାଇ ଭକ୍ତମାନେ କିଭଳି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ସେନେଇ ସମସ୍ତ ବ୍ୟବସ୍ଥା ହେବ। ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ଅଧିକ ପାର୍କିଂ ସ୍ଥଳ ନିରୂପଣ କରାଯିବ ବୋଲି କେନ୍ଦ୍ରାଞ୍ଚଳ ଆଇଜି କହିଛନ୍ତି।

## ବେଙ୍ଗାଲୁରୁରୁ ହିଜବୁଲ ଆତଙ୍କବାଦୀ....

ପିଲାମାନଙ୍କ ସହ କାଶ୍ମୀରରୁ ଫେରାର ହୋଇଥିଲା ପରେ ପୋଲିସ ତଲାସି ଅଭିଯାନକୁ ଜାରିରଖି ବେଙ୍ଗାଲୁରୁରୁ ତାକୁ ଗିରଫ କରିଥିଲା । ତାଲିବ କଥିତ ଭାବେ ବେଙ୍ଗାଲୁରୁର ଶ୍ରୀରାମପୁରର ଗୋଟିଏ ମସଜିଦରେ ଆଶ୍ରୟ ନେଇଥିଲା । ସେଠାରେ ସେ ଧାର୍ମିକ ଉପଦେଶମାନ ମଧ ଦେଉଥିଲେ । ବେଙ୍ଗାଲୁରୁରେ ଆତଙ୍କବାଦୀର ଗିରଫ ପରେ ମୁଖ୍ୟମନ୍ତ୍ରୀ ବାସଭରାଜ ବୋମାଇ ପ୍ରତିକ୍ରିୟା ରଖିଛନ୍ତି । ସେ କହିଛନ୍ତି, ଏହା ଗୋଟିଏ ସ୍ୱାଭାବିକ ପ୍ରକ୍ରିୟା । ପୋଲିସ ଲୋକଙ୍କ ଉପରେ ନଜର ରଖୁଛି । ଆମ ପୋଲିସ ସମସ୍ତଙ୍କୁ ସାହାର୍ଯ୍ୟ କରୁଛି । ପୂର୍ବରୁ ଆତଙ୍କବାଦୀ ଭଟକଲ ମଧ ଗିରଫ ହୋଇଥିଲା । ଜୁନ ୫ରେ ଧରାପଡିଥିବା ତାଲିବ ଜମ୍ମୁର କିଶତବାଡ ଜିଲ୍ଲାରେ ନାଗସେନୀ ତହସିଲ ଅଞ୍ଚଳର ବାସିନ୍ଦା । ୨୦୧୬ରେ ସେ ଆତଙ୍କବାଦୀ ସଂଗଠନ ହିଜବୁଲ ମୁଜାହିଦିନରେ ସାମିଲ ହୋଇଥିଲା । ତାଲିବ ସୁରକ୍ଷାବଳର ହିଟ ଲିଷ୍ଟରେ ଥାଇ ମଧ ଅନେକ ସମୟ ଧରି ବର୍ତ୍ତି ଥିଲା ।

## ଗିରଫ ହେଲେ ଗୁପ୍ତା....

ଆଫ୍ରିକୀୟ ମୁଦ୍ରା ଲୁଟି ନେଇଥିବା ଅଭିଯୋଗ ରହିଛି। ଏବେ ଏମାନଙ୍କୁ ଦକ୍ଷିଣ ଆଫ୍ରିକା ଆଣିବା ପାଇଁ ଯୋଜନା ଚାଲିଛି। ମୂଳ ରୂପେ ଉତ୍ତରପ୍ରଦେଶର ସହାରନପୁରରେ ରହୁଥିବା ତିନି ଗୁପ୍ତା ବ୍ରଦର୍ସ ଅଜୟ, ଅତୁଲ ଓ ରାଜେଶ ୧୯୯୦ରେ ଦକ୍ଷିଣ ଆଫ୍ରିକାରେ ଏକ ଜୋତା ଷ୍ଟୋର ଖୋଲିଥିଲେ। ଏହାପରେ ପୂରା ପରିବାର ଯାଇ ସେଠାରେ ସ୍ଥାୟୀ ଭାବେ ବସବାସ କରିବା ଆରମ୍ଭ କରିଥିଲେ। ପରେ ଗୁପ୍ତା ପରିବାର ଆଇଟି, ମିଡିଆ ଓ ଖନନ କମ୍ପାନୀ ଖୋଲିଥିଲା। ଗୁପ୍ତା ବ୍ରଦର୍ସଙ୍କ ଦୁର୍ନୀତି କାରବାରରେ ବ୍ୟାଙ୍କ ଅଫ୍ ବରୋଦାଙ୍କ ନାମ ମଧ ଉଠିଥିଲା। ଦକ୍ଷିଣ ଆଫ୍ରିକାରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ହେବାପରେ ବ୍ୟାଙ୍କ ଅଫ୍ ବରୋଦା ତାଙ୍କୁ ସାହାଯ୍ୟ କରିଥିବା ଜଣା ପଡିଥିଲା।

## ଶୀତଳଷଷ୍ଠୀ ଯାତ୍ରାରେ....

କେସିଜିରେ ଭର୍ତ୍ତି କରାଯାଇଛି। ଗତକାଲି ମସିହାଖାଲି ଗାଁରେ ଶୀତଳ ଷଷ୍ଠୀ ଯାତ୍ରା ଚାଲିଥିଲା। ବିଳମ୍ବିତ ରାତିରେ ମନୋଜ ଓ ତାଙ୍କର ୨ ସହଯୋଗୀ ଗାଁ ନିକଟକୁ ଶୌଚ କରିବାକୁ ଯାଇଥିଲେ। ଏହି ସମୟରେ ୨୦ରୁ ଅଧିକ ଦୁର୍ବୃତ୍ତ ଆସି ସେମାନଙ୍କୁ ମାରାଣସ୍ତ୍ରରେ ଆକ୍ରମଣ କରିଥିଲେ ବୋଲି ଜଣେ ଆହତ ପ୍ରକାଶ କରିଛନ୍ତି। ମନୋଜ ଓ ତାଙ୍କ ସହଯୋଗୀ ଜୋରରେ ଚିତ୍କାର କରିବାରୁ ଗ୍ରାମବାସୀ ଧାଇଁ ଆସିଥିଲେ। ଦୁର୍ବୃତ୍ତମାନେ ଗ୍ରାମବାସୀଙ୍କୁ ଦେଖି ସେଠାରୁ ଚମ୍ପଟ ମାରିଥିଲେ। ପୂର୍ବତନ ସରପଞ୍ଚ ଓ ତାଙ୍କର ୨ ସହଯୋଗୀଙ୍କୁ ଗ୍ରାମବାସୀ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରାଜନୈତିକ ଶତ୍ରୁତାକୁ ନେଇ ଏହି ଆକ୍ରମଣ ହୋଇଥିବା କୁହାଯାଉଛି। ଏନେଇ ପୂର୍ବତନ ସରପଞ୍ଚଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ପୁଲିସ ଘଟଣାର ତଦନ୍ତ କରୁଛି।

## ଧମକପୂର୍ଣ୍ଣ ଚିଠି ପ୍ରସଙ୍ଗରେ....

ସୂଚନାଯୋଗ୍ୟ ଯେ, ବଲିଉଡ ଅଭିନେତା ସଲମାନ ଖାନ ଓ ତାଙ୍କ ପିତା ସଲିମ ଖାନଙ୍କୁ ଏକ ହତ୍ୟା ଧମକ ମିଳିଥିଲା । ହତ୍ୟା ପାଇଁ ଲେଖାଯାଇଥିବା ଏକ ଚିଠିରେ ଲେଖା ଯାଇଥିଲା, ସଲମାନ ଓ ତାଙ୍କ ପିତା ସଲିମ ଖାନଙ୍କ ହତ୍ୟା ପଞ୍ଜାବୀ ଗାୟକ ସିଦ୍ଧୁ ମୁସେୱାଲାଙ୍କ ପରି ହେବ । ଏଭଳି ଧମକ ପରେ ସଲମାନ ଖାନଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା । ଖାଲି ସେତିକି ନୁହେଁ, ହତ୍ୟା ଧମକ ମିଳିବା ପରେ ଆକ୍ସନ ମୋଡରେ କାମ କରିଥିଲା ମୁମ୍ବାଇ ପୁଲିସ । ମୁମ୍ବାଇ ପୁଲିସ ଓ ସିବିଆଇ ଏକ ଟିମ ସୋମବାର ସକାଳୁ ସଲମାନଙ୍କ ଗାଲେକ୍ସି ଆପାର୍ଟମେଣ୍ଟରେ ପହଁଚଥିଲା ଆଉ ପରିବାର ଲୋକଙ୍କ ବୟାନ ରେକର୍ଡ କରିବା ସହ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଥିଲା । ତେବେ ରବିବାର କିଛି ଅଜ୍ଞାତ ବ୍ୟକ୍ତି ସଲମାନ ଓ ତାଙ୍କ ବାପା ସଲିମ ଖାନଙ୍କୁ ହତ୍ୟା କରିବା ନେଇ ଧମକପୂର୍ଣ୍ଣ ଚିଠି ଦେଇଥିଲେ । ହେଲେ ସଲମାନ୍ ଖାନ୍ ଆଜି ପୋଲିସକୁ ନିଜର ପ୍ରତିକ୍ରିୟା ଦେଇ ଏଭଳି ଧମକପୂର୍ଣ୍ଣ ଚିଠି ଲେଖା ଯିବା କଥାକୁ ଅସ୍ୱୀକାର କରିଛନ୍ତି । ଯାହା ଏବେ ଚର୍ଚ୍ଚାର କାରଣ ସାଜିଛି ।

# ବାରବାଟୀ ଟି-ଟ୍ୱେଂଟି ମ୍ୟାଚ୍ ପାଇଁ ଅଫ୍‌ଲାଇନ୍ ଟିକେଟ ବିକ୍ରି ଆରମ୍ଭ

ଭୁବନେଶ୍ୱର, ୦୭/୦୬ (ନି.ପ୍ର): ଆସନ୍ତା ୧୨ ତାରିଖରେ ବାରବାଟୀରେ ଖେଳାଯିବାକୁ ଥିବା ଇଣ୍ଡିଆ – ସାଉଥ ଆଫ୍ରିକା ଟି-ଟ୍ୱେଂଟି ମ୍ୟାଚ୍ ପାଇଁ ଅଫ୍‌ଲାଇନ୍ ରେ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଓସିଏ ସହିତ ଅନୁବନ୍ଧିତ ଥିବା ସଂଘ, ସ୍କୁଲ, କଲେଜ, କ୍ଲବ ଓ ଅନୁଷ୍ଠାନ ଟିକେଟ କିଣିପାରିବେ। ଏହି ବର୍ଗରେ ୮ ହଜାର ଟିକେଟ ବିକ୍ରି ହେବ। ଓସିଓ କନଫରେନ୍ସ ହଲରେ ସକାଳ ୧୦ ଟାରୁ ଟିକେଟ ବିକ୍ରି ଆରମ୍ଭ ହୋଇଛି। ନିଜ ନିଜ କୋଟା ଅନୁସାରେ ଅନୁବନ୍ଧିତ ସଂସ୍ଥାଗୁଡ଼ିକୁ ଟିକେଟ ମିଳିବ। ଏହାପରେ ୯ ଓ ୧୦ ତାରିଖରେ ଷ୍ଟାଡିୟମର ବିଭିନ୍ନ କାଉଂଟରରେ ସାଧାରଣ ଦର୍ଶକଙ୍କ ପାଇଁ ବିକ୍ରି ହେବ ୧୬ ହଜାର ୧୫୪ଟି ଟିକେଟ। ଆଗରୁ ଅନ୍‌ଲାଇନରେ ୫ ହଜାର ଟିକେଟ ବିକ୍ରି ହୋଇଛି। ଗତକାଲି ଅଫ୍‌ଲାଇନରେ ପ୍ରଥମ ଟିକେଟ କିଣିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓସିଏର ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ପ୍ରମୁଖ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଟିକେଟ ପ୍ରଦାନ କରିଥିଲେ।

# ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ



ବାରିପଦା, ୦୭/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଜୁନ ମାସର ପ୍ରଥମ ସୋମବାର ତା.୦୬.୦୬.୨୦୨୨ ରିଖରେ ଜିଲ୍ଲା ସଦରମହକୁମା ବାରିପଦାରେ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ୍ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଋଷିକେଷ ଦ୍ୟାନଦେଓ ଖିଲାରୀଙ୍କ ତତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫେସିଲିଟେସନ୍ କେନ୍ଦ୍ର ଠାରେ ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିରରେ ଜନସାଧାରଣ ଙ୍କ ଠାରୁ ଗୃହୀତ ହୋଇଥିବା ମୋଟ ୧୦୮ ଟି ବିଭିନ୍ନ ଆପତି ଅଭିଯୋଗର ସମସ୍ୟା ସଂପର୍କୀତ ଶୁଣାଣୀ ହୋଇଥିଲା । ଏଥିରେ ୯୯ ଟି ଅଭିଯୋଗ ପତ୍ର ବ୍ୟକ୍ତିଗତ ଓ ୦୯ ଟି ଆପତି ଅଭିଯୋଗ ପତ୍ର ଗ୍ରାମବାସୀଙ୍କ ସାମୁହିକ ବିଭିନ୍ନ ସମସ୍ୟା ସଂପର୍କୀତ ଅଭିଯୋଗ ଉପରେ ଶୁଣାଣି ହୋଇଥିବାବେଳେ ୭ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ଏଥିରେ ସହୟତା ପାଇଁ ଆସିଥିବା ୩ଟି ଆବେଦନ ପତ୍ର ଉପରେ ଜିଲ୍ଲାପାଳ ପରିସ୍ଥିତି କୁ ବିଚାର କରି ୨ ଜଣ ହିତାଧିକାରୀଙ୍କୁ ପ୍ରତ୍ୟେକ ୫ ହଜାର ଲେଖାଏଁ ଏବଂ ଜଣେ ହିତାଧିକାରୀ୧୦ ହଜାର ମୋଟ ୨୦ ହଜାର ଟଙ୍କାର ଆଁଥିକ ସହାୟତା ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ମଂଜୁର କରିଥିଲେ । ଶିବିରରେ ଶୁଣାଣୀ ହୋଇଥିବା ଅଭିଯୋଗ ବିଷୟ ପ୍ରସଙ୍ଗ ସମସ୍ୟା ଉପରେ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସବିଶେଷ ତଦନ୍ତ କରି ତଥା ଅନୁଧ୍ୟାନ ପୂର୍ବକ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ଉକ୍ତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମରେ ବାରିପଦା ଉପଜିଲ୍ଲାପାଳ ଅନ୍ୟା ଦାସ, ବାରିପଦା ଡିଏଫଓ ସନ୍ତୋଷ ଯୋଶୀ, ପିଡିଡିଆରଡିଏ ପି.ଅନ୍ୱେଷା ରେଡ୍ଡୀ ପ୍ରମୁଖ ବିଭିନ୍ନ ବିଭାଗ ଜିଲ୍ଲାସ୍ତରୀୟ ପଦାଧିକାରୀ, ବାରିପଦା ଉପଖଣ୍ଡ ର ସମସ୍ତ ତହସିଲଦାର, ବି.ଡି.ଓ. ଏବଂ ସଂପୃକ୍ତ ଲାଇନ ବିଭାଗ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ଜରୁରୀ ଅଧିକାରୀ ତଥା ପିଜିସେଲ୍ ନୋଡାଲ୍ ଅଧିକାରୀ,ଡେପୁଟି କଲେକ୍ଟର ସୁଜୟ କୁମାର ପତି ଏବଂ ପିଜିସେଲ୍ ଓ ଜିଲ୍ଲା ଜରୁରୀ ବିଭାଗ ସଂପୃକ୍ତ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ନହଞ୍ଜାରା ଗ୍ରାମବାସୀଙ୍କ ରାସ୍ତା ଅବରୋଧ

ଜଳେଶ୍ୱର,୦୭/୬(ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିର ନହଞ୍ଜାରାଠାରେ ଥିବା ଉନ୍ନତ କିଷମ ଜାଗାରେ ପ୍ରଶାସନ ପକ୍ଷରୁ ପ୍ରକଳ୍ପ ଲାଗି ମାପଚୁପ କରିବାକୁ ଗଲାବେଳେ ଗ୍ରାମବାସୀଙ୍କ ପକ୍ଷରୁ ଆଜି ରାସ୍ତା ଅବରୋଧ ହୋଇଥିଲା । ଗ୍ରାମବାସୀ ଓ ପ୍ରଶାସନର ଆଲୋଚନା ପରେ ସମସ୍ୟାର ସମାଧାନ ହୋଇଛି । ଫଳରେ ଦୀର୍ଘଦିନ ଧରି ଲାଗି ରହିଥିବା ବିବାଦର ଅବସାନ ଘଟିଛି । ଜଳେଶ୍ୱର ସହରରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଲାଗି ଉଦ୍‌ବାସ୍ତୁ ହୋଇଥିବା ପ୍ରାୟ ୩୫୬ ପରିବାରଙ୍କୁ ଥଇଥାନ କରିବା ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ହୋଇଛି । ୧୪ ନଂ ୱାର୍ଡ ନହଞ୍ଜାରା ଠାରେ ଥିବା ୧୧ ଏକର ୭୦ଡିସିମିଲ ଉନ୍ନତ କିଶମ ସ୍ଥାନରେ ସେମାନଙ୍କ ଥଇଥାନ ଓ ସୁବିଧାସୁଯୋଗ, ପାର୍କ, ଖେଳ ପଡିଆ ଇତ୍ୟାଦିର ସୁବିଧା ଯୋଗାଇ ଦେବା ସଂପର୍କରେ ପ୍ରଶାସନ ପକ୍ଷରୁ କୁହାଯାଇ ଆସୁଛି । କିନ୍ତୁ ନହଞ୍ଜାରା ଗ୍ରାବାସୀ ଥଇଥାନ ଯୋଜନାକୁ ବିଭିନ୍ନ କାରଣରୁ ବିରୋଧ କରାଯାଇ ଆସୁଥିବାରୁ କୌଣସି ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁ ନାହିଁ । ଆଜି ପ୍ରଶାସନ ପକ୍ଷରୁ ସେଠାରେ ମାପଚୁପ କରିବାକୁ ଯିବା ଜାଣି ଗ୍ରାମବାସୀମାନେ ଗାଁ ମୁଣ୍ଡରେ ଶତାଧିକ ମହିଳାଙ୍କୁ ଧରି ୩ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ । କିନ୍ତୁ ଘଟଣାସ୍ଥଳରେ ତହସିଲଦାର ସ୍ମୃତିରଂଜନ ମଲ୍ଲି. ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ଆଇଆଇସି ରୋଜାଲିନ୍ ବେହେରା, ଅତିରିକ୍ତ ତହସିଲଦାର ହେମନ୍ତ ନାୟକ, ସବ୍‌ଇନିସ୍‌ପେକ୍ଟର ସନାତନ ବିଶ୍ୱାଳ ଓ ପ୍ରିୟଦର୍ଶିନୀ ଖଟୁଆ, ରାଜସ୍ୱ ନିରୀକ୍ଷକ ଦିଲ୍ଲିପ ଚାନ୍ଦ ପୁଲିସ୍‌ବାହିନୀ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ସଭାପତି ଦିଲ୍ଲିପ ପରିଡା, ସଂପାଦକ ସୁଧିର କୁମାର ଦାସ, ବିକ୍ରମ କେଶରୀ ପରିଡା, ନବିନ ଭୂୟାଁ, ଦୁର୍ଗଶଂକର ଭୂୟାଁ, ରବିନ୍ ଭୂୟାଁ, ବିମ୍ବାଧର ଭୂୟାଁ, ନାରାୟଣ ଦେ, ସମରେନ୍ଦ୍ର ପରିଡା, ଅମୂଲ୍ୟ ଦତ୍ତ, ବିରଞ୍ଚି ନାରାୟଣ ଭୂୟାଁ, ଗୋପାଳ ଚାନ୍ଦ ପ୍ରମୁଖ ପ୍ରଶାସନ ସହିତ ଦୀର୍ଘସମୟ ଧରି ଆଲୋଚନା କରିଥିଲେ । ପ୍ରଶାସନ ସେଠାରେ ଉନ୍ନତିମୂଳକ କାର୍ଯ୍ୟକ୍ରମ ଲାଗି ଉପରସ୍ତରକୁ ଜଣାଇବେ ବୋଲି କହିଥିଲେ ।

## ଜଳଶକ୍ତି ଅଭିଯାନ, "ବର୍ଷାଜଳ ସଂରକ୍ଷଣ" ଓଡ଼ିଶାର ପ୍ରଥମ ଜିଲ୍ଲା ଭାବେ କେନ୍ଦ୍ରାଧିକାରୀଙ୍କ ଦୁଇଦିନିଆ ଭଦ୍ରକ ଗସ୍ତ




ଭଦ୍ରକ,୦୭/୦୬ (ନି.ପ୍ର): ଜଳ ଶକ୍ତି ଅଭିଯାନ ଯୋଜନାରେ ନିର୍ମିତ ଓ ନିର୍ମାଣାଧିନ ପ୍ରକଳ୍ପ ସବୁ ସମ୍ବନ୍ଧରେ ସମୀକ୍ଷା ଓ କ୍ଷେତ୍ରୀୟ ପ୍ରଦର୍ଶନ ଉଦ୍ଦେଶ୍ୟରେ ଉଚ୍ଚପଦସ୍ଥ ଦୁଇ ଜଣିଆ କେନ୍ଦ୍ରୀୟ ଦଳ ଆଜି ଆସି ଭଦ୍ରକରେ ପହଞ୍ଚିଛନ୍ତି । ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧକ୍ଷତାରେ ଡ଼ି.ଆର.ଡ଼ି.ଏ. ସମ୍ମିଳନୀ କକ୍ଷରେ ଉକ୍ତ ଉଦ୍ଦେଶ୍ୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରୀୟ ନୋଡ଼ାଲ ଅଧିକାରୀ ଭାବେ ଆସିଥିବା ଭାରତୀୟ ପ୍ରଶାସନିକ ଅଧିକାରୀ ନିର୍ଦ୍ଦେଶକ (ଆର.ଏଚ୍) ଡ଼. ମନସ୍ୱୀ କୁମାର ଏବଂ ଟେକ୍‌ନିକାଲ ଅଧିକାରୀ ଅମଲ ଏସ୍. ବୋରକର, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଜେନା, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାର ଭଦ୍ରକ, ଧାମନଗର, ବାସୁଦେବପୁର, ଭଣ୍ଡାରିପୋଖରୀ ବ୍ଲକ ଓ ଜିଲ୍ଲାର ୪ଟି ମ୍ୟୁନିସିପାଲିଟିରେ କାର୍ଯ୍ୟକାରୀ କରାଯାଇଥିବା ଜଳଶକ୍ତି ଅଭିଯାନର ପ୍ରକଳ୍ପ ପାଇଁ ବ୍ୟୟବରାଦ, କାର୍ଯ୍ୟର ଅଗ୍ରଗତି, ପ୍ରକଳ୍ପର ସ୍ଥାନ , ପ୍ରକଳ୍ପର ନାମ ଆଦି ସମ୍ବନ୍ଧରେ ଦୃଶ୍ୟ ଶ୍ରାବ୍ୟ ଫଳକ ମାଧମରେ ଏକ ଉପାଦେୟ ଉପସ୍ଥାପନା ରଖାଯାଇଥିଲା । କେନ୍ଦ୍ରୀୟ ଅଧିକାରୀ ଏଥିରେ ସନ୍ତୋଷ ପ୍ରକାଶ ପୂର୍ବକ ସଂପୃକ୍ତ ବ୍ଲକ୍‌ର ବି.ଡ଼ି.ଓ. ବୈଠକରେ ଉପସ୍ଥିତ ସାଳନ୍ଦୀ ଜଳସେଚନର ଅଧୀକ୍ଷଣଯନ୍ତ୍ରୀ, କ୍ଷୁଦ୍ରଜଳସେଚନର ନିର୍ବାହୀ ଯନ୍ତ୍ରୀ ପ୍ରମୁଖଙ୍କ ଠାରୁ ଉକ୍ତ ଅଭିଯାନ ନେଇ ପ୍ରକଳ୍ପର ଉପଯୋଗିତା,, ନୂତନ ଚିନ୍ତାଧାରା, ଭବିଷ୍ୟତ ଯୋଜନା ଆଦି ସମ୍ବନ୍ଦରେ ମତାମତ ଲୋଡ଼ିବା ସହ ଆଲୋଚନା କରିଥିଲେ । ସମୀକ୍ଷା ପରେ ପରେ ଭଦ୍ରକ ମ୍ୟୁନିସ୍‌ପାଲିଟର ୧୪ନଂ ୱାର୍ଡରେ 'ୟାସ୍ମିନ୍' ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ନିର୍ମାଣାଧୀନ ବର୍ଷା ଜଳକୁ ନାଳ ମଧ୍ୟରେ ସକପିଟ୍ ଦ୍ୱାରା ଭୂତଳକୁ ପ୍ରବେଶ କରାଇବା ପ୍ରକଳ୍ପକୁ ବୁଲି ଦେଖିବା ସହ ମହିଳା ମାନଙ୍କୁ ଏହାର ଉପଯୋଗିତା ନେଇ ବିଭିନ୍ନ ପ୍ରଶ୍ନ କରିଥିଲେ। ପରେ ପରେ ଓଲଙ୍ଗ ଗ୍ରା.ପ.ରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପହଞ୍ଚି ଛାତଜଳକୁ ପାଇପ୍ ଯୋଗେ ସଂଗ୍ରହ କରାଯାଇ ବଡ଼ କୁଣ୍ଡ ମଧ୍ୟରେ ସକ୍‌ପିଟ୍ ଜରିଆରେ ଭୂତଳକୁ ପ୍ରବେଶ କରାଇବା ପ୍ରକଳ୍ପ ଦେଖିଥିଲେ । କାଉପୁର ପଞ୍ଚାୟତକୁ ଗସ୍ତ କରି ଅମୃତ ସରୋବର ଯୋଜନାରେ ୯ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ଖନନ ଚାଲିଥିବା ବୁରିଆ ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ ବୁଲି ଦେଖିଥିଲେ । ଏ.ପି.ଡ଼ି. କୁଶଳ ଚନ୍ଦ୍ର ନାୟକ, ଭଦ୍ରକ ବି.ଡ଼ି.ଓ. ସୀତାକାନ୍ତ ରାଉତ, ଓ ଏଲ୍.ଏମ୍ ଜିଲ୍ଲା ପୋଗ୍ରାମ ମ୍ୟାନେଜର ସଂଜୟ କୁମାର ବାରିକ୍, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶିକା ଉର୍ମିଳା ମହାପାତ୍ର, କାଉପୁର ସରପଞ୍ଚ , ଓଲଙ୍ଗ ସରପଞ୍ଚ ଅକ୍ଷୟ ପ୍ରସାଦ ମହାନ୍ତି, ଅଧୀକ୍ଷଣ ଯନ୍ତ୍ରୀ ସାଳନ୍ଦୀ ଜଳସେଚନ ଚିତ୍ତରଞ୍ଜନ ଭୂୟାଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀମାନେ ଏହି କ୍ଷେତ୍ର ପ୍ରଦର୍ଶନ ଦଳରେ ସାମିଲି ଥିଲେ । ସୂଚନାଯୋଗ୍ୟକି ଏହି ଯୋଜନାରେ ୨୦୨୨-୨୩ ପାଇଁ ଆକସନ୍ ପ୍ଲାନ୍ ଅନୁଯାୟୀ ୨୧୨ଟି ଚେକ୍‌ଡ୍ୟାମ୍, ୯୧୯ଟି ପୋଖରୀ, ୧୧ଟି ଟ୍ରେଞ୍ଚ୍, ୨୬୪ଟି ଛାତରୁ ବର୍ଷାଜଳ ଅମଳ ପ୍ରକଳ୍ପ ପାଇଁ ୧୩୩କୋଟି, ୨୧୦ଟି ପାରମ୍ପରିକ ଜଳାଶୟ ପୁନଃଉଦ୍ଧାର ପାଇଁ ୧୧୯ କୋଟି, ୧୬୧ଟି ସକ୍‌ପିଟ୍ ପାଇଁ ୧୩ କୋଟି, ୪୫୩ଟି ପୁନଃ ବ୍ୟବହାର ଏବଂ ରିଚାର୍ଜ ପ୍ରକଳ୍ପ ପାଇଁ ୮୯ କୋଟି , ୨୯୫ ବର୍ଷା ଜଳ ଅମଳ ପ୍ରକଳ୍ପ ପାଇଁ ୬ କୋଟି, ୮୦୦ ରନିଂ କି.ମି. ବୃକ୍ଷରୋପଣ ପାଇଁ ୪୭ କୋଟି ଟଙ୍କାର ବ୍ୟୟ ବରାଦ ଅଛି । ଜଳଶକ୍ତି ଅଭିଯାନ ଯୋଜନାରେ ପ୍ରଥମ ଜିଲ୍ଲାଭାବେ ଭଦ୍ରକ ଜିଲ୍ଲାକୁ କେନ୍ଦ୍ରୀୟ ଦଳଙ୍କ ଗସ୍ତ ଓ ତଦନ୍ତ କାର୍ଯ୍ୟକ୍ରମ ସହ ମାର୍ଗଦର୍ଶନ ପାଇଁ ବୈଠକରେ ସ୍ୱାଗତ କରାଯାଇ ଧନ୍ୟବାଦ ପ୍ରଦାନ କରାଯାଇଥିଲା ।

## ଅନନ୍ତ ପୁରରେ ପିଇବା ପାଣିର ଉତ୍କଟ ଅଭାବ



ଉଦଳା, ୦୭/୦୬ (ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଅନନ୍ତପୁର ଗ୍ରାମମରେ ପିଇବା ପାଣିର ଉତ୍କଟ ଅଭାବ ପରିଲକ୍ଷିତ ହୋଇଛି । ଫଳରେ ଲୋକେ ନାହିଁନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ଏ ବାବଦରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜଣାଇଲେ କେହି କର୍ଣ୍ଣପପାତ କରୁ ନାହାଁନ୍ତି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିବା ସହିତ ଶେଷରେ ବାଧ ହୋଇ ଆଜି ଜୁନ ୭ ତାରିଖ ମଙ୍ଗଳବାର ଦିନ ଶତାଧିକ ମହିଳା କଳସୀ, ଗରା ଇତ୍ୟାଦି ଧରି ଏକ ଶୋଭାଯାତ୍ରାରେ ବାହାରି ପାଦରେ ଚାଲିଉଦଳା ପର୍ଯ୍ୟନ୍ତ ଆସିଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ମହିଳା ମାନେ ଆମକୁ 'ପାଣି ଦିଅ , 'ପାଣି ଦିଅ ' ସ୍ଲୋଗାନ ଦେଇ ଉଦଳା ସହର ପରିକ୍ରମା କରି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚିଥିଲେ ଓ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ଜଳପାତ୍ରକୁ ଥୋଇଦେଇ ଧାରଣାରେ ବସିଥିବାର ଦୃଶ୍ୟ ଦେଖିବାକୁ ମିଳିଛି ।

## ଜଳେଶ୍ୱର ପୋଲିସ୍ ଓ ପ୍ରଶାସନ ଏକତରଫା କାର୍ଯ୍ୟା କରୁଛି : କଂଗ୍ରେସ

ଜଳେଶ୍ୱର, ୦୭/୬(ନି.ପ୍ର): ଜଳେଶ୍ୱର ପୋଲିସ୍ ଓ ପ୍ରଶାସନ ଶାସକ ଦଳର ପ୍ରରୋଚନାରେ ଏକ ତରଫା କାର୍ଯ୍ୟ କରୁଛି ବୋଲି ଆଜି ଏକ ପ୍ରେସ୍‌ବାର୍ତ୍ତା ଅଭିଯୋଗ କରାଯାଇଛି । ଉଦ୍ଦେଶ୍ୟମୂଳକ ଭାବେ କଂଗ୍ରେସ ନେତା, କର୍ମୀ ଓ ସମର୍ଥକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଥିବାରୁ ଏହାର ବିରୋଧରେ ଜଳେଶ୍ୱର କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି । ପଂଚାୟତର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କଲାବେଳେ ବିରୋଧି କଂଗ୍ରେସକୁ ଅଣାଦେଖା କରିବା, ସମବାୟ ନିର୍ବାଚନରେ ଅନିୟମିତତା ପ୍ରତିବାଦ କରିବାରୁ କଂଗ୍ରେସ ନେତା ଗୋପାଳକୃଷ୍ଣ ଜେନାଙ୍କୁ ଗିରଫ କରିବା, ଗଡସାହୀ ବାଲିଆପାଳ ସରପଂଚଙ୍କୁ ମିଥ୍ୟା ଆରୋପରେ ବଦନାମ କରିବା ଓ କେସ୍ କରିବା, ଜଳେଶ୍ୱର ମ୍ୟୁନିସିପାଲଟିର ବିଭିନ୍ନ ୱାର୍ଡରେ ବିରୋଧି କଂଗ୍ରେସ କର୍ମୀଙ୍କ ଉପରେ ମିଥ୍ୟା କେସ୍ କରିବା ସହିତ ଜନହିତକାରୀ ଯୋଜନାରେ କଂଗ୍ରେସ ହୀତାଧିକାରୀଙ୍କୁ ଉପେକ୍ଷା କରିବା ଶାସକ ଦଳର ପ୍ରରୋଚନାରେ କରାଯାଉଥିବା କଂଗ୍ରେସ ରାଜ୍ୟ ପ୍ରବକ୍ତା ସୂଦର୍ଶନ ଦାସ, ଟାଉନ୍ କଂଗ୍ରେସ ସଭାପତି ଗିରିଜା ଶଂକର ଦାସ, ରିଆଜ ଖାଁ, ଜିଲା କଂଗ୍ରେସ ସାଧାରଣ ସଂପାଦକ ହେମନ୍ତ ଗିରି, କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ବ୍ଲକ କଂଗ୍ରେସ ସଭାପତି ରାଜୀବ ପରିଡା ପ୍ରମୁଖ ଏକ ପ୍ରେସ୍‌ବାର୍ତ୍ତାରେ କହିଛନ୍ତି ।

## ଗାଳ୍ପିକ ବୃନ୍ଦାବନ ଦାଶଙ୍କ 'ସେ କାଳର କଥା' ଲୋକାର୍ପିତ



ବାରିପଦା, ୦୬/୦୬ (ନି.ପ୍ର): ଗାଳ୍ପିକ ବୃନ୍ଦାବନ ଦାଶଙ୍କ ଲିଖିତ ପୌରାଣିକ ଓ ଐତିହାସିକ ଗଳ୍ପ ସଂକଳନ ସେ କାଳର କଥା ଲୋକାର୍ପିତ ହୋଇଯାଇଛି । ସାହିତ୍ୟିକ ଅଜିତ କୁମାର କବାଟଙ୍କ ପୌରହିତ୍ୟରେ କଲ୍ୟାଣୀ ମହିଳା ସମିତି ସଭାଗୃହରେ ଅନୁଷ୍ଠିତ ଏହି ଲୋକାର୍ପଣ ସମାରୋହରେ ବରିଷ୍ଠ କବି ଡ. ନୀଳକଣ୍ଠ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ କାଳର କଥା ଓଡିଆ ଗଳ୍ପ ସାହିତ୍ୟରେ ଏକ ସାର୍ଥକ ସୃଷ୍ଟି ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତାଭାବେ ଧନେଶ୍ୱର ପଣ୍ଡା ଓ ସମ୍ମାନିତ ବକ୍ତା ଭାବେ ନାଟ୍ୟକର ମନୋଜ ଦଳବେହେରା ଯୋଗ ଦେଇଥିଲେ । ମୟୂରଭଂଜ ସାହିତ୍ୟ ପରିଷଦ ସଭାପତି ପଦ୍ମନାଭ ସାହୁ ପୁସ୍ତକଟିର ସମୀକ୍ଷା କରିଥିଲେ । ନାଟ୍ୟକାର ଆଶିଷ ବସା ମଂଚ ପିରଚାଳନା କରିଥିବା ବେଳେ କୁମାର ଓମ୍ ବେଦ ପାଠ କରିଥିଲେ । ଉତ୍ସବରେ ବହୁ ସାହିତ୍ୟିକ ଉପସ୍ଥିତ ଥିଲେ । ପୁସ୍ତକରେ ୧୨ଟି ଗଳ୍ପ ସ୍ଥାନିତ ଯାହା ପାଠକୀୟ ସ୍ୱୀକୃତ ଲାଭ କରିବ ବୋଲି ମତପ୍ରକାଶ କରାଯାଇଥିଲା ।

## ୩ ବନ୍ଧୁଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର : ୧୦୩ ୟୁନିଟ୍ ସଂଗୃହିତ

ଜଳେଶ୍ୱର, ୦୭/୦୬ (ନି.ପ୍ର): ଜଳେଶ୍ୱର ଅଂଚଳର ୩ ବଂଧୁଙ୍କ ଜନ୍ମ ଦିନ ଏକ ନିଆରା ଢଙ୍ଗରେ ପାଳିତ ହୋଇଛି । ଏଥିରେ ସାଧାରଣ ଭାବରେ କେକ୍ କଟା ନଯାଇ ମୁମୂର୍ଷୁ ବ୍ୟକ୍ତିଙ୍କ ଜୀବନ ରକ୍ଷା ଲାଗି ରକ୍ତ ସଂଗ୍ରହ କରାଯାଇଛି । ବିଜେଡି ଦଳର ଚନ୍ଦନ କୁମାର କର (ମୁନା), ରାସବିହାରୀ ରଣା (ମୁନା) ଓ କାଳିଚରଣ ଦାସ (କାଳିଆ)ର ଜନ୍ମ ଦିନ ଅବସରରେ ଏପରି ଶିବିର ଆୟୋଜନ କରିଥିବା ଜଣାଯାଇଛି । ଜଳେଶ୍ୱରର ମୁରଲୀ କଲ୍ୟାଣ ମଣ୍ଡପରେ ଆଜି ୧୦୩ଜଣ ସ୍ୱେଚ୍ଛାକୃତଭାବେ ରକ୍ତଦାନ କରି ଜିଲାରେ ଆବଶ୍ୟକ ହେଉଥିବା ରକ୍ତ ସଂଗ୍ରହ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ଜଳେଶ୍ୱର ତହସିଲଦାର ସ୍ମୃତିରଂଜନ ମଲ୍ଲିକ ଉଦ୍‌ଘାଟନ କରିଥିବା ବେଳେ ଜୀବନବିନ୍ଦୁ କାର୍ଯ୍ୟକ୍ରମର ନିର୍ବାଚନମଣ୍ଡଳୀ ସଂଯୋଜକ ମଧୁସୂଦନ ସେନାପତି, ରାଜ୍ୟ ସଭାପତି ସୁଭେନ୍ଦୁ ମଂଗରାଜ, ସିମନ ଦାସ ମହାପାତ୍ର ପ୍ରମୁଖ ଯୋଗ ଦେଇ ରକ୍ତର ବିକଳ୍ପ ନ ଥିବାରୁ ରକ୍ତଦାନ ଯୁବ ସମାଜର ଅନ୍ୟଏକ କର୍ତ୍ତବ୍ୟ ବୋଲି କହିଥିଲେ । ଏଥିରେ ବାଲେଶ୍ୱର ରକ୍ତଭଣ୍ଡାରର ଡାକ୍ତର ପ୍ରଶାନ୍ତ କୁମାର ଦାସ, ଟେକ୍‌ନିସିଆନ୍ ଦେବାଶିଷ ଦତ୍ତ, ସୁଚିସ୍ମିତା ଦାସ, ଅକ୍ଷୟ ଜେନା, ସବନମ ଦାସ, ବିଦ୍ୟାଧର ସାହୁ, ବିନୋଦ ବିହାରୀ ଦାସ ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ ।

## ଚାଇଲ୍ଡ ଲାଇନ୍, ପୁଲିସ୍ ଓ ଶ୍ରମ ବିଭାଗର ମିଳିତ ଚଢାଉ : ୫ ଶିଶୁ ଉଦ୍ଧାର




ଜଳେଶ୍ୱର, ୦୭/୬(ନି.ପ୍ର): ଜଳେଶ୍ୱର ଅଂଚଳରେ ବିଭିନ୍ନ ଦୋକାନ, ଗ୍ୟାରେଜ, ଇଟାଭାଟି, ଗୃହନିର୍ମାଣ, ରାସ୍ତା ନିର୍ମାଣ, ବାଲି ଚାଲାଣ ଇତ୍ୟାଦିରେ ବହୁ ଶିଶୁଙ୍କୁ ବ୍ୟବହାର କରାଯାଉଛି । କେତେକ ସ୍ୱଇଚ୍ଛାରେ ଓ ଅନ୍ୟ କେତେକ ଯୋର ଜବରଦସ୍ତ ଖରା, ବର୍ଷା, ଶୀତରେ ଏଭଳି କାର୍ଯ୍ୟକ୍ରମରେ ନିୟୋଜିତ କରାଯାଉଛି । ଫଳରେ ଶିଶୁ ସୁରକ୍ଷା ଆଇନ୍ ବାଟବଣା ହୋଇଛି ବୋଲି ଅଭିଯୋଗ ହୋଇ ଆସୁଥିଲା । ଆଜି ଶ୍ରମ ବିଭାଗର ଶ୍ରମ ନିରିକ୍ଷକ ଦିଲ୍ଲିପ ହାଁସଦା, ସହକାରୀ ଶ୍ରମ ଅଧିକାରୀ ଦୀପ୍ତିରଂଜନ ସାହୁ, ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପର କ୍ଷେତ୍ର ପରିଦର୍ଶକ ତନ୍ମୟ ବିଶ୍ୱାଳ, ଜିଲା ମୁଖ୍ୟ ଶିଶୁ ଶ୍ରମିକ ସୁରକ୍ଷା ଅଧିକାରୀ ପ୍ରଶାନ୍ତ ରାଉତ, ବାଲିଆପାଳ ଟିମ୍‌ର ସଦସ୍ୟ ଉତ୍ତମ ନାୟକ ଓ ସ୍ଥାନୀୟ ପୁଲିସ୍ ଜଳେଶ୍ୱର ସହରର କେତେକ ସ୍ଥାନରେ ଅତର୍କିତ ଚଢାଉ କରିଥିଲେ । ଏଥିରେ ବଡବଜାର ଛକର ୨ଟି ଜଳଖିଆ ଦୋକାନରୁ ୩ଜଣ ଓ ଫର୍ଣ୍ଣିଚାର ଦୋକାନରୁ ୨ଜଣ ଶିଶୁଙ୍କୁ ଉଦ୍ଧାର କରି ବାଲେଶ୍ୱର ନିଆଯାଇଛି । ଦ୍ୱି ପ୍ରହରାରେ ଜିଲା ଶିଶୁ ମଂଗଳ କମିଟିର ସଦସ୍ୟ ଆଶିଷ ଘୋଷ ଓ ଗୌରୀରାଣୀ ଉପାଧ୍ୟାୟଙ୍କ ଇଜିଲାସ୍‌ରେ ଛଡାଯାଇଥିବା ଜଣାଯାଇଛି ।

## 'ସେବା, ସୁଶାସନ ଓ ଗରିବ କଲ୍ୟାଣ ପର୍ବ' ଉପଲକ୍ଷେ ମହିଳା ସମାବେଶ

ଭଦ୍ରକ,୦୭/୦୬ (ନି.ପ୍ର): ମୋଦୀ ସରକାରଙ୍କ ୮ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଚାଲିଥିବା 'ସେବା, ସୁଶାସନ ଓ ଗରିବ କଲ୍ୟାଣ ପର୍ବ' ପାଳନ ଅବସରରେ ଦେଶବ୍ୟାପୀ ତଥା ରାଜ୍ୟରେ ବିଭିନ୍ନ ସ୍ଥାନରେ 'ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସମାବେଶ' ଆୟୋଜିତ ହୋଇଯାଇଛି । ଭଦ୍ରକ ଜିଲ୍ଲା ଭଣ୍ଡାରପୋଖରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଷ୍ଣୁପୁର ଠାରେ ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ଉପାଧକ୍ଷା ଶକୁନ୍ତଳା ସାମଲଙ୍କ ସଂଯୋଜନାରେ ଏକ ମହିଳା ସମାବେଶ ଆୟୋଜିତ ହୋଇଯାଇଛି । ଏଥିରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀ ନାରାୟଣ ଧଳ ଏବଂ ଭଦ୍ରକ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ ପ୍ରମୂଖ ଯୋଗଦେଇ ମୋଦୀ ସରକାରଙ୍କ ମହିଳାଙ୍କ ପାଇଁ ଉପଲବ୍ଧି ବିଭିନ୍ନ ଯୋଜନା ବାବଦରେ ଉପସ୍ଥିତ ଥିବା ମହିଳାଙ୍କୁ ଅବଗତ କରାଇଥିଲେ। ସେହିପରି ବାସୁଦେବପୁର ନିର୍ବାଚନ ମଣ୍ଡଳୀରେ ନଗର ସଭାନେତ୍ରୀ ଗୌରୀ ବେହେରାଙ୍କ ସଂଯୋଜନାରେ ଏକ ମହିଳା ସମାବେଶ ଆୟୋଜିତ ହୋଇଯାଇଥିବା ବେଳେ ଭଦ୍ରକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଇଚ୍ଛାପୁର ଠାରେ ଏକ ମହିଳା ସମାବେଶ ଆୟୋଜିତ ହୋଇଯାଇଛି । ଏଥିରେ ଜିଲ୍ଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ ଏବଂ ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁଙ୍କ ସମେତ ଜିଲ୍ଲା ସମ୍ପାଦିକା ଚୈତାଳି ଖିଲାର, ସରସ୍ୱତୀ ସେନାପତି ଏବଂ ରୁକ୍ମିଣୀ ଘଡେଇ ପ୍ରମୂଖ ଯୋଗଦେଇ ମୋଦୀ ସରକାରଙ୍କ ମହିଳାଙ୍କ ପାଇଁ ଉପଲବ୍ଧି ବିଭିନ୍ନ ଯୋଜନା ବାବଦରେ ଉପସ୍ଥିତ ଥିବା ମହିଳାଙ୍କୁ ଅବଗତ କରାଇଥିଲେ।

## ଜନପ୍ରତିନିଧିଙ୍କୁ ରାଜସ୍ୱ ନିରିକ୍ଷକଙ୍କ ଅଶାଳିନ ମନ୍ତବ୍ୟ ପ୍ରତିବାଦରେ ଧାରଣା

ଜଳେଶ୍ୱର, ୭/୬(ନି.ପ୍ର): ଜଳେଶ୍ୱର ବ୍ଲକର ବାଇଗଣ ବାଡିଆ ପଂଚାୟତର କଣ୍ଟାନାଳ ଓ ଆକନା ଗ୍ରାମରେ ଗତ ମେ ମାସ ୨୯ ତାରିଖରେ କାଳ ବୈଶାଖୀରେ କେତେକ ଲୋକଙ୍କ ଘରର ଛପର ଉଡିଯାଇଥିଲା । ଏ ସମ୍ପର୍କରେ ପଂଚାୟତର ନାଏବ ସରପଂଚ ପଶ୍ଚିମବାର୍ଡ ରାଜସ୍ୱ ନିରିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗତ ଶନିବାର ଏ ସମ୍ପର୍କରେ ରାଜସ୍ୱ ନିରିକ୍ଷକ ଅଳ୍ପ କେତେକ ଘର ତଦନ୍ତ କରି ଫେରିଥିଲେ ମଧ୍ୟ ଗ୍ରାମର ପ୍ରାୟ ୧୦ରୁ ଅଧିକ କ୍ଷତିଗ୍ରସ୍ତଙ୍କ ଘରକୁ ପରିଦର୍ଶନ କରିନଥିଲେ । ଫଳରେ ନାଏବ ସରପଂଚ ସୁଜାତା ରାଣୀ ଜେନାଙ୍କ ପ୍ରତିନିଧି ଫୋନ ଯୋଗେ ରାଜସ୍ୱ ଅଧିକାରୀଙ୍କୁ ଏ ସମ୍ପର୍କରେ ଆଲୋଚନା କରିଥିବା ବେଳେ ଅଧିକାରୀ ଜଣକ ତାଙ୍କୁ କଟୁ ଓ ଅଶାଳିନ ମନ୍ତବ୍ୟ ଦେଇ ଫୋନ କାଟି ଦେଇଥିଲେ । ଏଥିରେ ଜନପ୍ରତିନିଧି ତଥା ନାଏବ ସରପଂଚଙ୍କ ସମ୍ମାନ ହାନୀ ହେବା ଯୋଗୁଁ ସେ ଜଳେଶ୍ୱର ଜହସିଲଦାରଙ୍କୁ ଏକ ପତ୍ର ଲେଖିବା ସହିତ ବାଇଗଣବାଡିଆ ପଂଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବହୁ କ୍ଷତିଗ୍ରସ୍ତଙ୍କ ସହିତ ଧାରଣାରେ ବସିଥିଲେ ।

## ଜିଲ୍ଲା ଶିକ୍ଷା ଅଧାକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପେନସନ ମେଳା



ବାରିପଦା, ୦୬/୦୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀଙ୍କ ସମ୍ମିଳନୀ କକ୍ଷରେ ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା), ମୟୂରଭଞ୍ଜ ସହଯୋଗରେ ମଇ ମାସରେ ଚାକିରୀରୁ ଅବସର ନେଇଥିବା ମାଧମିକ ସ୍କୁଲ ଶିକ୍ଷକ ଓ କର୍ମଚାରୀମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ସହିତ ପ୍ରୋଭିଜନାଲ ପେନସନର କାଗଜପତ୍ର ପ୍ରଦାନ କରାଯାଇଥିଲା । ଜିଲ୍ଲା ଶିକ୍ଷାଧାକାରୀ ନବକିଶୋର ଗିରିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ପରିଦର୍ଶକ ଜ୍ଞାନରଂଜନ ଆଚାର୍ଯ୍ୟ, ଅଫିସ୍ ସହକାରୀ ଶିବପ୍ରସାଦ ବେହେରା, ପିନାକୀ ବେରା, କ୍ଷେତ୍ରମୋହନ ବେହେରା ଓ ସହାୟକ ଦେବ ପ୍ରସାଦ ମହାନ୍ତଙ୍କ ସହିତ ଓଡିଶା ମାଧମିକ ସ୍କୁଲ ଶିକ୍ଷକ ସଂଘର ରାଜ୍ୟ ସଂପାଦକ ଭରତ ଚନ୍ଦ୍ର ବରାଳ, ଜିଲ୍ଲା ସଭାପତି ମନୋରଂଜନ ରାଉତ, ଉପ-ସଭାପତି ବିଜୟ କୁମାର ପାଣିଗ୍ରାହୀ, ଜିଲ୍ଲା ସଂପାଦକ ଚିତରଂଜନ ପଲତା, ବାମନଘାଟୀ-ପଂଚପୀଢ ସମ୍ପାଦକ ଦୁର୍ଯ୍ୟୋଧନ ବେହେରା, ଯୁଗ୍ମ ସଂପାଦକ ଶ୍ରୀ କିଶୋର କୁମାର ଆଚାର୍ଯ୍ୟ ଓ ବାରିପଦା ବ୍ଲକ୍ ସଂପାଦକ ପ୍ରଦୀପ ଚନ୍ଦ୍ର ମହାନ୍ତଙ୍କ, ବାଙ୍ଗିରିପୋଷି ବ୍ଲକ୍ ସଂପାଦକ ବିକାଶ କୁମାର ପଣ୍ଡା, କପ୍ତିପଦା ବ୍ଲକ୍ ସଂପାଦକ ନାରାୟଣ ବେହେରାଙ୍କ ଉପସ୍ଥିତିରେ ଏହି ମଇ ମାସ ସେବା ନିବୃତ ହୋଇଥିବା ଶ୍ୟାମାଖୁଂଟା ବ୍ଲକ୍ ଶିକ୍ଷା ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ୧୦ ଜଣ ପ୍ରଦାନ ଶିକ୍ଷକ, ୭ ଜଣ ସହକାରୀ ଶିକ୍ଷକ, ୩ ଜଣ ଅଫିସ୍ ସହକାରୀ ଏବଂ ୬ ଜଣ ପିଅନ୍, ଏହିପରି ମୋଟ୍ ୨୭ଜଣ ଅବସରପ୍ରାପ୍ତ କର୍ମଚାରୀ ଜିଲ୍ଲା ଶିକ୍ଷାଧିକାରୀଙ୍କ ଠାରୁ ମାନପତ୍ର, ଅନ୍ୟାନ୍ୟ କାଗଜପତ୍ର ଓ ପୁଷ୍ପଗୁଚ୍ଛ ଗ୍ରହଣ କରିଥିଲେ । ଅବସର ଗ୍ରହଣ କରିଥିବା ଶିକ୍ଷକ-କର୍ମଚାରୀମାନେ ସେମାନଙ୍କର ଦୀର୍ଘ ଦିନର ଚାକିରୀ ଅନୁଭୁତି ଉପରେ ଆଲୋକପାତ କରିଥିଲେ । ଶେଷରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଂଜନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

## କବି ସୁରେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ




ଭଦ୍ରକ,୦୭/୦୬ (ନି.ପ୍ର): ଯେକୌଣସି ସ୍ଥାନର ଐତିହ୍ୟ, କଳା, ସଂସ୍କୃତି ଓ ସଂଗ୍ରାମ ପ୍ରେକ୍ଷାପଟ୍ଟରେ କବିତା ଉନ୍ମେଷିତ ହେଲେ ତାହା ପାଲଟିଯାଏ ଜାତୀୟତାବୋଧର ସୁରଭି। କବି ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି ଜାତୀୟ ଜୀବନର ଜଣେ ଅଙ୍ଗୀକାରବଦ୍ଧ ଶିଳ୍ପୀ। ଜାତୀୟ ଜୀବନର ନିର୍ଲିପ୍ତ ବିଭୋରତା ତାଙ୍କ କବିତାର ହୃଦୟଭେଦି ଆହ୍ୱାନ ବୋଲି ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ଆନୁକୂଲ୍ୟରେ ଆୟୋଜିତ କବି ଡକ୍ଟର ମହାନ୍ତିଙ୍କ ଦୁଇଟି କବିତା ଗ୍ରନ୍ଥ 'ଜୀବନ ସ୍ରୋତ' ଓ 'ତ୍ୟାଗଭୂମି ଭଦ୍ରକ' ଲୋକାର୍ପଣ ଉତ୍ସବରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । 'ତ୍ୟାଗଭୂମି'ର ସଭାପତି ଅଜୟ ନାୟକଙ୍କ ଆବାହକତ୍ୱରେ ଓ ଡକ୍ଟର ଶଶଧର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ମନୀନ୍ଦ୍ର ମହାନ୍ତି ଯୋଗଦେଇ ସାରସ୍ୱତ ସାଧନା ଜୀବନର ମହୋଷଧୀ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଡକ୍ଟର ଅଭୟ କୁମାର ଦାସ, ସମ୍ମାନନୀୟ ବକ୍ତା ପାଳିଆବିନ୍ଧା କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ବିଶ୍ୱରଞ୍ଜନ ଦାସ ଓ ଅନ୍ୟତମ ସମ୍ମାନନୀୟ ବକ୍ତା ଭାବେ ଶିକ୍ଷାବିତ୍ ସାହିତ୍ୟିକ ଗଗନ ବିହାରୀ ରାଉତ ଯୋଗଦେଇ ପୁସ୍ତକ ଦୁଇଟି ଉପର ଆଲୋଚନା କରିଥିଲେ। କବି ଡକ୍ଟର ମହାନ୍ତି ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମେଳନ ସାଂସ୍କୃତିକ ସମ୍ପାଦକ ସୁଧାକର ରାଉତ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାଳନ୍ଦୀ ମଲ୍ଲିକ ବେଦପାଠ କରିଥିବା ବେଳେ ଗାନ୍ଧି ଓଡିଶା ବାଳାଶ୍ରମର ଶିଳ୍ପୀମାନେ ପ୍ରାରମ୍ଭିକ ସଂଗୀତ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ। ବାଇଚଢେଇର ସମ୍ପାଦକ ବିକାଶ କୁମାର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo